


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 NOVEMBER 2021

Vol.No. 32 ■ No. 283 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚୀନର ଷଡଯନ୍ତ୍ର : ବିବାଦୀୟ କ୍ଷେତ୍ରରେ ଗାଁ ବସାଉଛି ଡ୍ରାଗନ୍



ନୂଆଦିଲ୍ଲୀ,୦୬/୧୧: ଚାଇନରା ନୂଆ ସୀମା ଆଇନକୁ ନେଇ ରିପୋର୍ଟ ପ୍ରକାଶ କରିଛି ଆମେରିକାର ପଂଟାଗନ । ଏହି ରିପୋର୍ଟରେ ଚୀନର ବିସ୍ତାରବାଦୀ ନୀତିର ପୋଲ୍ ଖୋଲିଯାଇଛି । ରିପୋର୍ଟରେ ଆମେରିକା କହିଛି, ଏହି ନୂଆ ସୀମା ଆଇନ ବଳରେ ଏବେ ବିବାଦୀୟ ସୀମା ଅଂଚଳରେ ଭାରତକୁ ପଛକୁ ଠେଲିବ ଚୀନ । ବିବାଦୀୟ ଅଂଚଳ ଗୁଡିକରେ ଡ୍ରାଗନ ଏହାର ଦାବିକୁ ଅଧିକ ଶକ୍ତିଶାଳୀ କରିବ । ଭାରତ-ଚୀନ ମଧ୍ୟରେ ସୀମାକୁ ନେଇ କେବେ ହେଲେ ଔପଚାରିକ ଭାବେ କୌଣସି ନିର୍ଦ୍ଦିଷ୍ଟ ଚୁକ୍ତି ହୋଇନାହିଁ । ଦେଶ ସ୍ୱାଧୀନତା ଆଗରୁ ଏହି ଅବସ୍ଥା ଆଜି ଯାଏଁ ବି ଚାଲିଛି । ଏପରି ଅବସ୍ଥାରେ ଚୀନ ଏହାର ନୂଆ ସୀମା ଆଇନ ଆଣିଛି । ଯେଉଁଥିରେ ଅନେକ ଧାରା ଓ ଅନୁଚ୍ଛେଦ ରହିଛି । ତେବେ ଚୀନର ଏହି ନୂଆ ସୀମା ଆଇନକୁ ନେଇ ପୋଲ୍ ଖୋଲି ଦେଇଛି ଆମେରିକାର ପେଂଟାଗନ । ପେଂଟାଗନ ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଚୀନର ନୂଆ ସୀମା ଆଇନ ପଛରେ ରହିଥିବା ଆଭିମୁଖ୍ୟକୁ ସ୍ପଷ୍ଟ ଧରି ପାରିଛି ଆମେରିକା । ଚୀନ ସୀମା ଆଇନକୁ ନେଇ ପେଂଟାଗନର ରିପୋର୍ଟ, ନୂଆ ସୀମା ଆଇନ ପଛରେ ଚୀନର ଅଛି ଷଡଯନ୍ତ୍ର, ବିବାଦୀୟ ଅଂଚଳ ଦଖଲ କରିବାକୁ ଡ୍ରାଗନର ରଣନୀତି, ନୂଆ ସୀମା ଆଇନ ଲାଗୁ କରି ଭାରତକୁ ପଛକୁ ଠେଲିବ ଚୀନ । ଲାଇନ ଅଫ୍ ଆକଚୁଆଲ୍ କଂଟ୍ରୋଲ ବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ନେଇ ଭାରତ-ଚୀନ ମଧ୍ୟରେ ତିକ୍ତତା ଚାଲିଛି । ଏହି ଏଲଏସିକୁ ନେଇ ବିଶେଷ ଭାବରେ ଚୀନ ଓ ନୂଆଦିଲ୍ଲୀ ମଧ୍ୟରେ ଆଲୋଚନା ବି ଫଳବତୀ ହୋଇନାହିଁ । ଏପରି ଅବସ୍ଥାରେ ଚୀନର ନୂଆ ସୀମା ଆଇନକୁ ନେଇ ପେଂଟାଗନ ଆକଳନ କରିଛି, ଏହି ଆଇନ ପରେ ବେଜିଂ ଓ ନୂଆଦିଲ୍ଲୀ ମଧ୍ୟରେ ସଂପର୍କ ଅଧିକ ତିକ୍ତ ହେବ । ସବୁବେଳେ ଭାରତ-ଚୀନ ସୀମା ବିବାଦ ତଥା ଲଦାଖରେ ଅସନ୍ତୋଷ ଉପରେ ନଜର ରଖି ଆସୁଛି ଆମେରିକା । ଏହାକୁ ନେଇ ପେଂଟାଗନ୍ ସ୍ପଷ୍ଟ କରିଛି କଥା ସୀମାକୁ ନେଇ ଆସିଲେ ଚୀନ ସବୁବେଳେ ଅଧିକ ଉଗ୍ର ଆଭିମୁଖ୍ୟ ଗ୍ରହଣ କରୁଛି । କେବଳ ଭାରତ ନୁହଁ ଚୀନକୁ ଲାଗି ରହିଥିବା ଅନ୍ୟ ପଡୋଶୀଙ୍କ ସହିତ ମଧ୍ୟ ଚୀନ ଏପରି ଆଭିମୁଖ୍ୟ ରଖି ଆସୁଛି । ସବୁବେଳେ ଲାଇନ ଅଫ୍ ଆକଚୁଆଲ କଂଟ୍ରୋଲ ବା ଏଲଏସିରେ ପ୍ରତିରକ୍ଷା ରଣନୈତିକ ମାମଲାରେ ଆଗୁଆ ହେବାକୁ ଚୀନ କରି ଆସୁଛି ଉଦ୍ୟମ । ସେପଟେ ଚୀନ୍ ଆମେରିକାକୁ ଭାରତ-ଚୀନ ସୀମା ବିବାଦରେ ମୁଣ୍ଡ ନପୁରାଇବାକୁ କହିଥିବା ପେଂଟାଗନ ରିପୋର୍ଟରେ କୁହାଯାଇଛି । ଅରୁଣାଚଳ ପ୍ରଦେଶର ଗୋଟିଏ ଅଂଚଳ ହେଉଛି ଟିସାରୀ ଚୁ ନଦୀର ଉପକୂଳ । ଉପର ସୁବନସିରି ଜିଲ୍ଲାର ଏହା ଅଂଚଳ । ଚୀନ କିନ୍ତୁ ଏଠାରେ କଲୋନୀ ତିଆରି କରିଛି । ଭାରତୀୟ ସୀମାର ପ୍ରାୟ ୪.୫ କିଲୋମିଟର ଅଂଚଳ ଭିତରକୁ ଆସି ଚୀନ ୧୦୧ଟି ଘର ବିଶିଷ୍ଟ ଏକ ବଡ କଲୋନା ନିର୍ମାଣ କରିଛି । ଏହି ଅଂଚଳ ଭାରତର । କିନ୍ତୁ ୧୯୫୯ ଠାରୁ ଚୀନ ଏହା ଉପରେ ଅଧିକାର ଦାବି କରି ଆସୁଛି । ପେଂଟାଗନ ରିପୋର୍ଟରେ ଦର୍ଶା ଯାଇଥିବା ତଥ୍ୟ ଏହି ସବୁ ଘଟଣା ଉପରେ କେବଳ ମୋହର ଲଗାଇଛି । କାରଣ ଚୀନ କେବଳ ଗାଁ ତିଆରି କରିଛି, ତା ନୁହଁ ଗୋଟିଏ ଗାଁ ପାଇଁ ଆବଶ୍ୟକ ଥିବା ସମସ୍ତ ବ୍ୟବସ୍ଥାକୁ ବିବାଦୀୟ ଅଂଚଳରେ ନିର୍ମାଣ କରିଛି ଚୀନ । ସାଟେଲାଇଟ ଚିତ୍ର ଗୁଡିକରେ ଚୀନର ଏପରି ପୋଲ୍ ଖୋଲିଯାଇଛି ।

## ସର୍ବଦଳୀୟ ବୈଠକରେ ବିଜେପିର ଦାବି

## ପଂଚାୟତ ନିର୍ବାଚନକୁ ନିର୍ଭୀକ ଓ ନିରପେକ୍ଷ କରାଯାଉ

### ଭୋଟର ତାଲିକା ସଂପୂର୍ଣ୍ଣ ତୃଟିମୁକ୍ତ, ଭୋଟ ଗ୍ରହଣ ସମୟ ସୀମା ବୃଦ୍ଧି କରିବାକୁ ଦାବି



ଭୁବନେଶ୍ୱର,୦୬/୧୧ (ନି.ପ୍ର): ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଂପୂର୍ଣ୍ଣ ତୃଟିମୁକ୍ତ କରାଯାଉ । ଭୋଟ ଗ୍ରହଣ ସମୟ ସୀମା ବୃଦ୍ଧି କରାଯାଇ ସକାଳ ୭ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଚାଲୁ ରଖାଯାଉ । ଆଗାମୀ ପଂଚାୟତ ନିର୍ବାଚନରେ ଭୋଟଗ୍ରହଣ ଓ ଭୋଟ ଗଣତି ମଧ୍ୟରେ ସମୟ ସୀମାକୁ ହ୍ରାସ କରାଯାଉ । ସଂପୃକ୍ତ ଜିଲ୍ଲାର ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବିରତ ରଖିବା ପାଇଁ ନିର୍ବାଚନ କମିଶନଙ୍କ ସୁପାରିଶକୁ ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା କଡାକଡି ପାଳନ କରନ୍ତୁ । ଜିଲ୍ଲା ପରିଷଦ ସଦସ୍ୟ ଖର୍ଚ୍ଚ ସୀମା ୨ ଲକ୍ଷରୁ ୫ ଲକ୍ଷ ଓ ସରପଂଚ ସମିତି ସଭ୍ୟ ୮୦ ହଜାର ରୁ ୨ଲକ୍ଷ ଯାଏଁ ବୃଦ୍ଧି କରାଯାଉ । ଅନ୍ୟୁନ ୭ ଦିନ ପାଇଁ ମଦମୁକ୍ତ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ବିଜେପି ପକ୍ଷରୁ ଦାବୀ କରାଯାଇଛି । ପଂଚାୟତ ସଂରକ୍ଷଣ ସଂପର୍କିତ ସରକାରୀ ବିଭ୍ରାଟ ବିଶୃଙ୍ଖଳା ଓ ଓଡିଶା ପଂଚାୟତ ବିଧି ସଂଶୋଧନ ବିଧେୟକ ୨୦୨୧ ର "ଯାହା ଉଚିତ୍ ହେବ ସେପରି ସଂରକ୍ଷଣ କରିବା ପାଇଁ ଉକ୍ତଯୁକ୍ତ ଅଧିକାରୀମାନେ ସକ୍ଷମ ହେବେ " ବିଚିତ୍ର ବିରୋଧାଭାଷର ଆଇନ ପ୍ରଣୟନ ଫଳରେ ସଂରକ୍ଷଣକୁ କେନ୍ଦ୍ର କରି ସମଗ୍ର ରାଜ୍ୟରେ ପ୍ରବଳ ଜନ ଅସନ୍ତୋଷ ଦୃଷ୍ଟି ଗୋଚର ହୋଇଛି । ଗଜପତି ନୟାଗଡ ଜିଲ୍ଲା ଭଳି କେତେକ ଜିଲ୍ଲାର ତୃଟି ବିଚ୍ୟୁତିକୁ ସରକାର ସ୍ୱୀକାର କରିବା ସହିତ ସଂଶୋଧନ କରିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଶାଳଦେଇ ପଂଚାୟତ ଏକମାତ୍ର ଅନୁସୁଚୀତ ଜନଜାତି ପରିବାର ପାଇଁ ସଂରକ୍ଷଣ ଜାରି ଅଛି ।

## ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଆସିଲା ବିଜ୍ଞପ୍ତି

ଭୁବନେଶ୍ୱର,୦୬/୧୧ (ନି.ପ୍ର): ରାଜ୍ୟରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଛି । ଏନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତ ମାସଠାରୁ ବର୍ଦ୍ଧିତ ଦରମା ଲାଗୁ ହେବା ନେଇ ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ, ମାସିକ ୮୦୭୦ ଟଙ୍କା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଏବେ ମିଳିବ ୧୦,୧୦୦ ଟଙ୍କା । ସେହିପରି ଯେଉଁମାନେ ୮୩୯୦ ଟଙ୍କା ପାଉଥିଲେ ସେମାନେ ୧୦,୫୦୦ ଟଙ୍କା ପାଇବେ । ୮୭୫୦ ଟଙ୍କା ପାଉଥିବା ଚୁକ୍ତିଭିତିକ କର୍ମଚାରୀଙ୍କୁ ୧୦,୯୦୦ ଟଙ୍କା ଓ ୮୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧,୧୦୦ ଟଙ୍କା ମିଳିବ । ସେହିପରି ୯ ହଜାର ପାଉଥିବା କର୍ମଚାରୀଙ୍କୁ ମିଳିବ ୧୧,୨୦୦ ଟଙ୍କା । ୯୨୫୦ ଟଙ୍କା ଦରମା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୧୧,୫୦୦ ଟଙ୍କା, ୯୫୦୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧,୯୦୦ ଟଙ୍କା, ୧୦ ହଜାର ପାଉଥିବା କର୍ମଚାରୀଙ୍କୁ ୧୨,୫୦୦ ଟଙ୍କା ଏବଂ ୧୬,୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ମିଳିବ ୨୧,୧୦୦ ଟଙ୍କା ।

## ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ନେଇ ତେଜିଲା ରାଜନୀତି

## ବିରୋଧ କରିବା ପାଇଁ ବିରୋଧୀଙ୍କ ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର,୦୬/୧୧(ନି.ପ୍ର): ମମିତା ମେହେର ମାମଲାରେ ଆନ୍ଦୋଳନ ତେଜୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ସମରସଜ୍ଜା କରିଛନ୍ତି ବିରୋଧୀ । ବିଜେପି ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ବାସନ୍ଦ କରିବାକୁ ଦାବି କରିଥିବା ବେଳେ କଂଗ୍ରେସ ଜନତା କର୍ଫ୍ୟୁ ପାଇଁ ଆହ୍ୱାନ ଦେଇଛି । ମମିତା ହତ୍ୟା ମାମଲାରେ ସରକାରଙ୍କ ନୀରବତା ଓ ଦିବ୍ୟଶଙ୍କରଙ୍କୁ ନ ହଟାଇବା ବିରୋଧୀଙ୍କ ଅସନ୍ତୋଷ ବଢ଼ାଇ ଦେଇଛି । ତେବେ ବିଜୁ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ ନିଜ ନିକଟରେ ସ୍ଥାନୀୟ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବସାଉଛନ୍ତି କି ନାହିଁ, ତା ଉପରେ ସମସ୍ତଙ୍କ ନଜର ରହିଛି । ନଭେମ୍ବର ୮ରେ ବିଜୁ ସ୍ମାର୍ଟ କାର୍ଡ ବାଣ୍ଟିବାକୁ କଳାହାଣ୍ଡି ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମମିତା ମେହେର ହତ୍ୟା ମାମଲା ଯାହା ଏବେ ରାଜନୀତିର ସବୁଠାରୁ ବଡ ପ୍ରସଙ୍ଗ ପାଲଟିଛି ତାକୁ ଆୟୁଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ ହୋଇଛନ୍ତି ବିରୋଧୀ । ମିଳିଥିବା ସୂଚନା ମୁତାବକ , ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରିବ ବିଜେପି । ମମିତା ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଆଗାମୀ ସମସ୍ତ କାର୍ଯ୍ୟକ୍ରମକୁ ବୟକଟ କରିବାକୁ ଆହ୍ୱାନ କରିଛି ଦଳ । ନବୀନଙ୍କ କଳାହାଣ୍ଡି ଗସ୍ତକୁ ବିରୋଧ କରି ଆରମ୍ଭ ହେବ ଏହି ସାମାଜିକ ବାସନ୍ଦର ଧାରା । ଏଥିପାଇଁ ଦଳର ତିନି ବରିଷ୍ଠ ନେତା ସୁରେଶ ପୂଜାରୀ, କେ. ଭି. ସିଂହଦେଓ ଏବଂ ବସନ୍ତ ପଣ୍ଡାଙ୍କୁ ଦାୟିତ୍ୱ ଦେଇଛି ବିଜେପି । ଏହାସହ ଆସନ୍ତା ୮ରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ସମୟରେ ▶▶ପୃଷ୍ଠା ୭

## କମିଲା ବସ୍ ଭଡା

ଭୁବନେଶ୍ୱର,୦୬/୧୧ (ନି.ପ୍ର): ତେଲ ଦର କମିବା ପରେ ରାଜ୍ୟରେ ବସ୍ ଭଡା ହ୍ରାସ ପାଇଛି । ଅର୍ଡିନାରି ଓ ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୫ ପଇସା କମିଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିମି ପିଛା ୧୦ ପଇସା ହ୍ରାସ ପାଇଛି । ସେହିପରି ସୁପର ପ୍ରିମିୟମ୍ ବସ୍ ଭଡା ୧୫ ପଇସା ହ୍ରାସ ପାଇଛି । ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ▶▶ପୃଷ୍ଠା ୭

## ବିଜେଡିରେ ମିଶିଲେ ବରିଷ୍ଠ ନେତା ପ୍ରଦୀପ ମାଝୀ



ଭୁବନେଶ୍ୱର,୦୬/୧୧(ନି.ପ୍ର): ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଲେ ପୂର୍ବତନ କଂଗ୍ରେସ ସାଂସଦ ପ୍ରଦୀପ ମାଝୀ । ଗତ କିଛି ଦିନ ତଳେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ । ପ୍ରଦୀପଙ୍କ ସହିତ ତାଙ୍କର ସମର୍ଥକମାନେ ମଧ୍ୟ ଶୋଭାଯାତ୍ରାରେ ଆସି ମିଶ୍ରଣ ପର୍ବରେ ଯୋଗଦେଇଥିବା ଜଣାପଡ଼ିଛି । ନବରଙ୍ଗପୁର ସହରର ସର୍କିଟ୍ ହାଉସ ଆଗରେ ଥିବା ପଡ଼ିଆରେ ପ୍ରସ୍ତୁତ ମଞ୍ଚରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏଥିରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ନବରଙ୍ଗପୁର ଜିଲ୍ଲାର ବିଧାୟକ ଓ ନେତାମାନେ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି ମିଶ୍ରଣପର୍ବରେ ବିଜେଡିର ନବରଙ୍ଗପୁର ଜିଲ୍ଲା ପ୍ରଭାରୀ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ସାଂସଦ ରମେଶ ଚନ୍ଦ୍ର ମାଝୀ ଉପସ୍ଥିତ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମାସ ୨୨ ତାରିଖରେ ପ୍ରଦୀପ କଂଗ୍ରେସରୁ ଇସ୍ତଫା ଦେଇଥିଲେ । ଗତ ମାସ ୨୪ ତାରିଖ ଦିନ ତାଙ୍କ ସମର୍ଥକମାନେ କଂଗ୍ରେସ ଛାଡ଼ିବା ସହ ବିଜେଡିରେ ଯୋଗଦେବା ନେଇ ଘୋଷଣା କରିଥିଲେ ।

## ତେଲ ଟ୍ୟାଙ୍କର-ଲୋରି ଭୟଙ୍କର ଦୁର୍ଘଟଣା : ୯୧ ଜୀବନ୍ତ ଦଗ୍ଧ



ନୂଆଦିଲ୍ଲୀ,୦୬/୧୧: ସିରା ଲିଓନ୍‌ର ରାଜଧାନୀ ଫ୍ରି ଟାଉନ୍‌ରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏକ ତେଲ ଟ୍ୟାଙ୍କର ସହ ଲୋରି ମଧ୍ୟରେ ଧକ୍କା ହେବାରୁ ଅନୂନ୍ୟ ୯୧ ଜଣଙ୍କର ମୃତ୍ୟୁ ଘଟିଛି । ୧୦୦ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ବଡ଼ ଥିଲା ଯେ, ଟ୍ୟଙ୍କରୁ ଇନ୍ଧନ ନିର୍ଗତ ହୋଇ ଏକ ବସ୍ ଉପରେ ପଡ଼ିଥିଲା । ଫଳରେ ସେଥିରେ ଥିବା ଯାତ୍ରୀ ଫସିଯାଇଥିଲେ । ସ୍ଥାନୀୟ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଫୁଟେଜ ଅନୁଯାୟୀ ଟ୍ୟାଙ୍କର ଚାରିପଟେ କିଛି ଶବ ମଧ୍ୟ ପଡ଼ିଛି । ଘଟଣାକୁ ନେଇ ରାଷ୍ଟ୍ରପତି ଜୁଲିୟସ୍ ମାଡା ବିୟୋ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । କହିଛନ୍ତି ଦୁର୍ଘଟଣାରେ ଏତେ ଜଣ ଲୋକେ ପ୍ରାଣହରାଇବା ତାଙ୍କୁ ମର୍ମାହତ କରିଛି । ଏନେଇ ସେ ଏକ ଟ୍ୱିଟ୍ କରି ମୃତାହତ ଲୋକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆ ଯିବ ବୋଲି କହିଛନ୍ତି । ଫ୍ରିଟାଉନ୍ ମେୟର ୟୋଭେନେ ଆକି-ସାୟେର୍ ଘଟଣାକୁ ମର୍ମନ୍ତୁଦ କହିବା ସହ ପ୍ରାୟ ୧୦୦ ଜଣଙ୍କର ମୃତ୍ୟୁ ଘଟିଥିବା ଗୁଜବ ▶▶ପୃଷ୍ଠା ୭

## ୪ ଗଞ୍ଜେଇ ବେପାରୀ ଗିରଫ : ୪୮.୯ କେଜି ଗଞ୍ଜେଇ ଜବତ

ବାଲେଶ୍ୱର,୦୬/୧୧ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ ହୋଇ ୪ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୪୮.୫ କେଜି ଗଞ୍ଜେଇ ଜବତ ହୋଇଛି । ଗିରଫ ଯୁବକମାନେ ହେଲେ ଗଜପତି ଜିଲା ଆର ଉଦୟଗିରି ଅଞ୍ଚଳର ଜାକୁବ ମାଝୀଙ୍କ ପୁତ୍ର ମନୋଜ ମାଝୀ (୨୨), ପୁଷ୍ପା ମାଝୀଙ୍କ ପୁତ୍ର ନାଥ ମାଝୀ (୩୦) ଓ ପ୍ରଶାନ୍ତ ବୋଇତି(୨୯) ଏବଂ ବିହାର ରାଜ୍ୟ ବଇଁଶାଳି ଜିଲା ବିଷ୍ଣୁପତି ଅଞ୍ଚଳର ସ୍ୱର୍ଗତ ଇଶ୍ୱରଧାରୀ ଚୌଧୁରୀଙ୍କ ପୁତ୍ର ଆଲୋକ ଚୌଧୁରୀ (୩୫) । ଗଞ୍ଜେଇ ସହ ଟ୍ରେନ ଓ ବସରେ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସଦର ଓ ବସ୍ତା ଅବକାରୀ ବିଭାଗ ଦଳ ସମେତ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଟିମ ସେମାନଙ୍କୁ ଗିରଫ କରିଥିଲା । ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲାପାଳ ଓ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସଦର, ବସ୍ତା ଏସଆଇଙ୍କ ସମେତ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ପକ୍ଷରୁ ବସ୍ତା, କୁରୁଡ଼ା ଓ ବାଲେଶ୍ୱର ରେଳ ଷ୍ଟେସନରେ ଚଢ଼ଉ କରିଥିଲା । ୩ ସ୍ଥାନରେ ଚଢ଼ଉ ହୋଇ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଏନେଇ ପୃଥକ ପୃଥକ ୩ ଗୋଟି ମାମଲା ରୁଜୁ ସହ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଜବତ ହୋଇଥିବା ୪୮.୫ କେଜି ଚୋରା ଗଞ୍ଜେଇର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ ଅନୁଗୁଳରୁ ବାଲେଶ୍ୱର ଅଣାଯାଇ ଏଠାରୁ ପୁଣି ଅନ୍ୟାନ୍ୟ ସ୍ଥାନକୁ ଚାଲାଣ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ନିୟମ ମାନି ସ୍କୁଲ୍ ଖୋଲାଯାଇପାରେ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର,୦୬/୧୧ (ନି.ପ୍ର): ପିଲାଙ୍କର ରୋଗ ପ୍ରତିରୋଧ ଶକ୍ତି ଅଧିକ । ସବୁ ନିୟମ ମାନି ସ୍କୁଲ୍ ଖୋଲାଯାଇପାରେ । ପିଲାମାନଙ୍କ ଜେନେରାଲ ଇମ୍ୟୁନିଟି ଅଲଗା ଯେଉଁଥିପାଇଁ ଶିଶୁଙ୍କ ଉପରେ ସେତେ ବାହ୍ୟ ପ୍ରଭାବ ରହେ ନାହିଁ । ସ୍କୁଲ ଖୋଲିବା ଦରକାର କିନ୍ତୁ ନିଜେ ନିଜ ହିସାବରେ ସଚେତନ ରହିବା ଦରକାର । ଶିକ୍ଷକମାନେ ସ୍ଥିତି ତଦାରଖ କରିବା ସହ ଅଭିଭାବକ ମଧ୍ୟ ଦାୟିତ୍ୱବାନ ହେବା ଉଚିତ । ତା'ଛଡ଼ା ଶିଶୁମାନେ ନିଜେ ସଚେତନ ରହିବା ଦରକାର । ଶିଶୁମାନଙ୍କ ଟିକାକାରଣ ପାଇଁ ସବୁ ପ୍ରକାରର ବ୍ୟବସ୍ଥା ଲାଗି ପ୍ରସ୍ତୁତ ଅଛୁ । ନିର୍ଦ୍ଦେଶ ଆସିଲେ ଆମେ ଶିଶୁଙ୍କ ଟିକାକାରଣକୁ ମଧ୍ୟ ଯଥାଶୀଘ୍ର କରିବୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କରୋନା ସଂକ୍ରମଣ କମୁଛି, ଯାହା ଏକ ଆଶ୍ୱସ୍ତିର ବିଷୟ । ପଡ଼ୋଶୀ ଦେଶରେ ଯେହେତୁ ପୁଣି କିଛିଟା ସଂକ୍ରମଣ ବଢୁଛି, ଆମେ ସଜାଗ ଓ କୋଭିଡ ଗାଇଡଲାଇନ ମାନିବା ଉଚିତ । ବର୍ତ୍ତମାନ ଯେଉଁଭଳି ଭବରେ ସଂକ୍ରମଣ କମୁଛି ଏହା ଆମମାନଙ୍କ ପାଇଁ ଏକ ଭଲ ଲକ୍ଷଣ । ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟା ଓ ଲୋକଙ୍କ ସହଯୋଗରେ ଆଜି ଏପରି ସଂକ୍ରମଣ କମିଛି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହେଲା ସାହିତ୍ୟ ଘର




ବାଲେଶ୍ୱର,୬।୧୧(ନିପ୍ର); ଆଜି ଅପରାହ୍ନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଫକୀରମୋହନ ସାହିତ୍ୟ ଘର' ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ସ୍ନାତକୋତର ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ବିଭାଗର ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସାହିତ୍ୟ ଘରକୁ ଉଦଘାଟନ କରି ଏହାଦ୍ୱାରା ସାହିତ୍ୟର ପ୍ରସାର ଓ ପ୍ରଭାବର ସମ୍ଭାବନା ସମ୍ଭବ ହୋଇପାରିବ ବୋଲି କହିଥିଲେ ଏବଂ ଏହି ସାହିତ୍ୟ ଘର କେବଳ ଭାଷା ସାହିତ୍ୟ ବିଭାଗ ବା ସାହିତ୍ୟ ବିଷୟର ପରିସର ମଧ୍ୟରେ ସୀମିତ ନରହି ଏହାକୁ ସବୁ ବିଷୟ ସହିତ ଯୋଡ଼ି ସମସ୍ତଙ୍କ ଭିତରେ ଲୁକ୍କାୟିତଭାବେ ରହିଥିବା ସର୍ଜନଶୀଳ ପ୍ରତିଭାର ଉନ୍ମୋଚନ କ୍ଷେତ୍ରରେ ଏହାର ଗୁରୁତ୍ୱକୁ ପ୍ରାଥମିକତା ଦେବା ଉଚିତ ବୋଲି କହିଥିଲେ । ଅନ୍ୟତମ ବକ୍ତାଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ତାଙ୍କ ବକ୍ତବ୍ୟରେ ସାହିତ୍ୟ ଭିତରେ ସମବେଦନା ରହିଥିବା ହେତୁ ପାଠକ ତଥା ସାମାଜିକ ମଣିଷ ଭିତରେ ସାଂସ୍କୃତିକ ମୂଲ୍ୟବୋଧକୁ ଜାଗ୍ରତ କରିବା କ୍ଷେତ୍ରରେ ସାହିତ୍ୟର ସର୍ବାଧିକ ଭୂମିକା ରହିଛି । ସମ୍ପ୍ରତି ଅଭିଭାବକ ମହଲରେ ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିଶୁ ସାହିତ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉନଥିବା ହେତୁ ସେମାନଙ୍କ ଭିତରେ ସାହିତ୍ୟ ପ୍ରତି ଅନୁରାଗ କ୍ରମଶଃ କ୍ଷୀଣ ହୋଇଯାଉଥିବାର ଲକ୍ଷ୍ୟ କରାଯାଉଛି ବୋଲି ଆଶଙ୍କା କରିଥିଲେ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ପାଠ୍ୟକ୍ରମରେ ଶିଶୁ ସାହିତ୍ୟକୁ ବିଷୟବସ୍ତୁରୂପେ ସ୍ଥାନ ଦେବାର ପ୍ରାସଙ୍ଗିକତା ରହିଛି ବୋଲି ନିଜର ମତ ରଖିଥିଲେ । ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ତଥା କଥାଶିଳ୍ପୀ ବିଜୟ ନାୟକ ପ୍ରାଚୀନ ସାହିତ୍ୟଠାରୁ ଆରମ୍ଭ କରି ଆଧୁନିକ ତଥା ସାମ୍ପ୍ରତିକ ସାହିତ୍ୟରେ ରୂପାୟିତ ହୋଇଥିବା ବହୁବିଧ ଦିଗ ଏବଂ ଯୁଗୀୟ ବୈଶିଷ୍ଟ୍ୟ ଗୁଡ଼ିକର ପ୍ରାସଙ୍ଗିକତାକୁ ତର୍ଜମା କରିବା ସହିତ କଳ୍ପନା ସୌନ୍ଦର୍ଯ୍ୟରେ ସବୁ କାଳର ସାହିତ୍ୟ କିପରି ପାଠକର ବିଚାରଧାରାକୁ ନିୟନ୍ତ୍ରିତ କରିଆସିଛି ସେ ସମ୍ପର୍କରେ ବକ୍ତବ୍ୟ ଦେଇ ସାହିତ୍ୟ କଳାଗତ ସୌନ୍ଦର୍ଯ୍ୟର ଶୃଙ୍ଖଳିତ ପରିପ୍ରକାଶ ହୋଇଥିଲେହେଁ ଏଥିରେ ସ୍ଥୁଳ ଜଗତର ▶▶ପୃଷ୍ଠା ୭

# ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ଦୁଇ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୬/୧୧ (ନି.ପ୍ର): କ୍ରିକେଟ ଆସୋସିଏସନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ଆସନ୍ତା ୧୭ ତାରିଖରୁ ଦିଲୀରେ ହେବାକୁ ଯାଉଥିବା ଜାତୀୟ ସ୍ତର ଟୁର୍ଣ୍ଣାମେଣ୍ଟ 'ନଗେଶ ଟ୍ରଫି' ପାଇଁ ଓଡ଼ିଶା ଦୃଷ୍ଟି ବାଧିତ କ୍ରିକେଟ ଦଳର ସ୍ଥାନ ପାଇଥିବା ବାଲେଶ୍ୱର ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଦୁଇ ପୂର୍ବତନ ଛାତ୍ରଙ୍କୁ ଆଜି ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ରାଣୀ ପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଏହି ଦୁଇ ପୁରାତନ ଛାତ୍ର ହେଲେ ଲୁଲୁ ପ୍ରସାଦ ସୋରେନ ଓ ସିଙ୍ଗରାୟ ମାଝୀ । ଏହି ଛାତ୍ର ଦୟ ଏବେ କଟକ ଓ ଭୁବନେଶ୍ୱରରେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି । ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ଖେଳାଳିଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବିଦ୍ୟାଳୟର ଉପଦେଷ୍ଟା ସୁବ୍ରତ କର, ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୁଇ ପୁରାତନ ଛତ୍ର ତଥା ଓଡ଼ିଶା ଦଳର ଖେଳାଳିଙ୍କ ସଫଳତା କାମନା କରିଥିଲେ। ସେମାନଙ୍କ ବିଜୟ କେବଳ ଏହି ବିଦ୍ୟାଳୟ ନୁହେଁ ବରଂ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ପାଇଁ ଗୌରବର ବିଷୟ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦୁଇ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଦୁଇ ପୁରାତନ ଛାତ୍ର ବିଦ୍ୟାଳୟ ଜୀବନର ସ୍ମୃତିକୁ ମନେ ପକାଇବା ସହ ଟୁର୍ଣ୍ଣାମେଣ୍ଟରେ ନିଶ୍ଚିତ ଭଲ ଖେଳି ଅନୁଷ୍ଠାନର ନାମକୁ ଉଚ୍ଚକୁ ନେବେ ବୋଲି ଆଶା ପ୍ରକାଶ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଏହି ସମ୍ବର୍ଦ୍ଧନା ପର୍ବରେ ସଭାପତିତ୍ୱ କରିବା ସହ ଅନୁଷ୍ଠାନର ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# କୁରୁପଦା ବଧୂହତ୍ୟା ଘଟଣାରେ ବାପ ପୁଅ କୋର୍ଟ ଚାଲାଣ

କୋରାଇ,୬/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର କୁରୁପଦା ଗ୍ରାମରେ ବୁଧବାର ଦିନ ଜଣେ ନବ ବିବାହିତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ଝିଅର ବାପା ତାଙ୍କ ଝିଅକୁ ମାରିକି ଟାଙ୍ଗି ଦେଇଛନ୍ତି ବୋଲି ପାଣିକୋଇଲି ଥାନାରେ ଅଭିଯୋଗ କରିଥିବା ବେଳେ କିନ୍ତୁ ପୁଅ ଘର ଲୋକେ ସେ ଆତ୍ମହତ୍ୟା କରିଛି ବୋଲି କହୁଛନ୍ତି। ମିଳିଥିବା ସୁଚନାନୁସାରେ କୁରୁପଦା ଗ୍ରାମର ବିଦ୍ୟାଧର ସାମଲଙ୍କ ପୁଅ ପ୍ରଭାତ ଗତ ଏପ୍ରିଲ ମାସ ୧୪ ତାରିଖରେ ଯଖପୁରା ଥାନା ଅନ୍ତର୍ଗତ ଟାପରାପଦା ଗ୍ରାମର ସନ୍ତୋଷ କୁମାର ପାଲଙ୍କ ଝିଅ ହୀରାବତୀ(୨୩)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ପୁଅର ଘରଲୋକେ ପ୍ରଭାତ ଏକ ସୋ ରୁମରେ ଚାକିରି କରିଛି ବୋଲି କହିଥିଲେ କିନ୍ତୁ ତାହା ବାହାଘରର କିଛି ଦିନ ପରେ ତାହା ମିଛ ବୋଲି ଜଣାପଡ଼ିଥିଲା। ଫଳରେ ବିବାହର ମାତ୍ର କିଛି ଦିନ ମଧ୍ୟରେ ହାରାବତୀ ସମସ୍ତ ବିଷୟ ଜାଣିପାରିବା ପରେ ଉଭୟ ପତିପତ୍ନୀଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏ ନେଇ ହାରାବତୀ ନିଜ ବାପଘରକୁ ପଳାଇ ଯିବା ସହିତ ସେପ୍ଟେମ୍ବର ମାସରେ ଶଙ୍ଖଚିଲା ଫାଣ୍ଡିରେ ଅଭିଯୋଗ କରିବା ପରେ ଉଭୟ ପକ୍ଷର ଭଦ୍ର ଲୋକ ବସି ସମାଧାନ ହୋଇଥଲା ଓ ହାରାବତୀ ଶାଶୁଘରକୁ ଫେରିଥିଲେ। ମାତ୍ର ପ୍ରଭାତ ଓ ହାରାବତୀଙ୍କ ମଧ୍ୟରେ ପୂର୍ବପରି ପ୍ରାୟତଃ କଳି ଝଗଡ଼ା ମାରପିଟ ଲାଗିକି ରହୁଥିଲା। ଗତ ଚାରି ଦିନ ତଳେ ହାରାମଣୀର ଭାଇ ସୁଶାନ୍ତ ଭଉଣୀ ଘରକୁ ବୁଲିବାକୁ ଯାଇଥିଲା। ତେବେ ହାରାମଣୀ ସମସ୍ତ ପୂର୍ବ ଘଟଣାକୁ ସୁଶାନ୍ତ ଆଗରେ ବର୍ଣ୍ଣନା କରିବା ସହିତ ପ୍ରଭାତ ସମେତ ତାର ବାପା ବିଦ୍ୟାଧର ଓ ପରିବାରର ସମସ୍ତ ସଦସ୍ୟ ତାକୁ ଜୀବନରୁ ମାରି ଦେବା ଲାଗି ଯୋଜନା କରୁଛନ୍ତି, ତେଣୁ ତାକୁ ନେଇ ଯିବାକୁ ଅନୁରୋଧ କରିଥିଲା। ଘରକୁ ଫେରି ପରଦିନ ସମସ୍ତ ଘଟଣା ସୁଶାନ୍ତ ତାର ବାପାଙ୍କୁ ଜଣାଇବା ପରେ ସନ୍ତୋଷ ଏ ନେଇ ସମୁଦି ବିଦ୍ୟାଧରଙ୍କ ସହିତ କଥା ହୋଇଥିଲେ। ତେବେ ଫୋନରେ ବିଦ୍ୟାଧର ତୁମ ଝିଅ ରଶି ଦେଇ ଆତ୍ମହତ୍ୟା କରିଛି ବୋଲି କହିବା ପରେ ବିଦ୍ୟାଧର ବ୍ୟତିବ୍ୟସ୍ତ ହୋଇ କୁରୁପଦା ଆସି ଦେଖିବା ବେଳକୁ ତାଙ୍କର ଝିଅ ମରିସାରିଛି । ଏନେଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରିବା ସହିତ ଶବକୁ ବ୍ୟବଚ୍ଛେଦ ପରେ ଝିଅର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଅଭିଯୋଗ ପାଇବା ପରେ ପାଣିକୋଇଲି ପୁଲିସ ଏକ ମାମଲା ୨୮୯/୨୧ ରୁଜୁ କରିବା ସହିତ ସାଇଂଟଫିକ ଟିମ ମାଧ୍ୟମରେ ତଦନ୍ତ କରିବା ପରେ ନବବଧୂ ହାରାମଣୀଙ୍କ ଶବକୁ ବ୍ୟବଚ୍ଛେଦ କରାଇ ଝିଅର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ସ୍ୱାମୀ ଓ ତାର ଶଶୁରଙ୍କୁ ଗିରଫ କରି ଦଫା ୩୦୨,୩୦୪-ବି ଓ ୩୪ ଆଇପିସିରେ କୋର୍ଟ ଚାଲାଣ କରିଛି।

# ଜଳିଗଲା ୨ ବଖରା ଚାଳ ଛପର ଘର

ଧର୍ମଶାଳା,୬/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ କୋଠଡିହ ଗ୍ରାମରେ ଗତକାଲି ରାତିରେ ଘଟିଛି ଅଘଟଣ। ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳ ଛପର ଘର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆବସବାସପତ୍ର ପୋଡି ପାଉଁଶ ହୋଇଯାଇଥିବା ବେଳେ ୨ଟି ଗାଈ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଗତକାଲି ରାତିରେ କୌଣସି କାରଣରୁ କୋଠଡିହ ଗ୍ରାମର ତପନ ମଲିକଙ୍କ ୨ ବଖରା ଛପର ଘରେ ନିଆଁ ଲାଗି ଯାଇଥିଲା। ନିଆଁ ହୁତୁହୁତୁ ହୋଇ ଜଳୁଥିବା ଦେଖି ଗ୍ରାମବାସୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ହେଲେ ବହୁ ବିଳମ୍ବ ପରେ ନିଆଁକୁ ଆୟତ କରିଥିଲେ ମଧ ଘର ଭିତରରେ ଥିବା କୌଣସି ଆସବାସପତ୍ର ଉଦ୍ଧାର କରିପାରି ନ ଥିଲେ । ଅନ୍ୟ ଏକ ଘର ଭିତରେ ୨ଟି ଗାଈକୁ ଉଦ୍ଧାର କରିଥିଲେ । ଗାଈ ଗୁଡିକ ଆହତ ହୋଇଥିବା ଜଣାପଡିଛି । ଅଗ୍ନିବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସ୍ୱଳ୍ପସଂଚୟ ପକ୍ଷରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ଝାରସୁଗୁଡା,୬/୧୧ (ନି.ପ୍ର): ଝାରସୁଗୁଡା ଜିଲ୍ଲା ସ୍ୱଳ୍ପସଂଚୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା କାର୍ଯ୍ୟାଳୟର ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଏହିପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ଦୁଇଟି ବର୍ଗରେ ଯଥାକ୍ରମେ ଷଷ୍ଠ ରୁ ଅଷ୍ଟମ ଏବଂ ନବମ,ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ଭାଗ ନେଇଥିଲେ, ଏହି ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଅଂଶୀତା ମହାନ୍ତି ପ୍ରଥମ ଡିଏଭି ବିଦ୍ୟାଳୟ, ବୈଶାଳୀ ସାହୁ କେଜି ବାଳିକା ବିଦ୍ୟାଳୟ, ସମାସିଙ୍ଗା ଦ୍ୱିତୀୟ , ଶାଶ୍ୱତି ଦାସ , ଡିଏଭି ବିଦ୍ୟାଳୟ ବନ୍ଧବାହାଲ,ତୃତୀୟ ହୋଇଛନ୍ତି। କନିଷ୍ଠ ବିଭାଗରେ କଳ୍ପନା ବୁଦୁଲା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବର୍ହାନ,ପ୍ରଥମ, ସ୍ନେହାରାଣୀ ବେହେରା ,ସରକାରୀ ବାଳିକା ବିଦ୍ୟାଳୟ, କିର୍ମିରା ଦ୍ୱିତୀୟ, ଅଲିଭା କିଷାନ, ସରକାରୀ ବାଳିକା ବିଦ୍ୟାଳୟ, ତାଳମୁଣ୍ଡା, ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

ଧର୍ମଶାଳା,୬/୧୧ (ନି.ପ୍ର): ମାଳମାଳ ସରକାରୀ ଯୋଜନା । ରାଜ୍ୟରେ କେହି ଗରୀବ ରହିବେ ନାହିଁ । ସମସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବା ଦେଇ ପ୍ରଚାର ଓ ପ୍ରସାର ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ, ବାସ୍ତବରେ ତାହା ଲୋକଙ୍କ କାର୍ଯ୍ୟରେ ଆସୁ ନ ଥିବା ଦେଖିବାକୁ ମିଳିଛି । ଯାହାକି ଗରୀବଙ୍କ ପ୍ରତି ଉପହାସ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳୁଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ମହେଶ୍ୱରପୁର ପଂଚାୟତରେ । ଏହି ପଂଚାୟତର ଚାନ୍ଦପୁର ଗ୍ରାମରେ ଅନେକ ଲୋକ ସରକାରୀ ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ଯୋଗ୍ୟ ହିତାଧିକାରୀମାନେ କଂକ୍ରିଟ ଆବାସରେ ଘର ପାଇପାରୁ ନାହାନ୍ତି । ଫଳରେ ଛପର ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି । ଏବଂ ଅନେକ ଲୋକ ବୟସ ୭୦ରୁ ଉର୍ଦ୍ଧ୍ୱ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଭତା ମିଳି ପାରୁନାହିଁ । ଯାହାକୁ ନେଇ ଅଗାମୀ ପଂଚାୟତ ନିର୍ବାଚନରେ ଲୋକପ୍ରତିନିଧିମାନଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ସରକାରୀ ଯୋଜନାରୁ ବଂଚିତ ହିତାଧିକାରୀ ପ୍ରକାଶ କରିଛନ୍ତି । ଏହି ଗ୍ରାମର ଭରତ ଦାସ ଚାଳ ଛପର ଘରେ ପରିବାରର ୮ ଜଣ ସଦସ୍ୟଙ୍କୁ ନେଇ ରହୁଥିବା ବେଳେ ବାରମ୍ବାର ସରପଂଚଙ୍କୁ ଜଣାଇବା ପରେ ମଧ କିଛି ସନ୍ତୋଷ ଜନକ ଉତର ମିଳୁ ନଥିବା ସେ କହିଛନ୍ତି । ଜଣେ ଦିନ ମଜୁରୀଆଭାବେ ଯାହା ରୋଜଗାର କରନ୍ତି, ତାହା ପରିବାର ଚଳାଇବାକୁ ସମୁଦ୍ରକୁ ଶଙ୍ଖେ । ଘରେ କହିଲେ ସ୍ୱାମୀ ସ୍ତ୍ରୀ ସହ ୬ ଜଣ ପିଲାଛୁଆ । ଘର ଚଳିବା ଏକ ପ୍ରକାର କଷ୍ଟକର ହୋଇପଡିଛି । ସରକାରୀ ସହାୟତା ବୋଇଲେ ରାସନ କାର୍ଡ । ଘରକୁ ବିଜୁଳି ସଂଯୋଗ ଦିଆଯାଇନାହିଁ । ଫଳରେ ରାତିରେ ଅନ୍ଧାରରେ ଚଳପ୍ରଚଳ କରୁଛନ୍ତି। ସେହିପରି ଏହି ଗ୍ରାମର ଆତୁଳ ଦାସଙ୍କ ବୟସ ୭୨ ହୋଇଥିଲେ ମଧ୍ୟ ତାଙ୍କୁ ଭର୍ତା ଯୋଜନାରେ ସାମିଲ କରାଯାଇନଥିବା ଜଣାପଡିଛି । ସେହିପରି ଏହି ଗ୍ରାମର ମାତାଜୀ ଦାସଙ୍କୁ ୬୦ ବର୍ଷ ହୋଇଥିଲେ ମଧ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନହିଁ । ସ୍ୱାମୀଙ୍କ ମୃତ୍ୟୁର ୩ ବର୍ଷ ପରେ ମଧ ତାଙ୍କୁ ବିଧବା ଭତା ଯୋଗାଇ ଦିଆଯାଇନାହିଁ । ଯାହାକୁ ନେଇ ଆଗାମୀ ପଂଚାୟତ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ସେମାନେ କହିଛନ୍ତି।

# ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର ,୬/୧୧ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଚାଲାଣ ହେଉଥିବା ବିଷୟ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୁଚନା ପାଇ ଥିଲେ । ସଦର ଥାନା ଅନ୍ତର୍ଗତ ବାଲିଆ ବ୍ରିଜ ନିକଟରେ ଏକ ପୋଲିସ ଟିମ ଚଢାଉ କରିଥିଲା । ଚଢାଉ କରି ୪୬ କେଜି ଗଞ୍ଜେଇ ଜବତ କରିଛି । ଯାହା ଆନୁମାନିକ ମୁଲ୍ୟ ୪ ଲକ୍ଷ ୬୦ ହଜାର ହେବ । ଏହି ମାମଲାରେ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉମରକୋଟ ଥାନା ଚଢେଇଗୁଡାର ସରୋଜ ହରିଜନ (୩୧) । ବିନା ନିମ୍ବର ବେଲେନୋ ଜେଟା କାର ରେ ଗଞ୍ଜେଇ ଚାଲାଣ ବେଳେ ବାଲିଆ ବ୍ରିଜରେ କାରଟି ଧକ୍କା ଦେଇଥିଲା । ଫଳରେ ସରୋଜ ଆହାତ ହୋଇଥିଲା । ଅଭିଯୁକ୍ତକୁ ମେଡିକାଲ ଚିକିତ୍ସା କରାଯାଇ କୋର୍ଟ ଚାଲଣ କରାଯାଇଛି ।

# ଖୋର୍ଦ୍ଧାରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ

ଖୋର୍ଦ୍ଧା,୬/୧୧ (ନି.ପ୍ର): ପ୍ରତି ବର୍ଷ ଦୀପାବଳିର ପରଦିନ ଗୋବର୍ଦ୍ଧନ ପୂଜା କରାଯାଇଥାଏ। ଗୋବର୍ଦ୍ଧନ ପୂଜା ଦିନ ଭଗବାନ ଶ୍ରୀକୃଷ୍ଣ, ଗୋବର୍ଦ୍ଧନ ପର୍ବତ ଏବଂ ଗାଈମାନଙ୍କୁ ପୂଜା କରିବାର ନିୟମ ରହିଛି। ହିନ୍ଦୁ ଧର୍ମରେ ଏହି ପର୍ବର ବହୁତ ଗୁରୁତ୍ୱ ରହିଛି। ଗୋବର୍ଦ୍ଧନ ପୂଜା ଦିନ, ଲୋକମାନେ ଘର ପ୍ରାଙ୍ଗଣରେ ଗୋବରରେ ଗୋବର୍ଦ୍ଧନ ପର୍ବତର ଚିତ୍ର ତିଆରି କରି ଗୋବର୍ଦ୍ଧନ ଭଗବାନଙ୍କୁ ପୂଜା କରନ୍ତି ଏବଂ ପରିକ୍ରମା କରନ୍ତି। ଏହି ଦିନ ଅନ୍ନଭୋଗ ପ୍ରଭୁଙ୍କୁ ଅର୍ପଣ କରାଯାଏ, ଯେଉଁଥିପାଇଁ ଗୋବର୍ଦ୍ଧନ ପୂଜାକୁ 'ଅନ୍ନକୂଟ ପୂଜା' ମଧ କୁହାଯାଏ।ଏହି ପୂଜାର ମାହାତ୍ମ୍ୟ ହେଉଛି ଯେ, ଶ୍ରୀକୃଷ୍ଣ ଗୋପପୁରବାସୀଙ୍କୁ ପଥର ବର୍ଷାରୁ ରକ୍ଷା କରିବା ପାଇଁ ସେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିଥିଲେ। ତାହାରି ତଳେ ଗୋପପୁରବାସୀ ଏବଂ ଗାଈଗୋରୁ ସେହି ଭିତରେ ସୁରକ୍ଷିତ ଥିଲେ। ଫଳରେ ସେହିଦିନଠାରୁ ଗିରିଗୋବର୍ଦ୍ଧନ ପୂଜା କରାଯାଇଆସୁଛି।ଏହି ଅବସରରେ ଖୋର୍ଦ୍ଧା ସହରର ମୁକୁନ୍ଦ ପ୍ରସାଦ ଗିରି ଗୋବର୍ଦ୍ଧନ ପଡ଼ିଆରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିଜେଡି ଶାସନରେ ମହିଳାମାନେ ବିପଦରେ କାର୍ଯ୍ୟକ୍ରମ

ବଲାଙ୍ଗୀର,୬/୧୧ (ନି.ପ୍ର): ବିଜେପି ମହିଳା ମୋର୍ଚ୍ଚା ତରଫରୁ ସଭାନେତ୍ରୀ ଶ୍ରୀମତୀ ପଙ୍କଜିନୀ ପଣ୍ଡାଙ୍କ ନେତୃତ୍ୱରେ ମା ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ବିଜେଡି ଶାସନରେ ମହିଳା ମାନେ ବିପଦରେ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବହୁଚର୍ଚ୍ଚିତ 'ମମିତା ମେହେର ହତ୍ୟାକାଣ୍ଡ' କୁ ଦୀର୍ଘ ୨୭ ଦିନ ହୋଇଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ନୀରବ । ତେଣୁ ବଲାଙ୍ଗୀର ବିଜେପି ମହିଳା ମୋର୍ଚ୍ଚା ମମିତା ଓ ତା ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ରାଜ୍ୟ ସରକାର ତଥା ଗୃହମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତ ପାଣିଗ୍ରାହୀ, ସଞ୍ଜୁ ନାଏକ, ଆରତୀ ଗୁରୁ, ସରିତା ଯୋଷୀ, ସୌଦାମିନି ମିଶ୍ର, ବାସନ୍ତୀ ଜେନା, ଫିରୋଜା ବିବି, ଅନୁଛାୟା ବାବୁ, କଲ୍ୟାଣୀ ଆଡବାଙ୍କ, ଗାୟତ୍ରୀ, ନିଳାଦ୍ରୀ, ସତ୍ୟବତୀ, ବର୍ଷା, ଲଳିତ ଶର୍ମା, ଧର୍ମେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡି ଜଣକର ମୃତ୍ୟୁ

ଗଞ୍ଜାମ,୬/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ନାୟିକାଣୀପଲ୍ଲୀ ଗ୍ରାମ ପୋଖରୀରେ ଆଜି ସକାଳେ ଅଭିମନ୍ୟୁ ମହାରଣା (୪୮) ଗାଧୋଇବା ବେଳେ ଅସାବଧାନତାବଶତଃ ଗଭୀର ଜଳକୁ ଖସିଯାଇଥିଲେ । ଫଳରେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି କୂଳକୁ ଆଣିଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଖବର ପାଇ କୋଦଳା ଥାନା ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଦେଶୀ ମଦ ଜବତ: ଜଣେ ଗିରଫ

ଖୋର୍ଦ୍ଧା,୬/୧୧ (ନି.ପ୍ର): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୦ ଲିଟର ଦେଶୀ ମଦ, ୫ ପେଟି ପାଉଚ ପ୍ୟାକିଙ୍ଗ ମେସିନ, ୪ଟି ଖାଲି ବ୍ଲାଡ଼ର, ୪ଟି ପ୍ୟାକିଙ୍ଗ ପଲିଥିନ ସମେତ ନଗଦ ୯ ହଜାର ଟଙ୍କା ଜବତ କରିବା ସହିତ ଜଣକୁ ଗିରଫ କରିଛି । ଗିରଫ ଜଣକ ହେଲେ ବେଗୁନିଆ ଥାନା ରାସୋଲ ଗ୍ରାମର ପ୍ରଫୁଲ୍ଲ ମହାପାତ୍ର (୪୭) । ସୂଚନା ଅନୁଯାୟୀ ଖୋର୍ଦ୍ଧା ଅବକାରୀ ବିଭାଗକୁ ବ୍ୟାପକ ମାତ୍ରାରେ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଥିଲା । ତେବେ ଚୋରା ମଦ କାରବାର ରୋକିବା ପଇଁ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି ବୋଲି ଅବକାରୀ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ଉପକରଣ ବଣ୍ଟନ କଲେ ନରସିଂହ

ବଲାଙ୍ଗିର,୬/୧୧ (ନି.ପ୍ର): ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ସେମାନଙ୍କୁ ଯେଉଁ ଶିକ୍ଷଣୀୟ ସାମଗ୍ରୀ ତଥା ସହାୟତା ଉପକରଣ ପ୍ରଦାନ କରାଯାଉଛି ଏହା କାହାରି ଦୟାରେ ନୁହେଁ, ଏ ସବୁ ପାଇବା ହେଉଛି ତାଙ୍କର ନ୍ୟାର୍ଯ୍ୟ ଅଧିକାର । କାରଣ ଏକ ପୂର୍ଣ୍ଣାଙ୍ଗ ଓ ସମ୍ମାନର ସହ ବଂଚି ରହିବାର ଅଧିକାର ତାଙ୍କର ଅଛି ଏବଂ ବଂଚି ରହିବା ପାଇଁ ଭିନ୍ନକ୍ଷମମାନଙ୍କର ଯାହା କିଛି ବି ଦରକାର ସେ ସବୁ ପୁରଣ କରିବା ବା ପ୍ରଦାନ କରିବା ସରକାରମାନଙ୍କର କର୍ତବ୍ୟ ଅଟେ ବୋଲି ସ୍ଥାନୀୟ ପତିତପାବନ ଏକାଡେମୀ ଠାରେ ସମଗ୍ର ଶିକ୍ଷା ବଲାଙ୍ଗିର ଦ୍ୱାରା ଆୟୋଜିତ ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷଣ ସାମଗ୍ରୀ ଓ ସହାୟତା ପ୍ରଦାନ ଶିବିରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏହା କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଭିନ୍ନକ୍ଷମଙ୍କ ମଧରେ ଅନେକ ଲୁକ୍କାୟିତ ପ୍ରତିଭା ଥାଏ । ସେ ସେବୁକୁ ଲୋକ ଲୋଚନକୁ ଆଣିବା ସମସ୍ତଙ୍କର ଦାୟିତ୍ୱ ଅଟେ । ଉପସ୍ଥିତ ଅଭିଭାବକମାନଙ୍କୁ ଶ୍ରୀ ମିଶ୍ର କହିଥିଲେ ଯେ, ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ମା ବାପାମାନେ ତାଙ୍କ ପିଲା ଛୁଆଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅନେକ ପରିଶ୍ରମ କରିବାକୁ ପଡୁଛି । ସେମାନେ ଏଥିପାଇଁ ମନଉଣା କରନ୍ତୁ ନାହିଁ । ମନଧ୍ୟାନ ଦେଇ ନିଜ ଭିନ୍ନକ୍ଷମ ପୁଅ ଝିଅଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନନ୍ତୁ, ଦେଖିବେ ସେମାନେ ନିଶ୍ଚିତ ଭାବରେ ଦିନେ ନା ଦିନେ ଆପଣମାନଙ୍କ ପାଇଁ ତଥା ଏହି ସମାଜ ପାଇଁ ଗୌରବ ଆଣିଦେବେ । ଏହି କାର୍ଯ୍ୟକ୍ରମରେ ୭୩ ଜଣ ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ତଥା ସହାୟତା ଉପକରଣ ଶ୍ରୀ ମିଶ୍ର ବଣ୍ଟନ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ କୁମାର ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଉତମ କୁମାର ନାଏକ, କୈଳାସ କୁମ୍ଭାର ଓ ସନ୍ଧ୍ୟାରାଣୀ ଧରୁଆ ଏବଂ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।

# ଦମ୍ପତିଙ୍କୁ ଆକ୍ରମଣ : ଥାନାରେ ଅଭିଯୋଗ

ନିମାପଡ଼ା,୬/୧୧ (ନି.ପ୍ର): ବୁଧବାର ବିଳମ୍ବିତ ରାତିରେ ନିମାପଡ଼ା ବ୍ଲକର ବଳଙ୍ଗା ଥାନା ଅନ୍ତର୍ଗତ ତୋଟାସାହି ଗ୍ରାମରେ ରହୁଥିବା ଦମ୍ପତିଙ୍କ ଘରକୁ ଢେଲା ମାଡ଼ କରିବା ସହ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ ନିମାପଡ଼ା ଥାନା ପାଟପୁର ଗ୍ରାମର ଅଭିମନ୍ୟୁ ମୁଦୁଲି ଆଜି ବଳଙ୍ଗା ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ଗତକାଲି ରାତିରେ ସେ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସହ ତୋଟାସାହି ସ୍ଥିତ ବାସଭବନରେ ଥିଲାବେଳେ ଭୋର ୩ଟା ସମୟରେ ପୂର୍ବ ଆକ୍ରୋଶକୁ କେନ୍ଦ୍ରକରି ସେହି ଗ୍ରାମର ପ୍ରକାଶ ବେହେରା ଓ ତାଙ୍କ ପତ୍ନୀ ରୀନା ବେହେରା, ଟାବୁ ବେହେରା, ଭାସୀ ବେହେରା, ରମା ବେହେରା, ଶୈଳ ବେହେରା ପ୍ରମୁଖ ସଂଘବଦ୍ଧ ଭାବେ ଆସି ଲକ୍ଷ୍ମୀଙ୍କ ଘରକୁ ଢେଲା ମାଡ଼ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ଅଭିମନ୍ୟୁ ଭୟଭୀତ ହୋଇ ବଳଙ୍ଗା ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ଥାନା ସେନ୍ତ୍ରୀ ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ସକାଳେ ଆସିଲେ ବୁଝାହେବ ବୋଲି କହିବାରୁ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ଘରକୁ ଫେରିଥିଲେ। ଲକ୍ଷ୍ମୀ ବଳଙ୍ଗା ଥାନାରେ ମହିଳା ହୋମଗାର୍ଡ ଭାବେ କାର୍ଯ୍ୟରତ ଥିବାରୁ ସେ ସକାଳୁ ଡ୍ୟୁଟିରେ ଯାଉଥିବା ସମୟରେ ଆସାମୀମାନେ ପୁନର୍ବାର ଲକ୍ଷ୍ମୀଙ୍କୁ ଘେରିଯାଇ ବିଧା ଗୋଇଠା ମାରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପାଟିଶୁଣି ଅଭିମନ୍ୟୁ ଆସିବାରେ ଉପରୋକ୍ତ ଆସାମୀ ମାନେ ଅଭିମନ୍ୟୁଙ୍କୁ ଜୀବନରେ ମାରିଦେବାର ଧମକ ଦେଇ ଧକା ମାରିଥିଲେ। ଆସାମୀମାନେ ଦଳିତ ବର୍ଗର ହୋଇଥିବାରୁ ସବୁବେଳେ ଦଳିତ ଆଇନର ଧମକ ଦେଇ ଲକ୍ଷ୍ମୀଙ୍କୁ ବାରମ୍ବାର ହଇରାଣ ହରକତ କରୁଥିବା ଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜେପି ଛାଡ଼ିବା ନେଇ ପୂର୍ବତନ ବିଧାୟକଙ୍କ ଶକ୍ତି ପ୍ରଦର୍ଶନ

ହରିଚନ୍ଦନପୁର,୬/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ପୂର୍ବତନ ବିଧାୟକତଥା ବିଜେପିର ତେଲକୋଇ ବିଧାନ ସଭା ଆସନର ଲଢୁଆ ନେତା ଧନୁର୍ଜୟ ସିଦ୍ଧୁ ଆଜି ବିଜେପି ତ୍ୟାଗ କରିଛନ୍ତି। ବିଜେପିରେ ରହି ସେ ଅଣନିଶ୍ୱାସୀ ହୋଇ ପଡିଥିବା ସହ ବିଜେପିରେ ନୀତି ଆଦର୍ଶ ବୋଲି କିଛି ନଥିବା କହି ଆଜି ବିଜେପିରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି । ମିଳିଥିବା ଖବର ଅନୁଯାୟୀ ଶ୍ରୀସିଦ୍ଧୁ ଗତ ବିଧାନସଭା ନିର୍ବାଚନରେ ବିଜେପି ପକ୍ଷରୁ ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ । ହେଲେ ଆଜି ହରିଚନ୍ଦନପୁର ବ୍ଲକ ତେନ୍ତୁଳାପଶି ପଂଚାୟତ ନିକଟରେ ୨ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ବିଜେପି ଛାଡିବା ନେଇ ଏକ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ତାଙ୍କ ସହିତ ତେଲକୋଇ ନିର୍ବାଚନ ମଣ୍ଡଳୀର ବିସ୍ତାରକ ହିମାଦ୍ରୀ ଦାସ ଓ ଭଟଲୀ ନିର୍ବାଚନ ମଣ୍ଡଳୀର ବିସ୍ତାରକ ଗଣେଶ ମହାକୁଡଙ୍କ ସମେତ ବୁଥସ୍ତରୀୟ ସଂଗଠକମାନେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଦଳ ମଧ୍ୟରେ ନୂଆ, ପୁରୁଣା ବାଛ ବିଚାର ରାଜନୀତି, ଗୋଷ୍ଠୀକନ୍ଦଳ, ଜନସେବା କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବାରୁ ସେ ଦଳ ଛାଡିଥିବା ପ୍ରକାଶ କରିଛନ୍ତି ।ଏହାପରେ ସେ କେଉଁ ଦଳରେ ଯୋଗ ଦେବ ତାହା ନେଇ ସେ ନିଜ ସମର୍ଥକଙ୍କ ନିଷ୍ପତ୍ତି ଉପରେ ଛାଡିଥିବା କହିଛନ୍ତି । ସେପଟେ, ଯୁବପିଢିଙ୍କୁ ବିଜେପି ପ୍ରଲୋଭନ ଦେଖାଇ ପଥଭ୍ରଷ୍ଟ କରିଥିବା ଅଭିଯୋଗ ଆଣି ବିସ୍ତାରକ ହିମାଦ୍ରୀ ଦଳତ୍ୟାଗ କରିଥିବା ସୂଚନା ଦେଇଛନ୍ତି । ବିଜେପି ଦଳରୁ ଏହିଭଳି ଜଣେ ଲଢୁଆ ନେତା ଇସ୍ତଫା ଦେବା ନେଇ ଜନସାଧାରଣରେ ଅନେକ ଚର୍ଚ୍ଚା ଜୋର ଧରିଛି । ଏଥିସହ ଆଗାମୀ ଦିନରେ ସମସ୍ତ କର୍ମୀ ସହ ସମର୍ଥକ ନେଇ ବିଜୁ ଜନତା ଦଳରେ ଯୋଗ ଦେବା ନେଇ ପୂର୍ବରୁ ଚର୍ଚ୍ଚା ଲାଗି ରହିଛି ।

# ସ୍ୱର୍ଣ୍ଣିମ ବିଜୟ ମଶାଲକୁ ପୁରୀରେ ଭବ୍ୟ ସ୍ୱାଗତ

ପୁରୀ,୬/୧୧ (ନି.ପ୍ର): ସ୍ୱର୍ଣ୍ଣିମ ବିଜୟ ମଶାଲକୁ ପୁରୀରେ ସ୍ୱାଗତ କରାଯାଇଛି । ଏହି ମଶାଲ ଠିକ ସକାଳ ୮ ଘଟିକା ସମୟରେ ବ୍ଲୁ ଫ୍ଲାଗ ବିଚରେ ପହଂଚିବା ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ, ଶ୍ରୀ ସୁଭାଷ ଚନ୍ଦ୍ର ନାଥଶର୍ମା, ଡିଏଫଓ ଶ୍ରୀ ପି. ରାମାସ୍ୱାମୀ ପ୍ରମୁଖ ପାଛୋଟି ନେଇଥିଲେ । ଭାରତୀୟ ଯବାନ ମାନଙ୍କ ବୀରତ୍ୱ ଓ ବଳିଦାନ ଯୋଗୁଁ ଦେଶ ଆଜି ଶତ୍ରୁ କବଳରୁ ସୁରକ୍ଷିତ । ବିଭିନ୍ନ ପଡୋଶୀ ରାଷ୍ଟ୍ରସହ ସୀମା ବିବାଦ ସତ୍ତ୍ୱେ ଭାରତୀୟ ସେନା ନିଷ୍ଠା ଓ ଅତ୍ୟନ୍ତ ଦାୟିତ୍ୱବାନ ତଥା ଶୃଙ୍ଖଳିତ ହୋଇ ଦାୟିତ୍ୱ ତୁଲାଉଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଅବସାରପ୍ରାପ୍ତ କର୍ଣ୍ଣେଲ ଶ୍ରୀ ମାନସ ରଞ୍ଜନ ମହାନ୍ତି, କର୍ଣ୍ଣେଲ ଦେବଦତ ସ୍ୱାଇଁ, କର୍ଣ୍ଣେଲ ପି.ଏସ. ଶେଖାଓ୍ୱତ, କର୍ଣ୍ଣେଲ ଇ.ପି. ଇଲିଆସ୍, ଲେଫ୍ଟନାଂଟ କର୍ଣ୍ଣେଲ ରିଶି ଓ୍ୱାହି ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିସହ ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ଭାରତୀୟ ସେନା ଏହାର ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ କରୁଛି । ୧୯୭୧ ମସିହାରେ ଭାରତ- ପାକିସ୍ତାନ ଯୁଦ୍ଧରେ ଭାରତ ବିଜୟ ଲାଭ କରିବା ସହ ବଙ୍ଗଳାଦେଶ ଗଠନ ନେଇ ସ୍ମୃତି ଉଦ୍ଦେଶ୍ୟରେ ଆସନ୍ତା ଡିସେମ୍ବର ୧୬ ତାରିଖକୁ ଦେଶ ବିଜୟ ଦିବସ ଭାବେ ପାଳନ କରିଥାଏ । ଚଳିତ ଥର ଏହି ବିଜୟର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଅସ୍ମିତା ଭରିଦେବା ନିମନ୍ତେ ଭାରତୀୟ ସେନା ପକ୍ଷରୁ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ସହ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରାଯାଉଛି । ଏହି ଉଦ୍ଦେଶ୍ୟରେ ଗତ ଅକ୍ଟୋବର ୨୦ ତାରିଖରୁ ୭ ନଭେମ୍ବର ମଧରେ ଓଡିଶାରେ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରାଯାଉଛି ଓ ଏହି ବିଜୟ ମଶାଲ ଆଜି ଆସି ପୁରୀରେ ପହଂଚିଛି । ପ୍ରାରମ୍ଭରେ ଅତିଥି ମାନେ ପଦ୍ମଶ୍ରୀ ଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବ୍ଲୁ ଫ୍ଲାଗ ବେଳାଭୂମିରେ ନିର୍ମିତ ବାଲୁକା କଳା ଦେଖିଥିଲେ । ଦଶଭୂଜା ଗୋଟିପୁଆ ଓ ଓଡିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା ।

ଧାରାବାହିକ : ଜୀବନାନୁଭୂତି

ଭାଗ-୪୯

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ବଣେଇ ଗୋଟିଏ ବଣବହୁଳ କ୍ଷୁଦ୍ରରାଜ୍ୟ । ଆୟତନରେ ୧୨୩୭ ବର୍ଗମାଇଲ । ରାଜ୍ୟର ଅଧିକାଂଶ ଅଧିବାସୀ ଭୂୟାଁ ନାମକ ବଣୁଆ ଆଦିବାସୀ । ଏମାନେ ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ ବାସକରନ୍ତି । ଏହି ଅଞ୍ଚଳ କେନ୍ଦୁଝର ଷ୍ଟେଟର ଭୂୟାଁ ଅଞ୍ଚଳ ସହିତ ସଂଲଗ୍ନ । ମୁଁ ଯିବା ସମୟରେ ଲୋକସଂଖ୍ୟା ଥିଲା ଚାଳିଶ ହଜାର । ଯେଉଁଆଡ଼କୁ ଗଲେ ଦେଖାଯାଉଥିଲା ନିବିଡ଼ ବଣ । ବଣ ଯୋଗୁ ବୋଧହୁଏ ଏହାର ନାମ ହୋଇଥିଲା ବଣେଇ । ଦୁଇଗୋଟି ସାହେବ କମ୍ପାନୀ ବେଙ୍ଗଲ ଟିମ୍ବର ଟ୍ରେଡ଼ିଂ କମ୍ପାନୀ ଓ ଡିଅର୍ କମ୍ପାନୀ- କଡ଼ି କାଠର ଠିକା ନେଇଥିଲେ । ପ୍ରଥମୋକ୍ତ କମ୍ପାନୀର ଦପ୍ତର ଗାଙ୍ଗପୁର ଷ୍ଟେଟ ଅନ୍ତର୍ଗତ ରେଳଲାଇନ ନିକଟସ୍ଥ ପାନପୋଷରେ ଓ ଅପର କମ୍ପାନୀଙ୍କ ଦପ୍ତର ଏହିଠାରୁ ପ୍ରାୟ ଚାରିମାଇଲ ଦୂରରେ ଅବସ୍ଥିତ କୁଲୁଙ୍ଗାରେ ଥିଲା । ଉଭୟ କମ୍ପାନୀରେ ମ୍ୟାନେଜର ଥିଲେ ଜଣେ ଲେଖାଏଁ ଗୋରା ସାହେବ । ଷ୍ଟେଟର ଆୟ ପ୍ରାୟ ଦୁଇଲକ୍ଷ ଟଙ୍କାରୁ ଜଙ୍ଗଲରୁ ଆୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ।

ରାଜା ଥିଲେ ଶ୍ରୀ ଧରଣୀଧର ଇନ୍ଦ୍ରଦେଓ । ତାହାଙ୍କ ପିତା ଥିଲେ ପୀତାମ୍ବର ଚନ୍ଦ୍ର ଦେଓ । ବଣେଇ ରାଜାଙ୍କ ପାରମ୍ପରିକ ପଦ ପର୍ଯ୍ୟାୟକ୍ରମେ ଚନ୍ଦ୍ର ଦେଓ ଓ ଇନ୍ଦ୍ର ଦେଓ । ରାଜା ଧରଣୀଧରଙ୍କ ବୟସ ହୋଇଥିଲା ପ୍ରାୟ ଚାଳିଶବର୍ଷ । ସେ ନିଃସନ୍ତାନ ଥିଲେ । ପିତାଙ୍କ ୧୯୦୨ ମସିହାରେ ମୃତ୍ୟୁ ହେଲାରୁ ସେ ଇନ୍ଦ୍ର ଦେଓ ପଦ ଗ୍ରହଣ କରି ତାଙ୍କର ୧୯ବର୍ଷ ବୟସରେ ରାଜା ହେଲେ । ସାଧାରଣ ଲୋକଙ୍କ ନାବାଳକି ଆଇନାନୁସାରେ ୧୮ବର୍ଷ ପର୍ଯ୍ୟନ୍ତ ରହେ । କିନ୍ତୁ ରାଜାମାନେ ଇଂରେଜଙ୍କ ଅମଳରେ ୨୧ବର୍ଷ ପର୍ଯ୍ୟନ୍ତ ନାବାଳକ ରହୁଥିଲେ । ଇଂରେଜ ଶାସନରେ ଦେଶୀୟ ରାଜାମାନଙ୍କ ସମ୍ବନ୍ଧରେ ସରକାରଙ୍କ ଏହି ନୀତି ଥିଲା । ତଦନୁସାରେ ଇଂରେଜ ସରକାର ରାଜା ନାବାଳକ ଥିବା ପର୍ଯ୍ୟନ୍ତ ବଣେଇ ରାଜ୍ୟର ଶାସନ ଭାର ନିଜ ହସ୍ତରେ ଗ୍ରହଣକରି ପ୍ରତ୍ୟକ୍ଷ ଶାସନ କାର୍ଯ୍ୟ ପରିଚାଳନ ସକାଶେ ଛୋଟନାଗପୁର କମିଶନରଙ୍କ ଅଧୀନରେ ଜଣେ ଲେଖାଏଁ ମ୍ୟାନେଜର୍ ନିଯୁକ୍ତି କରି ପଠାଇଲେ ଏବଂ ନାବାଳକ ରାଜା ତାଙ୍କଠାରେ ବିଭିନ୍ନ ବିଭାଗର କାର୍ଯ୍ୟଶିକ୍ଷାର ବ୍ୟବସ୍ଥା କଲେ । କିଛିଦିନ ଉତ୍ତାରେ ରାଜା ବାମଣ୍ଡାର ରାଜା ସୁଢଳ ଦେବଙ୍କ କନ୍ୟାଙ୍କ ପାଣିଗ୍ରହଣ କଲେ ଏବଂ ସରକାର ତାଙ୍କୁ ସର୍ବାଙ୍ଗୀନ ଶିକ୍ଷା ସକାଶେ ତାଙ୍କୁ ଶ୍ୱଶୁରଙ୍କ ଅଧୀନରେ ରଖିଦେଲେ; କିନ୍ତୁ ତାଙ୍କୁ ଅଧିକ ଦିନ ବାମଣ୍ଡାରେ ରହିବାକୁ ହୋଇନଥିଲା । ବାମଣ୍ଡା ରାଜାଙ୍କ ଅନୁରୋଧରେ ତାହାଙ୍କୁ ଶିକ୍ଷା ସକାଶେ ରାଞ୍ଚିକୁ ପ୍ରେରଣ କରାହେଲା ଓ ରାଞ୍ଚିରେ ସେ ୧୯୧୩ ସାଲ ପର୍ଯ୍ୟନ୍ତ ରହିଥିଲେ ।

୧୯୦୨ ସାଲରେ ମ୍ୟାନେଜର୍ ପଦ ନେଇ ଆସିଲେ ହରିପଦ ଘୋଷ, ଡେପୁଟି କଲେକ୍ଟର । ସେ ଅଳ୍ପଦିନ ମାତ୍ର ରହି ଚାଲିଗଲେ ଓ ତାଙ୍କ ସ୍ଥାନରେ ସବ୍‌ଡେପୁଟି କଲେକ୍ଟର ମୌଲବୀ ଚୈନୁଦ୍ଦିନ ଆସିଲେ । କିନ୍ତୁ ସେ ସୁଦ୍ଧା ଅଧିକ ଦିନ ରହିଲେ ନାହିଁ । ବଣେଇକୁ ଆସିବା ଅଳ୍ପଦିନ ଭିତରେ ହେଡ୍‌କ୍ଲର୍କ ଓ ଡାକ୍ତର ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଯୋଗୁଁ ବଣେଇରେ ତାଙ୍କ ଜୀବନ ସଙ୍କଟାପନ୍ନ ହୋଇଥିବା କାରଣ ନେଇ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେବା ସକାଶେ ସରକାରଙ୍କଠାରେ ଆବେଦନ କଲେ । ସେ ଚାଲିଗଲେ ଓ ତାଙ୍କ ସ୍ଥାନରେ ୧୯୦୩ ସାଲରେ ଆସିଲେ ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର୍ ଶ୍ରୀ ଜଗନ୍ନାଥ ଦତ୍ତ । ସେ ଅଢ଼େଇ ମାସ ମାତ୍ର ରହିଲା ଉତ୍ତାରେ ପୀଡ଼ିତ ହୋଇ ଛୁଟି ନେଇ ଚାଲିଗଲେ; ଆଉ ଆସିଲେ ନାହିଁ । ତତ୍ପରେ ଆସିଲେ ଶ୍ରୀ ଜଗଦୀଶଚନ୍ଦ୍ର ଲାହିଡ଼ି । ସେ ସୁଦ୍ଧା ଅଳ୍ପଦିନ ମଧ୍ୟରେ ଚାଲିଗଲେ । ଏପରି ଭାବରେ ବର୍ଷକ ମଧ୍ୟରେ ଚାରିଜଣ ଦେୱାନ ଆସି ଚାଲି ଯାଇଥିଲେ ।

ସେ କାଳର ପ୍ରାୟ ପ୍ରତ୍ୟେକ ଗଡ଼ଜାତ ରାଜ୍ୟର ଅବସ୍ଥା ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ, ଗୋଟିଏ ଯୋଡ଼ିଏ ବଡ଼ବଡ଼ ରାଜ୍ୟ ଛାଡ଼ିଦେଲେ ସେଠାରେ ଉନ୍ନତ ଶାସନ ପ୍ରଣାଳୀ ପ୍ରତିଷ୍ଠିତ ନଥାଏ କିମ୍ୱା ରାଜପୁତ୍ରମାନଙ୍କ ଶିକ୍ଷା ସକାଶେ କୌଣସି ଉନ୍ନତ ଧରଣର ଅନୁଷ୍ଠାନ ମଧ ନଥାଏ । ପିଲାଦିନରୁ ରାଜପୁତ୍ରମାନଙ୍କ ଶିକ୍ଷା, ଦୀକ୍ଷା, ଖେଳକୌତୁକ ତଥା ସାଧାରଣ ଜୀବନଯାତ୍ରା ନିମ୍ନଶ୍ରେଣୀୟ ଚାକରମାନଙ୍କ ସାହାଚର୍ଯ୍ୟରେ ନିର୍ବାହିତ ହେଉଥାଏ ଏବଂ ଏମାନଙ୍କ ଆଚରଣ, ବ୍ୟବହାର ପ୍ରଭୃତି କାର୍ଯ୍ୟକଳାପ ରାଜପୁତ୍ରମାନଙ୍କ ଜୀବନରେ ପ୍ରତିଫଳିତ ହୋଇ ତାଙ୍କ ଚରିତ୍ର ତଦନୁସାରେ ପ୍ରଭାବିତ ହୁଏ । କ୍ଷମତାଗତ ରାଜ୍ୟବିସ୍ତାର ଲୋଲୁପ ବିଦେଶୀୟ ଶାସନକର୍ତ୍ତାଙ୍କୁ ଏହି ପ୍ରକାର ପରିସ୍ଥିତି ସୁଯୋଗ ଯୋଗାଇ ଦିଏ ଏବଂ ସ୍ଥାନୀୟ ରାଜପୁରୁଷଗଣଙ୍କ ପ୍ରରୋଚନାରେ ସରକାର ରାଜ୍ୟଗୁଡ଼ିକର ଆଭ୍ୟନ୍ତରୀଣ ଶାସନରେ ସୁଦ୍ଧା ହସ୍ତକ୍ଷେପ କରନ୍ତି । ବଣେଇ ତୁଲ୍ୟ କ୍ଷୁଦ୍ର ରାଜ୍ୟ ଏହି ପରିସ୍ଥିତିର ବହିର୍ଭୂତ ନଥିଲା । ରାଜ୍ୟରେ ଶିକ୍ଷିତ ବୋଲାଇବା ଭଳି କେହି ନଥିଲେ । ରାଜ୍ୟର ଅଧିକାଂଶ ଅଧିବାସୀ ଭୂୟାଁ, କୋହ୍ଲ ପ୍ରଭୃତି । ଏହାର ଚତୁଃପାର୍ଶ୍ୱରେ କେନ୍ଦୁଝର, ଗାଙ୍ଗପୁର, ସିଂହଭୂମ ପ୍ରଭୃତି ଅଶିକ୍ଷିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ରାଞ୍ଚି ଜିଲ୍ଲା ସୁଦ୍ଧା ଏହି ସମୟରେ ଏହି ଅଞ୍ଚଳ ଅପେକ୍ଷା ଶିକ୍ଷାରେ ଅଧିକ ଉନ୍ନତ ନଥିଲା । ସୁତରାଂ ସେଠାରେ ସୁଦ୍ଧା ରାଜାଙ୍କ ଶିକ୍ଷା ଆଶାନୁରୂପ ହୋଇ ପାରିଲା ନାହିଁ । ଆହୁରି ଶିକ୍ଷାଦ୍ୱାରା ରାଜ୍ୟର ଶାସନଗ୍ରହଣ ଭାର ପାଇଁ ସମ୍ପୂର୍ଣ୍ଣରୂପେ ଯୋଗ୍ୟ କରିବା ସକାଶେ ତାଙ୍କୁ ତାଙ୍କ ୨୭ବର୍ଷ ବୟସ ପର୍ଯ୍ୟନ୍ତ ରାଞ୍ଚିରେ ରଖାହେଲା । ୧୯୧୩ ସାଲରେ କେତେକାଂଶରେ ସୀମିତ କ୍ଷମତାପ୍ରାପ୍ତ ହୋଇ ରାଜ୍ୟଭାର ଗ୍ରହଣ କଲେ । କିନ୍ତୁ ତାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ଦେୱାନ ପଦରେ ଜଣେ ସରକାରୀ କର୍ମଚାରୀ ରଖିବା ସକାଶେ ବ୍ୟବସ୍ଥା ହେଲା । ଏଥିରେ ରାଜାଙ୍କ ଅନ୍ତରରେ ଅଶ୍ରଦ୍ଧା ହେଉଥିବା ସ୍ୱାଭାବିକ । ରାଜ୍ୟରେ ଏହି ପଦ ସକାଶେ ଯୋଗ୍ୟବ୍ୟକ୍ତି ଅଭାବରେ ବାହାରୁ ଏମାନଙ୍କୁ ଯିବାକୁ ହେଉଥିଲା । ଘନ ଘନ ପରିବର୍ତ୍ତନ ଯୋଗୁଁ ରାଜା ଓ ପ୍ରଜା ଉଭୟଙ୍କ ମଧ୍ୟରେ ସଦ୍‌ଭାବ ସ୍ଥାପନର ସୁଯୋଗ ପ୍ରାପ୍ତ ପୂର୍ବରୁ ଏମାନଙ୍କୁ ସ୍ଥାନତ୍ୟାଗ କରିବାକୁ ହେଉଥିଲା । ଏକ ଦିଗରେ ଇଂରେଜ ସରକାରଙ୍କ ନିର୍ଦ୍ଦେଶରେ କର୍ତ୍ତବ୍ୟପାଳନ, ଅପରପକ୍ଷରେ ରାଜାଙ୍କ ମନରକ୍ଷା । ଉଭୟ ସଙ୍କଟରେ ପଡ଼ି ଦେୱାନଙ୍କ ଜୀବନ ସର୍ବଦା ଅଶାନ୍ତିପୂର୍ଣ୍ଣ ଥାଏ । ସୁତରାଂ ଆଭ୍ୟନ୍ତରୀଣ ଶାସନ ଶୃଙ୍ଖଳାସମ୍ପନ୍ନ ନଥାଏ । ଶାସନ କାର୍ଯ୍ୟ ପରିଦର୍ଶନ ଓ ସାର୍ବଭୌମ ଶାସକଙ୍କ ସହିତ ସମ୍ପର୍କ ସଂସ୍ଥାପନ ସମ୍ପର୍କରେ ନିଯୁକ୍ତ ଥାଆନ୍ତି ପଲିଟିକାଲ୍ ଏଜେଣ୍ଟ ପଦରେ ଜଣେ ଇଂରେଜ ରାଜପୁରୁଷ । ତାଙ୍କୁ ପୁଣି ଦେଖିବାକୁ ହେଉଥାଏ ୨୬ଟି ରାଜ୍ୟ । ସେ ବର୍ଷକୁ ଥରେ ଆସି ପ୍ରତ୍ୟେକ ରାଜ୍ୟ ବୁଲିଯାନ୍ତି ଓ ଖିଆପିଆ, ଭୋଜିଭାତ, ଶିକାର ଓ ରାଜାମାନଙ୍କ ଠାରୁ ଷୋଡ଼ଶୋପଚାରେ ପୂଜା ଗ୍ରହଣ କରି ଚାଲିଯାନ୍ତି । ଗଡ଼ଜାତବାସୀ ପ୍ରଜାଙ୍କ ଅଭାବ, ଅଭିଯୋଗ, ସୁଖଦୁଃଖ ସମ୍ବନ୍ଧରେ ଅନୁସନ୍ଧାନ କରି ତହିଁର ପ୍ରତିକାର କରିବାକୁ ତାଙ୍କର ସମୟ ବା ସୁଯୋଗ ନଥାଏ । ପୁଣି ସ୍ଥାନୀୟ ସାମାଜିକ ରୀତିନୀତିରେ ବିଦେଶୀୟ ଶାସକବର୍ଗଙ୍କ ସମ୍ପର୍କନ୍ୟୁନତା-ଜନିତ ଅନଭିଜ୍ଞତା । ଗତାନୁଗତିକ ବିଦେଶୀୟ ଶାସନ ପ୍ରଭାବରେ ତହିଁର ସ୍ଥାନ ବା କାହିଁ? ଗଡ଼ଜାତ ରାଜ୍ୟ ସମୂହର ଶାସନ ପ୍ରଣାଳୀ ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କଲେ ଜଣାଯାଉଥିଲା ଯେ, କୌଣସି ରାଜ୍ୟରେ ଇଂରେଜ ଶାସନାଧିନ ଅଞ୍ଚଳ ତୁଲ୍ୟ ବିଧିବଦ୍ଧ ବ୍ୟବସ୍ଥା ନଥିଲା । ରାଜା ପ୍ରଜାଙ୍କ ସାଧାରଣ ସମ୍ପର୍କ ସମ୍ବନ୍ଧରେ ସୁଦ୍ଧା ଏପରି କୌଣସି ପ୍ରକାର ବ୍ୟବସ୍ଥା ବା ନିୟମ ନଥିଲା, ଯାହାଦ୍ୱାରା ଏକ ରାଜାଙ୍କ ବଂଶଧର ବା ଉତ୍ତରାଧିକାରୀ ତାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ହେବା ବା ରାଜା ଓ ପ୍ରଜା ଉଭୟେ ତଦ୍ୱାରା ନିୟନ୍ତ୍ରିତ ହୋଇ ରହିବେ । ଇଂରେଜଶାସିତ ଅଞ୍ଚଳରେ ପ୍ରଚଳିତ ଆଇନଦ୍ୱାରା ଶାସକ ଓ ଶାସିତ ଉଭୟେ ଆବଦ୍ଧ । ବସ୍ତୁତଃ ତତ୍‌କାଳୀନ ଗଡ଼ଜାତ ରାଜ୍ୟ ଶାସନ ଶାସକ ବିଶେଷଙ୍କ ବ୍ୟକ୍ତିଗତ ମନୋବୃତ୍ତି ଉପରେ ନିର୍ଭର କରୁଥିଲା । ଅପରପକ୍ଷରେ ସାର୍ବଭୌମ ଇଂରେଜ ଶାସନ; ରାଜାମାନେ ଇଂରେଜ ଶାସନର କ୍ରୀଡ଼ା ପୁତ୍ତଳିକା ତୁଲ୍ୟ ରହି ପଲିଟିକାଲ୍ ଏଜେଣ୍ଟଙ୍କ ତୋଷରେ ବ୍ୟସ୍ତ ହୋଇ ରହୁଥିଲେ । (କ୍ରମଶଃ)

# ପର୍ଦ୍ଦା ପଛର କଥା

ଭାଗ-୨୩

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



## ମଲ୍ଲିଫୁଲ ତିନିତିନିଟା

'ପ୍ରେମବନ୍ଧନ' ମୁକ୍ତିଲାଭ କରିବା ପରେ ଅନେକ କିଛି ଅଶା ବାନ୍ଧିଥିଲି । ଭାବିଥିଲି ଏହାପରେ ଅନେକ କାମ ମିଳିବ । ବିଶେଷକରି ଗୀତିକାର ଭାବରେ । ହେଲେ ସେପରି କିଛି ଘଟିଲା ନାହିଁ । ତେବେ ଟେଲିଭିଜନ ଦୁନିଆରେ ମୋର ବ୍ୟସ୍ତତା ବଢ଼ିଗଲା । ଅଭିନୟ, ଗୀତ ରଚନା, ସଂଳାପ ସବୁଥିରେ ମୋର ବ୍ୟବସ୍ଥା । ମୋଟାମୋଟି ଭାବରେ କହିବାକୁ ଗଲେ ଛୋଟ ପରଦାରେ ମୁଁ ବେଶ୍ କର୍ମଚଂଚଳ ଓ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲି ।

ଏହା ମଧ୍ୟରେ ସବ୍ୟସାଚୀ ମହାପାତ୍ର (ସବ୍ୟଦା) ଆଉ ଗୋଟିଏ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବାପାଇଁ ପ୍ରସ୍ତୁତି ଚଳାଇଲେ । ଅନ୍ୟ ପ୍ରଯୋଜନାରେ ସବ୍ୟଦା ନିର୍ଦ୍ଦେଶନା ଦେବେ । କମର୍ସିଆଲ ଫିଲ୍ମ । ସାଧାରଣତଃ ଦେଖାଯାଏ କଳାତ୍ମକ ଚଳଚ୍ଚିତ୍ର କରୁଥିବା ନିର୍ଦ୍ଦେଶକମାନେ ବ୍ୟବସାୟିକ ଚଳଚ୍ଚିତ୍ରରେ ସେଭଳି କିଛି ଆଖିଦୃଷ୍ଟିଆ ସଫଳତା ଲାଭ କରିନଥାନ୍ତି । ହେଲେ ସବ୍ୟଦା ତା'ର ଏକ ବ୍ୟତିକ୍ରମ, ଭୁଖା, ଝିଲ୍ଲି ଭଳି ଚଳଚ୍ଚିତ୍ର କରିଥିବା ବେଳେ, ସବୁମାୟାରେ ବାୟା, ବୋଉ ଭଳି ବ୍ୟବସାୟିକ ଚଳଚ୍ଚିତ୍ରରେ ସଫଳତା ହାସଲ କରିପାରିଥିଲେ ।

ଚଳଚ୍ଚିତ୍ରର ନାମ ହେଲା, 'ବାହୁଡିବେ ମୋ ଜଗା ବଳିଆ' । ପ୍ରଯୋଜକ ତିନିଜଣ ମିଶ୍ର ସାଙ୍ଗିଆଧାରୀଙ୍କୁ ଏହି ଚଳଚ୍ଚିତ୍ରରେ ହେବା ପାଇଁ ପ୍ରସ୍ତାବ ଦେଇଥିଲେ (ଏ କଥା ପରେ ଶୁଣିଲି) ନାୟିକା ଜ୍ୟୋତି ମିଶ୍ର, ସଂଗୀତକାର ମଳୟ ମିଶ୍ର ଓ ସ୍କ୍ରିପ୍ଟରେ ବିଜୟ ମିଶ୍ର । ବିଜୟ ଭାଇନା ପ୍ରତିଷ୍ଠିତ ଲେଖକ, ମୁଁ ଅବଶ୍ୟ ଆଶାବାନ୍ଧି ବସିଥିଲି ଏ ଚଳଚ୍ଚିତ୍ରରେ ସବ୍ୟଦା ମତେ ସଂଳାପ ପାଇଁ ନେବେ, ତେବେ ସେମିତି କିଛି ହେଲା ନାହିଁ ।

ଏକ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଆଧାରରେ 'ବାହୁଡିବେ ମୋ ଜଗା ବଳିଆ'ର କାହାଣୀ ପ୍ରସ୍ତୁତ ହେଉଥାଏ । ମୋର ସନ୍ଦେହ ଥାଏ ଯେ, ଏତେ ଲୋକପ୍ରିୟ ଚଳଚ୍ଚିତ୍ରକୁ ପୁଣିଥରେ ଓଡ଼ିଆ ଦର୍ଶକ ଦେଖିବେ କି ନାହିଁ । ବିଜୟ ମିଶ୍ର ଅତ୍ୟନ୍ତ ସତର୍କତାର ସହ ସ୍କ୍ରିପ୍ଟ ପ୍ରସ୍ତୁତ କରୁଥାନ୍ତି । ଅନେକ ସମୟରେ ମୁଁ ବିଜୟ ଭାଇନାଙ୍କ ସହ ଥାଏ । ସିକ୍ୟୁଏନ୍ସକୁ କିଭଳି ଚିତ୍ରନାଟ୍ୟରେ ପରିବର୍ତ୍ତନ କରି ସଂଳାପ ରଚନା କରାଯାଏ ମୁଁ ତୀକ୍ଷ୍ଣ ଭାବରେ ଅନୁଧ୍ୟାନ କରୁଥାଏ । ତେବେ ମୋର ମନେହୁଏ ବିଜୟ ମିଶ୍ର ହିଁ ନାଟକୀୟତା ସୃଷ୍ଟି କରିବାରେ ସବୁଠାରୁ ସଫଳ ।

ତେବେ ସେ ଯାହା ହେଉନା କାହିଁକି ମଳୟ ମିଶ୍ରଙ୍କୁ ନେଇ ସଂଗୀତ କାର୍ଯ୍ୟ ଆରମ୍ଭ ହୋଇଗଲା । ସବ୍ୟଦାଙ୍କର ଗୀତିକାର ଭାବରେ ମୋ ଉପରେ ଅଖଣ୍ଡ ବିଶ୍ୱାସ । ଦାଦା କହିଲେ "ରଜନୀ ବାବୁ ଆପଣ ଟାଇଟିଲ ଗୀତ ଲେଖିବେ ।"

ମୁଁ ମନେ ମନେ ଚଳଚ୍ଚିତ୍ରଟିର ଟାଇଟିଲ୍‌ଟିକୁ ନେଇ ଅନେକ ଡମିଲାଇନ୍ ପ୍ରସ୍ତୁତ କରିଥାଏ । ଏସବୁ ଭାରି କାମ ଦିଏ ବୋଲି ମୋର ବିଶ୍ୱାସ ।

କଟକର ବାଦାମବାଡ଼ିସ୍ଥିତ ଅରୁଣ ସାହୁଙ୍କ ଅଫିସରେ ଗୀତ ସିଟିଂ ରହିଥାଏ । ମଳୟ ମିଶ୍ର ପ୍ରସ୍ତାବ ଦେଲେ ସମୁଦାୟ ପାଞ୍ଚଗୋଟି ସିକ୍ୟୁଏନ୍ସରେ ୫ଜଣ ଗୀତିକାରଙ୍କୁ ସୁଯୋଗ ଦେବା । ଦେବଦାସ ଛୋଟରାୟ, ଅରୁଣ ମନ୍ତ୍ରୀ, ବସନ୍ତ ରାଜ ସାମଲ, ବିଜୟ ମଲ୍ଲ ଓ ମୁଁ ।

ନିର୍ଦ୍ଦିଷ୍ଟ ଦିନ ମୁଁ ସ୍କୁଟରରେ ସବ୍ୟଦାଙ୍କ ଘରେ ପହଞ୍ଚିଲି, ତାଙ୍କ ଗାଡ଼ିରେ କଟକ ଯିବା କଥା । ବାରଙ୍ଗ ପାଖରେ ଗାଡ଼ି ଖରାପ ହୋଇଗଲା । ଦୁଇଘଣ୍ଟା ବିଳମ୍ବ ହୋଇଗଲା । ଆମେ ପହଞ୍ଚିଲୁ । ସେତେବେଳକୁ ମଳୟ ମିଶ୍ର ଶୀର୍ଷକ ଗୀତଟିକୁ ଦେବଦାସ ଛୋଟରାୟଙ୍କୁ ଲେଖିବା ପାଇଁ କହିସାରିଥାନ୍ତି । ଦେବଦାସ ବାବୁ ବି ଚମତ୍କାର ଲାଇନ୍ ଦେଇଥାନ୍ତି ।

ମୋ ମନ ଖରାପ ହୋଇଗଲା । ଶୀର୍ଷକ ଗୀତ ଲେଖିବା ପାଇଁ ମୁଁ ମାନସିକ ପ୍ରସ୍ତୁତି କରିଦେଇଥିଲି । ସବ୍ୟଦା ମଧ ନିରବ ରହିଲେ । ଦେବଦାସ ଛୋଟରାୟ ଅଭିଜ୍ଞ ଗୀତିକାର । ଅକ୍ଷୟ ମହାନ୍ତି (ଖୋକା ଭାଇ)ଙ୍କ ପରେ ମୁଁ ଯାହାଙ୍କୁ ଅଧିକ ସମ୍ମାନ ଦିଏ ସିଏ ହେଉଛନ୍ତି ଦେବଦାସ ଛୋଟରାୟ । କହିବାକୁ ଗଲେ ମୁଁ ତାଙ୍କର ଜଣେ ଜବରଦସ୍ତ ଫ୍ୟାନ୍ ।

ତେଣୁ ମୋର ଖୁସି ହେବାର କଥା । ଅନ୍ୟ କେହି ଶୀର୍ଷକ ଗୀତିଟିକୁ ଲେଖିଥିଲେ ମନଦୁଃଖ ହୋଇଥାନ୍ତା । ଅନ୍ୟ ଗୀତିକାର ମାନଙ୍କୁ ସିକ୍ୟୁଏନ୍ସ ଦିଆଯାଇଥିଲା । କହିବାକୁ ଗଲେ ଆମ ଗୀତିକାରମାନଙ୍କ ମଧ୍ୟରେ ଏକ ନିରବ ପ୍ରତିଯୋଗିତା ଆରମ୍ଭ ହୋଇଗଲା ।


ମତେ କ୍ଲାଇମାକ୍ସର ବାହାଘର ସିକ୍ୟୁଏନ୍ସ ଗୀତ ଲେଖିବାକୁ କୁହାଗଲା । ଚଳଚ୍ଚିତ୍ରର ଅନ୍ତିମ ଗୀତ । ବାହାଘର ବରଯାତ୍ରୀଙ୍କ ଗୀତ । ହର ପଟ୍ଟନାୟକ, ସିଦ୍ଧାନ୍ତ, ଶ୍ରୀତମ, ଜ୍ୟୋତି ମିଶ୍ର, ପିଣ୍ଟୁନନ୍ଦ ଆଦି ସବୁ କଳାକାରମାନେ ଅଭିନୟ କରିବେ । କମରସିଆଲ ଗୀତ । ମୁଁ କାଗଜରେ କେତେଗୁଡ଼ିଏ ଡମି ଲାଇନ୍ ଲେଖି କାଗଜଟିକୁ ମଳୟ ମିଶ୍ରଙ୍କ ହାତକୁ ବଢ଼ାଇଦେଲି । ମନେ ଅଛି ପ୍ରାୟ ଛଅଗୋଟି ମୁଖଡ଼ା ମୁଁ ଲେଖିଥିଲି ।

ହଠାତ୍ ମଳୟମିଶ୍ର ଟ୍ୟୁନ୍ କରିବା ଆରମ୍ଭ କରିଦେଲେ ମୋର ଏକ ମୁଖଡ଼ାକୁ ନେଇ । "ଓଢ଼ଣୀ ଫାଙ୍କରେ କିଏରେ, ଲୁଚି ଲୁଚି ଚାହିଁ ଦିଏରେ, ଯାଉଛି ବର, ନୂଆ ନାଗର, ଦାଣ୍ଡ ଦୁଲୁକାଇ ଦିଏରେ ।" ଚମତ୍କାର ଟ୍ୟୁନ୍ । ମୁଁ ରୋମାଂଚିତ ହୋଇଗଲି, ସବ୍ୟଦା ଓ ଅନ୍ୟମାନେ ଗୀତ ଓ ସ୍ୱରକୁ ଲାଇନ୍ କଲେ । ମୁଁ ଅନ୍ୟ ପଦଗୁଡ଼ିକୁ ଲେଖିଦେଲି, ଏଥିରେ ସଂବଲପୁରର ଲୋକପ୍ରିୟ ଗୀତର ଧାଡ଼ିକୁ ଟ୍ୟାଗ୍ ଲାଇନ୍ ଭାବରେ ଯୋଗ କରାଗଲା - ମଲ୍ଲିଫୁଲ ତିନିତିନିଟା- ଏଇ ଲାଇନ୍ ମଧ୍ୟରେ କାହାଣୀ ଗତିଶୀଳ ଓ ଇଂଗିତ ଧର୍ମୀ ଥିଲା ।

ସେ ବର୍ଷ ଗୀତଟି ଖୁବ୍ ଲୋକପ୍ରିୟ ହୋଇଥିଲା । ସିନେମା ହଲ୍‌ରେ ଗୀତଟି ବାଜିଲା ବେଳେ ଲୋକମାନେ ଗାମୁଛା, ରୁମାଲ ହଲାଇ ନାଚୁଥିବାର ଦେଖାଗଲା । ଏବେକାର ସଂଗୀତକାରମାନେ ପ୍ରଥମେ ମୁଖଡ଼ା ଦିଅନ୍ତି, ହେଲେ ମୋ ମୁଖଡ଼ାକୁ ନେଇ ମଳୟ ମିଶ୍ର ଟ୍ୟୁନ୍ କରିଥିବାରୁ ଖୁସି ଲାଗୁଥିଲା । ଏବେବି ମଲ୍ଲିଫୁଲ ତିନିତିନିଟା ବେଶ୍ ଲୋକପ୍ରିୟ । (କ୍ରମଶଃ)

● ଚକ୍ରପାଣି ପରିଚ୍ଛା

## ॥ ଏକା ଏକା ଅନ୍ତରଙ୍ଗ ॥



ସବୁଠି ଦୁଃଖର ଅଳି ଅର୍ଦ୍ଦଳି
ସବୁଠି ଯନ୍ତ୍ରଣାର କୁହାଟ
ଆକାଶକୁ ଛୁଇଁପାରୁନଥିବା ହାତର
ଅସରା ଅସରା କାଂଦ
ଅଶିଣ ମେଘ ପରି

ରାତି ପାହିଲେ
ପୂର୍ବ ଦିଗକୁ ଚାହିଁ
ମାଗୁଣି କରେ
ଆ, ଜଂଜାଳ, ଆ
ଭେଦି ଯା ହାଡରୁ ହାଡକୁ
ଶୋଷି ନେ ହାଡ ଭିତରର ଶସ
ଆଜିକ ପାଇଁସାଇତିରଖିଥିବା
ମାଂସରୁ ଦି ପଳ ଆଉ ପୋଷେ ରୁଧିର

ସେ ତ ଜାଣେନା
ଈଶ୍ୱରଙ୍କ ଛଳ ଏବଂ
ସିଆଣାପଣ

ଏ କଥା ବି ଜାଣେନା ଯେ
ପଶାପାଲିର ସବୁତକ ଦାନ
ଈଶ୍ୱରଙ୍କ ସପକ୍ଷରେ, ସବୁକାଳେ

ବେଳାଏ ଭୋକ ପାଇଁ
ଜୀବନକୁ ବାଜିଲଗେଇବା ଯେମିତି
ବାଁ ହାତର ଖେଳ

ଜୀବନ କହିଲେ ବୁଝେ
ଅଥଳ ଜଳରେ ଦିଗ ପାଉନଥିବା
ଗୋଟେ ଦଦରା ନାଆ

ଭାସୁଚି ତ
ନା କୂଳକୁ ଛୁଏଁ
ନା ବୁଡିଯାଏ ଆଂଠୁଏ ପାଣିରେ

ଏତିକି ଜାଣେ
ମରିବାପାଇଁ ହିଁ ଏଠି ବଂଚିବାକୁ ହୁଏ ।।

♥ ବୈପାରିଗୁଡା, କୋରାପୁଟ
(ମୋ) ୯୧୭୮୬୪୭୧୩୭

କବିତା.... ଆମ ସମୟର

● ସତ୍ୟରଞ୍ଜନ ପ୍ରହରାଜ

## ॥ ବୃତ୍ତ ॥



ବୋଧେ ସେଦିନ ଆରମ୍ଭିଥିବା
ଓ ଆଜି ବିରାମରେ ବସିଥିବା
ଏ ଛକର ଠିକଣା ସମାନ !!

ସ୍ୱପ୍ନକୁ ସଜାଇବାରେ ବ୍ୟସ୍ତ ଆଖିକୁ
ସମର୍ପଣ ଶିଖାଇଦେଇ
ଯାହା ତୁମେ ହାସଲ କରିନେଲ
କାହା ନା କାହା ପାଖେ
ନିଜର ସେତକ ବି ସମର୍ପିଥିବ
ମୁଁ ଥିଲି ନିଃସନ୍ଦେହ ?

ସନ୍ଦେହ କେବଳ ଥିଲା
ଅନ୍ଧାରରେ ଗଢିଥିବା ନିଷିଦ୍ଧ ପ୍ରଣୟ
ଓ ବଢିଲା ପାପକୁ ଧରି
ତୁମେ କଣ ଯାଇପାରିଥିବ

ଗଣିକା ବସ୍ତି ଅବା ଅଳିଆ ଗଦା'ର ନର୍କ,
ଆତ୍ମଗ୍ଲାନି ବୋହି ବୋହି
କଣ ଖୋଜି ପାରିଥିବ
ପାପ ଓ ପୁଣ୍ୟ ଠୁ ଅନେକ ଦୂର
ଏକ ସ୍ମୃତିହୀନ ଜହ୍ନରାତି
ଓ ଏକ ନିଃସଂଗ ଦ୍ୱୀପର ଘର ?

ଏଇ ଦେଖ.. ଆଜି ଏ ଛକରେ
ଅଦିନିଆ ଭେଟଘାଟ
ସଂଯୋଗ ନା ବିଡମ୍ବନା
ତୁମେ କିନ୍ତୁ ଟିକେ ବଦଳିନା !
ସେହି କାମିନୀ ସ୍ୱରରେ

ସମର୍ପଣ ମନ୍ତ୍ର ପଢି
ନିଜ ପାପକୁ ଆଉ କାହା ଶିରପା କରି
ଫେରିଯିବାର ବିଚକ୍ଷଣ କଳା ବୋଧେ
କେବଳ ତୁମକୁ ହିଁ ଜଣା !!

♥ ଲେନ୍ ନଂ ୬, ଏରୋଡ୍ରୋମ
ଏରିଆ, ଭୁବନେଶ୍ୱର-୨୦
(ମୋ) ୯୬୫୮୪୧୩୫୩୪

● ରାଜେଶ ପୂଜାରୀ

## ॥ ଅପ୍ରେମ ॥



ତୁମେ , ମୁଁ, ସେମାନେ
ଆହୁରି ଅନେକେ ଅଦୃଶ୍ୟରେ
ଗୋଟେ ଚକ୍'ଚକ୍ ଲହୁଣୀ ପିତୁଳା
ଘସୁଛନ୍ତି ରୂପ ରୂପାନ୍ତରେ,
ସାବୁନ୍ ଫେଣ ପ୍ରାୟ ଥିପୁଛି ଯହୁଁ
ମିଛ ଜହ୍ନ-ତାରା ,ରାତି-ରତି
ପ୍ରାପ୍ତି-ଅପ୍ରାପ୍ତିର ଜଟିଳ ଜ୍ୟାମିତି ।

ଏ'ତ ଗୋଟେ ନିର୍ଲଜ ଉଆଁସ ପାଖେ
ବନ୍ଧକ ପଡ଼ିଥିବା
କୃଷ୍ଣଚୂଡାରଙ୍ଗୀ ସକାଳର ହସ
ଗାଇଆଳ ଟୋକାର

ମୂର୍ଚ୍ଛିତ ବଂଶୀସ୍ୱନ
ବର୍ଷା ପର ଝଡ଼ିପୋକର ଆୟୁଷ ।

ଫେସବୁକ ହ୍ୱାଟ୍ସଏପ୍'ର
ଆକାଶି ଆଳାପ
ଟ୍ରିପଲ୍ ଏକ୍ସ ଡଟ୍'କମ୍'ର
ବ୍ୟାକୁଳ ବହପ
ମୈଥୁନ ପରର ହୀନମନ୍ୟତା
ମିଥ୍ୟାବାଦୀ ଖରାବେଳର ବିଳାପ ।

ଏ ଗୋଟେ ଏମିତି ବିଷୟ
ଯାହା ପ୍ରମୁଖ ଚିରକାଳ
ପୁଣି ନିଷ୍ଫଳ
ଖୁବ୍ ଖସଡ଼ା ଏ ପଥ
କେବେ ଅସରନ୍ତି କେବେ ସଙ୍କୁଚିତ
ମୋଡ଼ ହିଁ ମୋଡ଼ କେବଳ ।

ହୁଏତ ଇୟେ ଆକର୍ଷଣ
ଆଶା,ଅପେକ୍ଷା, ଶିହରଣ
ଦେଣନେଣର ସନ୍ଧିକ୍ଷଣ
କିନ୍ତୁ ପ୍ରେମ ଭଳି କିଛି କି
ପ୍ରେମ ଆଦୌ ନୁହେଁ !

ଯେହେତୁ ନିଆଁ-ପାଣି -ପବନ ଭଳି
ତା ଦାନ ମହାନ ନୁହେଁ
ପୃଥିବୀ ଭଳି ବିଶାଳ
ଆକାଶ ଭଳି ବ୍ୟାପ୍ତ ନୁହେଁ ।

♥ କୁଶମେଲ, ଝାରସୁଗୁଡା
(ମୋ) ୮୧୪୪୭୭୯୦୬୧

## ॥ ଆଜିର କାଲିର ॥

● ଗଂଗାଧର ବିଶ୍ୱାଳ



ଏଇନେ ସମୟ ଏମିତି ।
ଆମେମାନେ ଆମ ସୁଖଦୁଃଖରେ । ସେମାନେ
ସେମାନଙ୍କ ହସଖୁସିରେ ॥

ଫଟା ଭାଗ୍ୟଲିପା ମାଟିକାନ୍ଥ ଡେଇଁ
ପଶି ଆସୁଛି ଖରା
ଛାତ କଣାରୁ ଠପ୍ ଠପ୍ ଖସିପଡୁଛି
ଲଂଗଳା ଶୀତ ।
କାନ୍ଧରେ ପରିବାର ବସାଇ ଡହଳବିକଳ
ବାପା;
ହାତ ପାଆନ୍ତାର ଭଉଁରି ଘେରରେ ॥

ଘର ଭିତରେ
କବି, ଚାଷୀ, ବେଶ୍ୟା ।
ସହାବସ୍ଥାନରେ
ପ୍ରେମ, ପ୍ରୀତି, ପରକୀୟା ॥

ନଈତୁଠରେ ବସିଥାଏ ବୟସ ।
ସୁଖରେ ପହଁରୁଥାଏ ଛଞ୍ଚାଣ,
ଡୁବ ପକାଉଥାଏ ଲଣ୍ଡାମୁଣ୍ଡିଆ ସଂସାରୀ ବୈରାଗ୍ୟ
ଆତ୍ମ-ସମର୍ପଣ ମୁଦ୍ରାରେ ॥

କବି ହେବା ମୋ ଜାତକ ଲିଖନ ।
କବିତାରେ ତମ ଆମ ପ୍ରେମ । ଦୁଃଖୀରଙ୍କଙ୍କ ଜୀବନ,
ଡଷ୍ଟବିନ୍‌ର ଓଦା/ଶୁଖା ଅଳିଆ
ବିବାହ ପୂର୍ବ ପର ନିରୀହ ନିର୍ମଳ
କାତରତା । ଛେନାପାଣିରେ ଅଣଦେଖା ଯୌବନ ।
ଚାଷୀ ହାତରେ ତିଆରି ଗୋଟେ
ଧାନବିଲର ତୈଳଚିତ୍ର ॥

କେତେବେଳେ କୋଉ କଥା ।
ହୋଲ୍‌ମାର୍କ ପିନ୍ଧା ଅଳଙ୍କାର ତଳର ଦାଗ
ଗଭୀର ନଳକୂପ ପାଣିର ବିଶୁଦ୍ଧ ଶୋଷ
କଲମୀ ଫୁଲଫଳ ଗଛର ଫେଣ୍ଟାଫେଣ୍ଟି
ମିଛ ସତ ହସଖୁସି;
ଏକ ଏକ ଉଦାହରଣ ।
ଚିର କୁମାର/କୁମାରୀମାନଙ୍କର ଜନ୍ମ ବୃତ୍ତାନ୍ତ
ଏକ ଦୃଷ୍ଟାନ୍ତ ॥

ଖୁଚୁରା ଦୁଃଖକଷ୍ଟଙ୍କ ଅଚଳ ବୋଝ

ଦିନ ମଜୁରିଆର ଆଂଗୁଳିଟିପରେ ଦୃଶ୍ୟମାନ
ଆମ ସମୟର ଦସ୍ତଖତ ।
ଆକାଶ ଆର୍ସିରେ ଫର୍ଦ୍ଦେ ଓଦା ଜହ୍ନରାତି
ଗୋଟେ ପାନପତ୍ର ଛାତିରେ
ଘିନୁଆର ଆଦିବାସୀ ତୀର,
ପବନଥଣ୍ଟରେ ଭୋକ । କୁମ୍ଭୀର ପିଠିରେ କୁଆର ॥

ଛାତିତଳ ନହକା ଡାଳରୁ ଓହଳି ପଡ଼ିଥିବା
ଘରକରଣା ବାଦୁଡ଼ି
ଶ୍ୱାସରୋଗରେ ଆଜନ୍ମ ପୀଡ଼ିତା ପତ୍ନୀଙ୍କ
ବିରାଡ଼ି ଲୁଲୁଲୁଲୁ ଆଖିରେ
ଆସନ୍ତାକାଲିର ରଂଗୀନ ସକାଳ ॥

ବହିପାଠ ବାହାରୁ ଅତଡ଼ା ଖସିଥିବା
ପ୍ରଶ୍ନର ଉତ୍ତର ଖୋଜୁଖୋଜୁ
ଛାତିରେ ହାତ ମାରୁଥାଏ ମେଧାବୀ ଛାତ୍ରୀ
ଅନୁରାଧା କାଶ୍ୟପ ।
ଅନ୍ତରୀଣ ପ୍ରେମଦଶା ଭୋଗ ନସରୁଣୁ
ସରିଯାଏ ମଧବିତ୍ତ ଜୀବଦ୍ଦଶା,
ଅନୁସୃତ ଅଲୋଡ଼ା ଅସ୍ପୃଶ୍ୟ
ଫଟା କପାଳ ॥

ନଖ ମରିଯାଏ । ଲକ୍ଷେ ପାପ ସମାଧି ନିଏ
ଗଛ ଘୁଞ୍ଚିଯାଏ । ସମୁଦ୍ର ଦୂରେଇଯାଏ
ଆଶୀର୍ବାଦ ଅଭିଶାପ ପାଲଟିଯାଏ
ଆମ ଭଳି ଅଧପାପୁଲିଏ ସୁଖରେ ସନ୍ତୁଷ୍ଟ
ଅଭାଗାମାନଙ୍କ ପାଇଁ
ଜୀବନ ବହିର ପୃଷ୍ଠା ଅଲେଖା ରହିଯାଏ ॥

♥ ଆମଘର
ନିଉକଲୋନୀ, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର- ୭୫୬୦୦୧
(ମୋ) ୯୪୩୭୧୨୯୨୬୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୭ ନଭେମ୍ବର, ୨୦୨୧



## ପ୍ରେମରେ ପ୍ରେମରେ ଗୀତି ....(୨୨)



### ॥ ସତ କଳାକାର ପରି ॥


ତୁମେ ଜିତିଗଲ ଦୁନିଆ ଆଖିରେ
ମିଛ ଅଭିନୟ କରି,
ମୁଁ କିନ୍ତୁ ବସିଛି ରଙ୍ଗ ମାଖି ମୁଖେ
ସତ କଳାକାର ପରି ।

କେତେ ଯେ ସପନ ରଖିଛି ଗୋପନ
କାହାକୁ କହିବି ଖୋଲି,
ଯିଏ ବି ଶୁଣିବ ସିଏ ବି ଭାବିବ
ମନଗଢ଼ା କଥା ବୋଲି,
ନିଜ ଲୁହ ନିଜେ ପିଇ ମୁଁ ବଞ୍ଚିଛି
ତୁମରି ସ୍ମୃତିକୁ ଧରି ।

ଭାବିଥିଲି ଆମ ଗଳପ ସେଦିନ
ଅଳପ ପୂରଣ ହେବ,
ବାଜିବ ମହୁରି ଲାଗିବ ସବାରି
ତୁମେ ବଧୂବେଶେ ଥିବ,
ହେଲେ ବାଟଭାଙ୍ଗି ଚାଲିଗଲ ତୁମେ
ଚାହିଁଲନି ଆଡ଼କରି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ■ ଆଲୋଚନା ■

# ଦୁର୍ନୀତି ବିରୋଧରେ ଶପଥ ପାଠ

ସୁବ୍ରତ ପଟ୍ଟନାୟକ



ଦୁର୍ନୀତି ଏକ ଦୁଃସ୍ଥ ମାନସିକତା । ଏହା ବ୍ୟକ୍ତିକୁ କରେ କଳୁଷିତ ଓ କଳଙ୍କିତ । ସମାଜ ଓ ରାଷ୍ଟ୍ରହୁଏ ପଥଭ୍ରଷ୍ଟ । ଦୁର୍ନୀତି ନକରିବା ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ବଚନବଦ୍ଧ । ସେଥିପାଇଁ ବର୍ଷକୁ ବର୍ଷ ପାଳନ କରାଯାଉଛି ଦୁର୍ନୀତି ନିବାରଣ ସପ୍ତାହ । କର୍ମଚାରୀଗଣ ହାତ ଉପରକୁ ଟେକି ଶପଥ କରୁଛନ୍ତି "ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ କରିବେ । ଉତ୍କୋଚ ନେବେ ନାହିଁ କି ଦେବେନାହିଁ । ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହିତ ସମ୍ପାଦନ କରିବେ । ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବେ । ଦୁର୍ନୀତି ସମ୍ପର୍କରେ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ।"

ଆମ ଜାଣିବାରେ, ସିଭିସିଙ୍କ ନିର୍ଦ୍ଦେଶକ୍ରମେ ୨୦୦୦ ମସିହାଠୁ ନିରନ୍ତର ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି । ତଳିଆଠୁ ଉପର କର୍ମଚାରୀ ସମସ୍ତେ ଲାଞ୍ଚ ନ ନେବାପାଇଁ କରୁଛନ୍ତି ଶପଥ । ଖୁବ୍ ଭଲକଥା । ଅନ୍ୟଦିନ କଥା ଛାଡ଼ନ୍ତୁ, ଯେଉଁଦିନ ଶପଥପାଠ ହେଉଛି, ସେହିଦିନଟି ସମ୍ପୃକ୍ତ ଅଫିସ୍‌ରେ ଲାଞ୍ଚ କାରବାରକୁ ମୁକ୍ତ ହେଉଛି କି ? ଶପଥପାଠ କଳାପରେ କର୍ମଚାରୀ ଲାଞ୍ଚ ନେଲେ, ସେଥିପାଇଁ ସ୍ୱତନ୍ତ୍ର ଦଣ୍ଡବିଧାନ ଅଛି କି ? ଏହାର ସରଳ ଉତ୍ତର- ନା ।

ଆମେ ଦେଖୁଚେ, ପ୍ରତ୍ୟେକ ଥାନା, ତହସିଲ, ବ୍ଲକ୍ ଅଫିସ ଆଦିରେ ସୁନ୍ଦର ସାଇନବୋର୍ଡ ଲଟକା ଯାଇଛି । ସାଇନ ବୋର୍ଡରେ ଲେଖାଅଛି- "ଏହି ଅଫିସରେ କୌଣସି କର୍ମଚାରୀ ଲାଞ୍ଚ ମାଗୁଥିଲେ କିମ୍ବା ଜାଣିଶୁଣି କାମରେ ବିଳମ୍ବ ଘଟାଉଥିଲେ ତୁରନ୍ତ ମୁଖ୍ୟ ଅଧିକାରୀଙ୍କୁ ଜଣାନ୍ତୁ ।" ମାତ୍ର ଏହା କେବଳ ଧର୍ମକୁ ଆଖିଠାର । ଅଧିକାଂଶ କାର୍ଯ୍ୟାଳୟରେ ଖୁଲ୍ଲମଖୁଲ୍ଲା ଚାଲୁଛି ଲାଞ୍ଚ କାରବାର । ସେଥିପାଇଁ କେତେକ ଅଫିସରେ ଖଞ୍ଜା ହୋଇଛନ୍ତି ଦଲାଲ୍ । ଯେଉଁ କାମ ମାସ ମାସ ଧରି ହେଉନାହିଁ, ତାହା ଦିନେ ଦି'ଦିନରେ ହୋଇ ପାରୁଛି ଦଲାଲ୍ ଜରିଆରେ । ଆବେଦନକାରୀର କାଗଜପତ୍ରରେ ଦଲାଲର ନାମ ଠାର ବା ସଙ୍କେତ ଆକାରରେ ରହୁଚି । ଦଲାଲ ଜରିଆରେ ଅସୁଲ କରାଯାଉଛି ପାଉଣା । ଜାଣିଲେ ଆଶ୍ଚର୍ଯ୍ୟ ହେବେ, କେନ୍ଦୁଝର ଆର୍‌ଟିଓ ଅଫିସରେ କର୍ମଚାରୀଙ୍କ ସଂଖ୍ୟାଠାରୁ ଦଲାଲ୍‌ଙ୍କ ସଂଖ୍ୟା ଅଧିକ । ଯେଉଁ ଦଲାଲ ଯେତେ ଅଧିକ ପାଉଣା ଦେବ, ସେ ସେତେ କରିତ୍‌କର୍ମା । ଅଧିକାରୀଙ୍କ ଗେହ୍ଲା ପୁଅ । ଏହି ସ୍ତମ୍ଭକାର ଏକାଧିକ ଥର କେନ୍ଦୁଝର ଆର୍‌ଟିଓ ଅଫିସରୁ କାମ କରାଇ ନପାରି ନିରାଶରେ ଫେରିଚି । ସବୁକଥା ଜାଣି ଆର୍‌ଟିଓ ବି ନିଦାବିଷ୍ଟୁ । ଆମେ କହିବା କାହାକୁ ?

ଦୁର୍ନୀତି ନିବାରଣ ବିଭାଗର ଅନ୍ୟ ଏକ ଉଦାହରଣ ଦେଉଚେ । ୨୦୨୧ ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ୩ଜଣ ପ୍ରଥମ ଶ୍ରେଣୀ ବର୍ଗର ଅଫିସର ବିଭାଗୀୟ କର୍ମଚାରୀଙ୍କ ଜାଲରେ ଧରାପଡ଼ିଲେ । ସେମାନଙ୍କଠୁ ଜବତ ହେଲା ପ୍ରାୟ ୨୩ ଲକ୍ଷ ନଗଦ ଟଙ୍କା । ଧରା ପଡ଼ିଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି, କେନ୍ଦୁଝର ଜିଲ୍ଲା ଶାଳପଡ଼ା ଜଳସେଚନ ଡିଭିଜନର ଅଧିକ୍ଷକ ଯନ୍ତ୍ରୀ ବା ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର । ତାଙ୍କ କାର୍‌ରୁ ମିଳିଛି ପ୍ରାୟ ୧୨ ଲକ୍ଷ ଟଙ୍କା । ଏତେ ଟଙ୍କା ସେ ପାଇଲେ କେଉଁଠୁ ? ଦେଇଥିଲେ କିଏ ? କାହିଁକି ଦେଇଥିଲେ ? ଠିକା କାମ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହା ଲାଞ୍ଚ ନୁହେଁ ତ ? ?

ଯେଉଁ ଅଧିକ୍ଷକ ଯନ୍ତ୍ରୀଙ୍କ କାର୍‌ରୁ ଦୁର୍ନୀତି ନିବାରଣ ବିଭାଗ ବିଡ଼ା ବିଡ଼ା ୫ ଶହ ଟଙ୍କିଆ ନୋଟ୍ ଜବତ କରିଛନ୍ତି, ତାହା ଯେ ସେ ଏକୁଟିଆ ଚଳୁ କରିଥିବେ, ତା ନୁହେଁ । ସେଥିରେ ଉପରିସ୍ଥ ଅଧିକାରୀଙ୍କ ସେୟାର୍ ନିଶ୍ଚୟ ଥିବ । ବଡ଼ବଡ଼ିଆ ଅଫିସରଙ୍କ 'ଅଭୟ ବର' ନଥାଇ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ହେବା ମୁସ୍କିଲ । ଯେଉଁ ଲାଞ୍ଚୁଆ ଅଧିକାରୀଙ୍କ ଘରୁ ପୁଳା ପୁଳା ଟଙ୍କା ମିଳୁଛି, ସେମାନଙ୍କ ଘରବାଡ଼ି ତୁରନ୍ତ ଛାନ୍‌ଭିନ୍ କରାଯାଉନି କାହିଁକି ? କାହିଁକି ସେମାନଙ୍କୁ ଗିରଫ କରାଯାଇ ତତ୍‌କାଳ ଚାକିରୀରୁ ନିଲମ୍ବନ କରାଯାଉ ନାହିଁ ? ସେମାନଙ୍କ ବିରୋଧରେ ଭିଜିଲାନ୍ସ ଯେଉଁ ଚାର୍ଜସିଟ୍ ଦାଖଲ କରୁଛି, ସେସବୁ ଏତେ ହାଲ୍‌କା ଯେ, ଲାଞ୍ଚୁଆ ବାବୁଙ୍କୁ ଅଦାଲତ ଛାଏଁ ଛାଏଁ ଜାମିନ ଦେଉଛନ୍ତି । ରାତି ଅଧିଆ ଏଭଳି ଲାଞ୍ଚ କାରବାର ହେଉ ନଥିବ । ସମ୍ପୂର୍ଣ୍ଣ ବ୍ୟବସ୍ଥାପିତ ଢଙ୍ଗରେ ବର୍ଷ ବର୍ଷ ଧରି ଏସବୁ କାରବାର ଚାଲିଥିବ । ତେଣୁ, ଶାଳପଡ଼ା ଜଳସେଚନ ଡିଭିଜନର ପୂର୍ବ ଅଧିକ୍ଷକ ଯନ୍ତ୍ରୀଗଣ ମଧ୍ୟ ସନ୍ଦେହ ପରିସରକୁ ଆସିବେ । ସେମାନଙ୍କ ଘରବାଡ଼ି ମଧ୍ୟ ଖାନତଲାସ ହେବା ଦରକାର । ପୋତାଧନ ଲୋକଲୋଚନକୁ ଆସିବା ଉଚିତ । ଆମେ ଶୁଣିବାକୁ ପାଉଚେ, ଲାଞ୍ଚ ନେଉଥିବା ଯନ୍ତ୍ରୀ ମଧ୍ୟ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀଙ୍କୁ ମାସିକିଆ ବଟି ଦିଅନ୍ତି । ଦୁର୍ଗାପୂଜା ବଟି, କାଳୀପୂଜା ବଟି ଆଦି ଅଲଗା, ସ୍ପେଶାଲ । ଯଦି ବଟି ନେବାରେ ଓଲମ ବିଲମ ହେଲା, ତାହେଲେ ଚଢ଼ଉ । ଜାଲରେ ପଡ଼ିବା ସାର ।

ଦୁର୍ନୀତିକୁ ସରକାର ଶୂନ୍ୟ ସହନଶୀଳତା ବା ଜିରୋ ଟଲେରାନ୍ସ ବୋଲି ବିଚାରୁଛନ୍ତି । ବାସ୍ତବ କ୍ଷେତ୍ରରେ ଘଟୁଛି କଣ ? ଦୁର୍ନୀତି ଜାଲରେ ଧରାପଡୁଥିବା ଗଣ୍ଡା ଗଣ୍ଡା ଅଫିସର ନିର୍ଦ୍ଦୋଷରେ ଖଲାସ ହୋଇ ପୁଣି ରସାଳିଆ ଗାଦିରେ ବସୁଛନ୍ତି କେମିତି ? କାହା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସବୁ କେବଳ ଲୋକ ଦେଖାଣିଆ । ସବୁଠୁ ଆଶ୍ଚର୍ଯ୍ୟର କଥା, ଯେତେଜଣଙ୍କୁ ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀ ଧରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୯୨ ପ୍ରତିଶତ ନିର୍ଦ୍ଦୋଶରେ ଖଲାସ ହୋଇ ଯାଉଛନ୍ତି । କାଁ ଭାଁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଉଛି । ମାତ୍ର ସେମାନେ ଆତ୍ମସାତ କରିଥିବା ବିପୁଳ ଅର୍ଥରୁ ଫଟା କଉଡ଼ିଟିଏ ଅସୁଲ କରାଯାଇ ପାରୁନାହିଁ । ସେମାନେ ଯେତିକି ଚଳୁ କରିଛନ୍ତି, ସେଥିରେ ତିନି ଚାରି ପୁରୁଷ ବିଳାସ ବ୍ୟସନରେ ଚଳି ପାରିବେ । ଶାଳପଡ଼ା ଜଳସେଚନ ଡିଭିଜନରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ରହିଛି । ବ୍ୟାଚଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ରହିଛି ଅଖଣ୍ଡ କ୍ଷମତା । ସେ ଚାହିଁଲେ ଦୁର୍ନୀତିର ଉପଯୁକ୍ତ ତଦନ୍ତ ନିର୍ଦ୍ଦେଶ ଦେଇପାରନ୍ତେ । ତାହା ଏଯାଏଁ ଘଟିନାହିଁ । 'ସବୁ ଜାଣି ଚୁପ୍ ରହିବା', ତାଙ୍କୁ ଶୋଭା ପାଉନାହିଁ । ଆମେ ଚାହୁଁ, ସେ ଠୋସ୍ କଦମ୍ ନିଅନ୍ତୁ । ତାଙ୍କ ଭାବମୂର୍ତ୍ତିରେ ଆଞ୍ଚ ନଆସୁ । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୧୦
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫



**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଏତକ କହି ଝଡବେଗରେ ଶୋଇବାଘର ଭିତରକୁ ପଶିଗଲା ମୌସୁମୀ । 'ଜିଲ୍ଲା ପରିଷଦରୁ ଇସ୍ତଫା ଦେବି'....... ଏଇ ଧାଡିକ ଶୁଣୁଶୁଣୁ ଓଁକାରନାଥଙ୍କର ମଦନିଶା ଯେମିତି ଠୋ କିନା ଛାଡ଼ି ଯାଇଥିଲା । ସତେ ଯେମିତି କୋଉଠି ଭୂମିକମ୍ପ ହେଲା ଆଉ ପାଦ ତଳର ମାଟି ଦୋହଲେଇ ଦେଲା ସମଗ୍ର ସତ୍ତାକୁ ! ମଦ ନିଶାରେ ଟଳମଳ ହେଉଥିବା ପାଦ ଛିଡା ହେବାର କ୍ଷମତା ହରଉଥିଲା । ଅତ୍ୟଧିକ ମଦ୍ୟପାନ ଯୋଗୁଁ କହିବାର ଶକ୍ତି ନଥିଲେ ବି ସେ ଟଳିଟଳି ଯାଇ ମୌସୁମୀର ଦୁଇ ହାତକୁ ମୁଠେଇ ଧରି କହିଥିଲା - "ସରି ସୁମୀ । ଗୋଟେ ଗେଟ୍‌ଟୁଗେଦର ମିଟିଂରେ ସାର୍‌ଙ୍କ ବାଧ ବାଧକତାରେ ଟିକେ ପିଇ ଦେଇଥିଲି । ସରି... ମୋତେ ଥରୁଟିଏ କ୍ଷମା କରିଦିଅ । ପ୍ଲିଜ୍.. ରିଏଲି ଆଇ ଆମ୍ ସରି ସୁମୀ... ମୁଁ ଆଉ କେବେ ବି ପିଇବି ନାହିଁ । ମୋ କଥା ଧରିବନାହିଁ ସୁମୀ, ତମକୁ ମୋ ରାଣ ।"

ଓଁକାରନାଥଙ୍କ ହାତକୁ ଠେଲି ଦେଲା ମୌସୁମୀ । ଓମ୍‌ର ଏ ଅଧୋପତନ ଦେଖି ତାକୁ କାନ୍ଦ ଲାଗୁଥିଲା । କୋହଭରା କଣ୍ଠରେ ସିଏ କହିଥିଲା - "ତୁମେ ତୁମ ସାର୍‌ଙ୍କ ଭଳି ରାଜନୀତିଆ ଲୋକଙ୍କୁ କେମିତି ବା ଚିହ୍ନି ପାରିବ ଓମ୍ ? ତୁମ ପରି ଲୋକଙ୍କୁ ପକେଟରେ ପୁରାଇ ସେମାନେ କେତେଘାଟର ପାଣି ପିଆଇଦେବେ ତୁମେ ଜାଣି ପାରିବନାହିଁ । ନିଜର ସ୍ୱାର୍ଥ ସାଧନ ପାଇଁ ସେମାନେ ସବୁ କିଛି କରି ପାରନ୍ତି । ତୁମେ ବୁଝି ପାରୁନ ଓମ୍.. ତୁମକୁ ମୋହରା ବନେଇ ରାଜନୀତିରେ ଫାଇଦା ଉଠାଇବା ସେ ଲୋକଟାର ଲକ୍ଷ୍ୟ । ତାଙ୍କ ସହ ସମ୍ପର୍କ ରଖିବା ଅର୍ଥ ନିଆଁ ସହ ଖେଳ ଖେଳିବା । ତାଙ୍କ ଚାଲ୍ ତୁମେ ବୁଝି ପାରୁନ । ତୁମକୁ ମାଧ୍ୟମ କରି ସେ ରାଜନୀତି କରିବାକୁ ଚାହୁଁଛି । ଆମ ଭିତରେ ପାଚେରୀ ତିଆରି କରିବାର ଚକ୍ରବ୍ୟୁହ ରଚନା କରୁଛି । ତାଙ୍କ ଉଦ୍ଦେଶ୍ୟକୁ ଥରେ ବୁଝିବାକୁ ଚେଷ୍ଟା କର ଓମ୍... ଥରେ ତ ବୁଝ ! ମୁଁ କିନ୍ତୁ ସିଧାସଳଖ କହି ଦେଉଛି- ତାଙ୍କ ଇଚ୍ଛାକୁ ମୁଁ କେବେ ହେଲେ ସଫଳ କରିବାକୁ ଦେବି ନାହିଁ । କେବେ ବି ନୁହଁ । ହେଲେ ତୁମେ ଜାଣିଥାଅ - ପାପୁଲିର ପାଣି କହୁଣିକୁ ବହିଗଲେ ସେ କେବେ ଆଉ ଫେରେନା । ମଣିଷର ମଣିଷ ପଣିଆ ଥରେ ହଜିଗଲେ ଆଉ ମିଳେନା ।

ମୌସୁମୀ କଥାର କିଛି ଉତ୍ତର ଫେରେଇ ପାରିଲେ ନାହିଁ ଓମ୍ । ଜାଣି ଜାଣି କହିଲେ ନାହିଁ କି ମଦ ନିଶାରେ କହିପାରିଲେ ନାହିଁ ସେକଥା ବୁଝି ପାରିଲାନାହିଁ ମୌସୁମୀ । ଯିଏ ମଦ ପିଏ ସିଏ ବେହିଆ ତାର ଲାଜ ସରମ ନଥାଏ । ତାକୁ ଯେତେ ମାଠିଲେ ବି ଦରପୋଡ଼ା କାଠ ପରି ସେମିତି ପଡ଼ି ରହିଥାଏ । ଓମ୍... ତମେ ସେମିତିକା ଜଣେ ମଣିଷ । ତମକୁ ହଜାର ଥର କହି ବି କିଛି ଲାଭ ନାହିଁ । ମନେ ମନେ କହିଥିଲା ମୌସୁମୀ ।

ପରଦିନ ମନ୍ତ୍ରୀ ବିଜୟାନନ୍ଦଙ୍କ ବାସଭବନରେ ପହଞ୍ଚିଥିଲେ ମୌସୁମୀ । ସିଧାସଳଖ ଅଭିଯୋଗ ଫିଙ୍ଗିଥିଲେ ବିଜୟାନନ୍ଦଙ୍କ ଉପରେ । କେବଳ ଆପଣଙ୍କ ପାଇଁ ଆମ ପରିବାର ଆଜି ଭାଙ୍ଗି ଚୁରମାର ହୋଇଗଲାଣି । ଆପଣ ଜାଣିଶୁଣି ଓମ୍‌ଙ୍କୁ ମଦ୍ୟପ କରାଇଦେଲେ । ମୋ ସଂସାର ଯୋଉଠି ଟଳମଳ ସେଠି ମୋର ରାଜନୀତି କରିବାର ନାହିଁ । ମୁଁ ଆଜି ହିଁ ଇସ୍ତଫା ଦେବି ।

ଦକ୍ଷ ଓ ନିପୁଣ ଖଳନାୟକ ପରି ବିଜୟାନନ୍ଦ ସ୍ମିତ ହସିଥିଲେ । ଧୀର କଣ୍ଠରେ କହିଥିଲେ- ଏତେ ଶୀଘ୍ର ଭାଙ୍ଗିପଡ଼ିବା ଓ ରାଗିଯିବା ଅସଫଳ ମଣିଷର ଦୃଷ୍ଟାନ୍ତ । ଆପଣ ଶାନ୍ତ ହୁଅନ୍ତୁ । ଜଣେ ଯଦି ମେଘ କେଉଁ ଦିଗରୁ ଉଠାଇଛି ତାକୁ ଠିକ୍ ଭାବେ କଳନା କରି ନପାରେ ତାର ଓଦା ହେବା ନିଶ୍ଚିତ । ଠିକ୍ ସେହିପରି ଧୀରସ୍ଥିର ଭାବରେ ଚିନ୍ତାକଲେ ସବୁକିଛି ବୁଝିପାରିବ, ଜାଣି ପାରିବ ଓ ପରିସ୍ଥିତିକୁ ତର୍ଜମା କରିପାରିବ ଆଉ ସମସ୍ୟାର ସମାଧାନ ମଧ୍ୟ ହୋଇପାରିବ । ତାଛଡ଼ା ଆପଣ ଏମିତି ସେମିତି ରାଜନୀତି କରୁନାହାନ୍ତି କି ଗୋଟେ ଛୋଟିଆ ମୋଟିଆ ପଦବିରେ ନାହାନ୍ତି । ସମାଜରେ ଆପଣ ଜଣେ ପ୍ରତିଷ୍ଠିତ ନାରୀନେତ୍ରୀ । ପୁଣି ଜିଲ୍ଲାପରିଷଦର ସଭାପତି । ଆପଣଙ୍କ ପାଖରୁ ଏପରି ଆଚରଣ ଆଶା କରାଯାଏନା କି ଆପଣଙ୍କ ଠାରେ ଏଭଳି ପାଗଳାମି ଶୋଭା ପାଏନା । ଏଇ ସାମାନ୍ୟ କଥା ପାଇଁ ଇସ୍ତଫା !

ସାମାନ୍ୟ ? ବିଜୟାନନ୍ଦଙ୍କ କଥାଶୁଣି ମୌସୁମୀ ଭାବୁଥିଲା, ସତରେ ବିଜୟାନନ୍ଦ ଜଣେ ବିଚକ୍ଷଣ ଖଳନାୟକ, ଯାହା ଭିତରେ ପୁରି ରହିଛି ଖାଲି ବିଷ ଆଉ ବିଷ । ମାତ୍ର ବାହାରକୁ ଦିଶୁଛି ଅମୃତ ପରି । ଏହାହିଁ ହିଁ ବୋଧେ ରାଜନୀତି । କପଟତା ଓ ଛଳନାରେ ପରିପୂର୍ଣ୍ଣ ଲୋକ ହିଁ ପାଲଟିପାରେ ଦକ୍ଷ ରାଜନେତା ।

ଖୁବ୍ ଶାନ୍ତିର ପ୍ରତୀକ ପରି ଲାଗୁଥିଲେ ବିଜୟାନନ୍ଦ । ଜଣେ ସଫଳ ବ୍ୟକ୍ତିତ୍ୱ ପରି ବେଶ୍ ଧୀର ପାଦପାତରେ ଉଠି ଆସିଲେ ମୌସୁମୀ ବସିଥିବା ଚେୟାର ପାଖକୁ । ମୌସୁମୀର ମୁଣ୍ଡ ଉପରେ ହାତ ରଖିଲେ । ଚମକି ପଡିଲା ମୌସୁମୀ । ସେ ସେମିତି ମୁଣ୍ଡ ଉପରେ ହାତ ରଖି ଧୀର କଣ୍ଠରେ କହିଥିଲେ - ପାଗେଳୀ... ତୁମେ ଯଦି ଏଭଳି ହେବ ଓଁକାରନାଥଙ୍କ ଭବିଷ୍ୟତ କଥା ଚିନ୍ତା କରିବ କିଏ ? ତାଙ୍କ ଭିତରେ ରାଜନୀତି କରିବାର ଯୋଉ ଫ୍ଲୋ ଅଛି ତାକୁ ତୁମେ ଦେଖିପାରୁନ । ଏଇଭଳି ଲୋକମାନେ ହିଁ ରାଜନୀତିର ସମ୍ପତ୍ତି । ଲୋକଙ୍କ ସେବା କରିବାର ମନୋବୃତ୍ତି ସମସ୍ତଙ୍କର ନଥାଏ । ଭବିଷ୍ୟତରେ ସେ ଜଣେ ଦକ୍ଷ ନେତା ହୁଅନ୍ତୁ, ଏହାହିଁ ମୋର ଏକାନ୍ତ ଇଚ୍ଛା । ଆସନ୍ତା ବିଧାନସଭା ନିର୍ବାଚନରେ ତାଙ୍କୁ ବିଧାୟକ କରିବାର ଯୋଜନା ରଖିଛି ମୁଁ । ଏ ସମୟରେ ତମେ ଏମିତି ହେଲେ....

'ତମେ' ? ତମେ ସମ୍ବୋଧନ ଶୁଣି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲା ମୌସୁମୀ ।

ଭାବୁଥିଲା କେତେ ଦୁଃସାହସ ଲୋକଟାର !!

ଏଥର ମୌସୁମୀର ଦୁଇ ହାତକୁ ମୁଠାଇ ଧରି ତା ପାଦ ପାଖରେ ବସିପଡିଲେ ବିଜୟାନନ୍ଦ । ବିଜୟାନନ୍ଦ ବାବୁଙ୍କର ଏଭଳି ଆଚରଣରେ ଚମକି, ପଡି ଠିଆ ହୋଇ ପଡିଥିଲେ ମୌସୁମୀ । ଚାରିଆଡକୁ ଆଖି ବୁଲାଇ ଆଣିଲେ । ଘରଟିରେ କେହିନାହାନ୍ତି । ବୁଝିପାରୁନଥିଲେ ସେ କଣ କରିବ । ତାକୁ ଲାଗୁଥିଲା ସତେ ଯେମିତି ଗୋଟିଏ ଅଜଗର ସାପ ତାକୁ ଗିଳିବାକୁ ଆରମ୍ଭ କରୁଛି । ଆଉ ବିଚାରୀ ସିଏ, ସେଠାରୁ ମୁକୁଳିବାର ରାସ୍ତା ପାଉନି । ତା' ଦେହ ଶିହରି ଉଠୁଥିଲା ଗୋଟେ ଅଦ୍ଭୁତ ଆଶଙ୍କାରେ । ହାତଟିକୁ ଖସେଇ ଆଣୁ ଆଣୁ ବିମର୍ଷ ସ୍ୱରରେ କହିଥିଲା- ଆପଣ ଓମ୍‌ଙ୍କୁ ବିଧାୟକ କରାନ୍ତୁ ବା ନକରାନ୍ତୁ ମୋର କିଛି କହିବାର ନାହିଁ । କିନ୍ତୁ ମୁଁ ରାଜନୀତିରୁ ସନ୍ୟାସ ନେବାର ସିଦ୍ଧାନ୍ତ ନେଇ ସାରିଛି । ଆପଣ ମୋତେ ବାଧ କରନ୍ତୁ ନାହିଁ ।

ଏତକ କହି ସେ ସନ୍ତର୍ପଣରେ ଉଠି ଆସିଥିଲା ଚେୟାର ଉପରୁ ଓ ବିଜୟାନନ୍ଦଙ୍କୁ ପଛକରି ବାହାରି ଆସିଥିଲା ଅଫିସ୍ କୋଠରୀ ଭିତରୁ ।

ବାହାରେ ଅପେକ୍ଷା କରିଥିଲେ ଓଁକାରନାଥ । ମୌସୁମୀର ମୁହଁ ଦେଖି ସେ ଜାଣିସାରିଥିଲେ ମୌସୁମୀ ନିଜ ଜିଦ୍‌ରେ ଅଟଳ । ବିଜୟାନନ୍ଦବାବୁଙ୍କ ବୁଝାବୁଝି କିଛି କାମ କରିନାହିଁ । ସେ ମୌସୁମୀକୁ ଅଟକେଇ ଦେଲେ ସେଇ ଦୁଆରମୁହଁ ପାଖରେ । ଧରିନେଲେ ତା' ହାତ । ଅତି ବିନୟ ହୋଇ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ, ଜୀବନରେ ଆଉ କେବେ ଥରେ ବି ଏଭଳି ଘଟଣା ଘଟାଇବି ନାହିଁ । ଆଉ କେବେ ବି ମଦ ଛୁଇଁବି ନାହିଁ ସୁମୀ । ହେଲେ ମୋ ଭବିଷ୍ୟତକୁ ଏମିତି ପାଦରେ ଦଳି ଦିଅନାହିଁ । ମୋ ସ୍ୱପ୍ନକୁ ଏମିତି ଭାଂଗି ଦିଅନାହିଁ ଅଧାରୁ । ତୁମେ ତ ଭଲଭାବେ ଜାଣିଛ ବିଜୟାନନ୍ଦ ବାବୁଙ୍କୁ ରଗେଇବା ଯାହା ହୀରାକୁଦ ବନ୍ଧ ଭାଂଗିବା ସେଇଆ । ମୋ କଥା ମାନ ପରିସ୍ଥିତି ପରିବେଶକୁ ଶାନ୍ତରଖ ।

ମୌସୁମୀ ବୁଝି ପାରୁନଥିଲା କଣ କରିବ । ଗୋଟେ ପଟେ ବିଜୟାନନ୍ଦଙ୍କ ଲୋଲୁପ ଦୃଷ୍ଟି, ଆଉ ଗୋଟିଏ ପଟେ ଓମ୍‌ଙ୍କର କାତର ପ୍ରାର୍ଥନା । ଗୋଟେ ପଟେ ଜଣେ ପକ୍‌କା ଖେଳାଳୀ ଆରପଟେ ଜଣେ ସ୍ୱପ୍ନ ଦେଖାଳି । କାହାକୁ ଗୁରୁତ୍ୱ ଦେବ ମୌସୁମୀ ? କଣ କରିବ ? ସେ ଜାଣେ ଓମ୍ ଏମିତି ଗୋଟେ ସ୍ୱପ୍ନର ଜଗତ ଭିତରେ ଅଛନ୍ତି ଯୋଉଠୁ ଆଣି ତାଙ୍କୁ ବାହାରେ ଠିଆ କରେଇ ଦେଲେ ତାଙ୍କର ଅବସ୍ଥା ବିନା ପାଣିର ମାଛ ପରି ହେବ । କିଏ ଜାଣେ ସିଏ ତା' ପଦବୀରୁ ଇସ୍ତଫା ଦେଲାପରେ ବିଜୟାନନ୍ଦ କି ପ୍ରକାର ଚାଲ୍ ଖେଳିବେ ! ଯଦି ଓମ୍‌ଙ୍କୁ ବିଧାୟକ ପଦ ପାଇଁ ଟିକଟ୍ ନମିଳିଲା ? ତେବେ ଓମ୍ କଣ କ୍ଷମା କରିପାରିବେ ତାକୁ ? ସଜାଡି ହୋଇଯାଇ ପାରିବ ତା' ଭାଂଗିଯାଉଥିବା ସଂସାର ?

ଅସହାୟତାର ଦୋଛକିରେ ଠିଆ ହୋଇ ସିଏ ନିଜ ଭିତରେ ଅନୁଭବ କରୁଥିଲା ଉଦ୍‌ବେଳନ । ମନେମନେ ଭଗବାନଙ୍କୁ ପ୍ରାର୍ଥନା କରି ମନକୁ ଶାନ୍ତ କଲା ସେ ।

ଅଥଚ ମୌସୁମୀକୁ ପ୍ରତିଶ୍ରୁତି ଦେଇ ମଧ୍ୟ, ହଜାରେ ଶପଥ କରି ମଧ୍ୟ ମଦ୍ୟପାନ ଛାଡି ପାରିନଥିଲେ ଓମ୍ । ପ୍ରତି ଥର ନୂଆ ବାହାନା । ଭୁଲ୍ ମାଗିବା, ପୁଣି ଶପଥ କରିବା ପାଲଟି ଯାଇଥିଲା ଓମ୍ ଜୀବନର ଗୋଟେ ରୁଟିନ୍ । ସବୁ ବଢି ବଢି ଚାଲୁଥିଲା ଦିନକୁ ଦିନ... ଅଶାନ୍ତି, ମତାନ୍ତର, ମନାନ୍ତର । କିନ୍ତୁ କିଛି ସଜାଡି ପାରୁନଥିଲା ମୌସୁମୀ । ତାକୁ ଲାଗିଲାଣି ସବୁ ଯେମିତି ବିଧି ନିର୍ଦ୍ଦିଷ୍ଟ । ସବୁ ଦଇବ ଦଉଡି ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ ।

ପୁଅ ଆଗରେ ବାପାର ସ୍ଖଳିତ ଚେହେରା ନଦିଶିବା ଲାଗି ବେଶ୍ ପ୍ରଯତ୍ନ କରୁଥିଲା ମୌସୁମୀ । ଯେତେ ଖରାପ ଲାଗିଲେ ବି ତା' ସାମ୍ନାରେ କଳି ଝଗଡାକୁ ଉପେକ୍ଷା କରୁଥିଲା ସେ । ଏଣିକି ମଝିରେ ମଝିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି କଥାବର୍ତ୍ତା ବନ୍ଦ ହୋଇ ଯାଉଥିଲା । ଉଭୟ ଗୋଟିଏ ବିଛଣାରେ ଶୋଉଥିଲେ ମଧ୍ୟ ଦୁହିଁଙ୍କ ଭିତରେ ଯୋଜନ ଯୋଜନବ୍ୟାପୀ ଦୂରତା । ଦିନେ ଓମ୍-ମୌସୁମୀଙ୍କ ପ୍ରେମ ଦେଖି ଅନ୍ୟମାନେ ଈର୍ଷା କରୁଥିଲେ ଆଜି ସେମାନଙ୍କ ଭିତରେ ଦୁଇ ମେରୁର ଦୂରତ୍ୱ । ଅଣନିଶ୍ୱାସୀ ହୋଇ ପଡୁଥିଲା ମୌସୁମୀ । କାଳେ ପୁଅ ମନରେ କିଛି ପ୍ରଶ୍ନ ଉଠିବ, ସେଥିଲାଗି ଉପରେ ପଡି ସିଏ ଓମ୍‌ଙ୍କ ନିକଟତର ହେଉଥିଲା । ଓମ୍ ବୁଝିପାରୁନଥିଲେ ମୌସୁମୀର ଅସହାୟତା ବରଂ ଏଣିକି ବେଶ୍ ସହଜରେ କ୍ଷମା ମିଳିଯାଉଥିବାର ଅନୁଭବ କରୁଥିଲେ ସିଏ । ମନ ମିଶୁ ବା ନମିଶୁ କିନ୍ତୁ ସଂସାରର ରଥ ବାହିବା ପାଇଁ ମୌସୁମୀ ଚେଷ୍ଟା କରୁଥିଲେ ଅହରହ । କିନ୍ତୁ ବିଶେଷ ଭାବେ କେହି କାହାରି କଥାରେ ମୁଣ୍ଡ ଖେଳଉ ନଥିଲେ କି କେହି କାହା ପାଖରେ କିଛି ଅଭିଯୋଗ ବି ବାଢୁନଥିଲେ ।

ଏଣିକି ପ୍ରତି ରାତିରେ ବିଭିନ୍ନ ସଭା ସମିତି, ପାର୍ଟି ମିଟିଂରେ ଭାଗ ନେଇ ଓଁକାରନାଥ ଘରକୁ ଫେରନ୍ତି ନିଶାସକ୍ତ ଭାବରେ । ଘରେ ନିରୂପାୟ ମୌସୁମୀ । ଅନିଚ୍ଛା ସତ୍ତ୍ୱେ ଓମ୍‌ଙ୍କର ଏଇ ବଦଅଭ୍ୟାସକୁ ସହି ନେଉଥିଲେ ନିରବରେ, ଆଉ ବଦଳାଇ ଦେଇଥିଲେ ନିଜର ଜୀବନଧାରା । ସତେ ଯେମିତି ଜୀବନ ଯୁଦ୍ଧର ସେ ଏକ ପରାଜିତ ସୈନିକ ! ଯେତିକି ସମୟ ଘରେ ରହୁଥିଲେ ସେତିକି ସମୟ ପୁଅ ଥିଲା ତାଙ୍କର ଧ୍ୟାନ ଓ ଧାରଣା ।

ଓଁକାରନାଥଙ୍କର ଜୀବନ ଶୈଳୀ କ୍ରମଶଃ ପତନ ଅଭିମୁଖେ ଚାଲିଥିଲା । ଦିନକୁ ଦିନ ସ୍ଖଳିତ ଚରିତ୍ରର ପରଓ୍ୱାନା ଉଡ଼ିବାରେ ଲାଗିଲା । ବଢ଼ି ବଢି ଚାଲିଥିଲା ମୌସୁମୀର ମାନସିକ ଅଶାନ୍ତି ଓ ଦ୍ୱନ୍ଦ୍ୱ । ସୃଷ୍ଟି ହେଉଥିଲା ମନ ଓ ବିବେକ ମଧ୍ୟରେ ଏକ ଅସନ୍ତୁଳନ ଭାବ । ପ୍ରଚଣ୍ଡ ରୌଦ୍ରତାପରେ ଗଛର ପତ୍ର ଯେପରି ଝାଉଁଳି ଯାଏ ଦୁଃଖ ଅବସାଦରେ ମୌସୁମୀର ମନ ସେମିତି ଶୁଖି ଯାଉଥିଲା । ୟା' ପୂର୍ବରୁ ଭାବୁଥିଲା, ଓମ୍ ତା ମନର ମଣିଷ, ସିଏ ନିଶ୍ଚୟ ଦିନେ ନା ଦିନେ ବୁଝିପାରିବେ ତା' ଅର୍ନ୍ତଦାହକୁ । ଅଥଚ ତା' ଅପେକ୍ଷାର ପରିସୀମା ଲମ୍ବି ଲମ୍ବି ଚାଲିଥିଲା । ଭାଙ୍ଗି ପଡୁଥିଲା ଧୈର୍ଯ୍ୟ ଓ ଅପେକ୍ଷା ଦୁର୍ବଳ ମାଟି କାନ୍ଥ ପରି । ଅଶାନ୍ତିର ବିଷମୟ ଜ୍ୱଳନ ତାର ମନ ଓ ଶରୀର ଉଭୟକୁ ଦହନ କରି ପକାଉଥିଲା ।

କିଛି କରିନପାରିବାର ଦ୍ୱନ୍ଦ୍ୱରେ ଘାଣ୍ଟି ହୋଇ ହୋଇ ନିଜକୁ ସହଜ କରି ନେଇଥିଲେ ମୌସୁମୀ । ବୁଝାଇ ଦେଇଥିଲେ ମନକୁ - ନା, ସେ ଆଉ ଏ ପ୍ରସଙ୍ଗରେ ଓମ୍‌ଙ୍କ ସହ କଳିତକରାଳ କରିବ ନାହିଁ । ସେ ଜାଣିସାରିଲାଣି ଓମ୍‌କୁ ଆଉ ସୁଧାରି ପାରିବ ନାହିଁ । ଖସିଗଲା ଗୋଡ ତଳକୁ ତଳକୁ ଗଲା ପରି ଓମ୍ ଏଣିକି ରାଜନୀତି ପଡିଆର ଗୋଟେ ବଲ୍, ଯାହାକୁ ଖେଳିବାକୁ ସଜାଡି ରଖିଛନ୍ତି ସ୍ୱୟଂ ବିଜୟାନନ୍ଦ । (କ୍ରମଶଃ)

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

## ଅନୁବାଦ ଗଳ୍ପ

# ମୁଁ ହିଁ ସ୍ୱୟଂ କୃଷ୍ଣ

ମୂଳହିନ୍ଦୀ- ଡ. ଲତା ଅଗ୍ରବାଲ

ଅନୁସୃଜନ-
ବିନୟ କୁମାର ଦାସ



"ହାଏ..ଜାନେମନ୍..କୁଆଡେ ଏମିତି ଏକ୍ଲା ଏକ୍ଲା ଚାଲିଛ ମ.. । ଆମକୁ ବି ସାଂଗରେ ନିଅ । କିଛିବାଟ ଆମେ ବି ତୁମ ସହିତ ଚାଲନ୍ତୁ । ଭାରି ମଜା ହୁଅନ୍ତା ।"

କରାଟେ କ୍ଲାସ୍‌ରୁ ଘରକୁ ଫେରିବା ସମୟରେ ଏକ ନିଛାଟିଆ ସ୍ଥାନରେ କିଛି ବଦମାସ୍ ଲଫଙ୍ଗା ଟୋକା ପ୍ରତିଭାର ବାଟ ଓଗାଳି କହିଲେ ଏତକ । ସେମାନଙ୍କ ଭିତରୁ କିଏ ପାଟିରେ ହୁଇସିଲ୍ ମାରୁଥିଲା ତ କିଏ ନିହାତି ବାଜେ ଅଶ୍ଲୀଳ କମେଂଟ୍ ବି ଦେଉଥିଲା । ସେମାନଙ୍କ ବଦମାସୀକୁ ଖାତିର ନ କରି ପ୍ରତିଭା ଅପେକ୍ଷାକୃତ ଦ୍ରୁତ ପଦକ୍ଷେପରେ ଚାଲିବାକୁ ଆରମ୍ଭ କରିଦେଲା ମାତ୍ରେ ସେମାନଙ୍କ ଭିତରୁ ଦୁଇଜଣ ତା ପାଖକୁ ଆସି ତା ଓଢଣୀକୁ ଝିଙ୍କି ନେଲେ । ସେହି ଓଢଣୀକୁ ଫିଲ୍ମ ଢଂଗରେ ନିଜର ହାତରେ ଗୁଡାଇ ଜଣେ କହିଲା, "ଏତେ ତରତର କାହିଁକି ଦ୍ରୌପଦୀ ? ଆମ ପାଇଁ ବି କିଛି ସମୟ ଦିଅନା.."

ସେଇଠୁ ଆର ଟୋକାଜଣକ କାମୁକ ଦୃଷ୍ଟିରେ ତାକୁ ଚାହିଁ କହିଲା, "ଆରେ ବାଃ, କଳିଯୁଗରେ ଦ୍ରୌପଦୀର ବସ୍ତ୍ରହରଣ !" ତା' କଥାରେ ଅନ୍ୟମାନେ ହୋ ହୋ ହୋଇ ହସିବାକୁ ଲାଗିଲେ । ସେମାନଙ୍କ କବଳରୁ ଖସିବା ପାଇଁ ତା ଓଢଣୀକୁ ନେଇ ସେଠାରୁ ଚାଲିଯିବାକୁ ଚେଷ୍ଟା କଲା ପ୍ରତିଭା ।

"ଓ..ଓଢଣୀ ନବ ତ .. ମିଳିଯିବ । ତେବେ ଏତେ ବ୍ୟସ୍ତ ହେଉଚ କାହିଁକି ? ଆମ କଥା ବି ଟିକେ ବୁଝିଦିଅ । ଆମ କଥା ମାନି ଯାଅ..ତୁମକୁ ଆମେ ତୁମର ଓଢଣୀ ଫେରାଇ ଦେବୁ । ବେଶୀ କିଛି ନୁହଁ ମ.. ତୁମେ ସିନା ଆମ ପାଇଁ ଦ୍ରୌପଦୀ.. ହେଲେ ଆମେ ତ ଆଉ ଦୁଃଶାସନ କି ଦୁର୍ଯ୍ୟୋଧନ ନୋହୁଁ ଯେ ତୁମକୁ ଆମ ଜଂଘରେ ଜବରଦସ୍ତି ବସାଇବୁ... ବାସ୍.. ଆମ ସମସ୍ତଙ୍କୁ ଗୋଟିଏ ଗୋଟିଏ କିସ୍... ତା'ପରେ ତୁମେ ତୁମର ତୁମ ବାଟରେ ଚାଲିଯାଅ ।"

ଏଥର ମୁହଁ ଖୋଲିଲା ପ୍ରତିଭା । କହିଲା, "ଯଦି ତୁମେମାନେ ଦୁଃଶାସନ ଆଉ ଦୁର୍ଯ୍ୟୋଧନ କଥା ଜାଣିଛ, ତେବେ ଦ୍ରୌପଦୀର ବସ୍ତ୍ରହରଣର ଅନ୍ତିମ ପରିଣତି ବିଷୟରେ ବି ଜାଣିଥିବ ।"

"ଆରେ ଆରେ ଏ ଦ୍ରୌପଦୀ ବି କଥା କହି ଜାଣିଛିରେ..ହାଃ ହାଃ ହାଃ... ବଢିଆ ତ । ତେବେ ଆଉ ଡେରି କଣ ପାଇଁ ? ଆସ ଆମେ ପଶାପାଳି ଖେଳ ଆରମ୍ଭ କରିଦେବା ।"

"ହଁ, ତୁମେ ଠିକ୍ କହିଛ ବନ୍ଧୁ । ଆଉ ବିଳମ୍ବ କରିବା ନାହିଁ । ଏ ଖେଳକୁ ତୁମକୁ ଆମେ ସାଦର ସ୍ୱାଗତମ ଜଣାଉଛୁ ଦ୍ରୌପଦୀ.. । ବସ୍ତ୍ର ହରଣ ଆରମ୍ଭ କରିଦେବା ତାହେଲେ..." ବେପରୁଆ ଭାବରେ ଆଉ ଜଣେ କହିଲା ।

"ତୁମେ ସବୁ ଭୁଲି ଯାଉଛ ଯେ ଦ୍ରୌପଦୀର ବସ୍ତ୍ରହରଣରୁ ହିଁ ସୃଷ୍ଟି ହୋଇଥିଲା ମହାଭାରତ । ତେବେ ଏ କଥା ତ ନିଶ୍ଚୟ ଜାଣିଥିବ ତା'ପରେ ଦୁର୍ଯ୍ୟୋଧନଙ୍କୁ କେମିତି ଦଣ୍ଡ ପ୍ରାପ୍ତ ହୋଇଥିଲା ।"

"ଆରେ ଆରେ.. ଇଏ କଣ ଆମକୁ ମହାଭାରତର ଧମକ ଦେଲାଣି ?" ଜଣେ କହିଲା ତାଚ୍ଛଲ୍ୟ କରି ।


"କିନ୍ତୁ ମହାଭାରତ ହବ କେମିତି, ସଖା ଶ୍ରୀକୃଷ୍ଣ ବିନା କଣ ମହାଭାରତ ସମ୍ଭବ ?"

"ତେବେ ଡାକ ତୁମ ସଖା କୃଷ୍ଣଙ୍କୁ.. ଆମେ ଟିକେ ତାଙ୍କୁ ଆଖି ପୂରେଇ ଦେଖିନେବୁ । ହୁଁ ..ଡାକ .." ଏତକ କହୁକହୁ ସେମାନେ ପ୍ରତିଭାର ଖୁବ୍ ନିକଟକୁ ଆସି ତାକୁ ଏକ ପ୍ରକାର ଘେରିନେଲେ । ପର ମୁହୂର୍ତ୍ତରେ ପ୍ରତିଭା ନିଜର ହାତ ଦୁଇଟିକୁ କରାଟେ ମୁଦ୍ରାରେ ଆଣି ସେମାନଙ୍କୁ ଏମିତି ଆକ୍ରମଣ କଲା ଯେ ଜଣଜଣ କରି ସମସ୍ତେ ସେଇଠି ଧୂଳି ଚାଟିବାକୁ ବାଧ୍ୟ ହେଲେ । ଏକ ବିଶେଷ ମୁଦ୍ରାରେ ଛିଡା ହୋଇ ସେ ରାଗ କଟମଟ ଦୃଷ୍ଟିରେ ଚାହିଁଲା ସେମାନଙ୍କୁ । ତା' ଆଖିରୁ ସେତେବେଳକୁ ନିଆଁ ଝୁଲ ବାହାରୁଥିଲା ଅବା । କହିଲା, "ରେ ଦୁଃଶାସନମାନେ.. ଏଥିପାଇଁ ମୋତେ କୃଷ୍ଣଙ୍କୁ ଡାକିବା ଦରକାର ନାହିଁ । ମୁଁ ସୃଷ୍ଟିର ଜନ୍ମଦାତ୍ରୀ ଯେମିତି, ତୁମମାନଙ୍କ ପରି ପାପୀ ପାଷାଣ୍ଡଙ୍କୁ ଉଚିତ ଶିକ୍ଷା ଦେବାପାଇଁ ସେମିତି ଚଣ୍ଡୀ ବି । ଖାଲି ଏତିକି ଜାଣିନିଅ ମୁଁ ହିଁ ସ୍ୱୟଂ କୃଷ୍ଣ ତୁମମାନଙ୍କ ପାଇଁ ।"



♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
(ମୋ) ୯୮୬୧୦୧୮୩୬୯

## ସ୍ୱୀକାରୋକ୍ତି... ମୁଁ ଦେଖିଛି, ପଢ଼ିଛି, ଛୁଇଁଛି, ଅନୁଭବ କରିଛି : ଡ. କବିତା ବାରିକ






ହଁ, ଦେଖିଛି, ପଢ଼ିଛି, ଛୁଇଁଛି ମୁଁ ସେମାନଙ୍କ ଅସହାୟତା, ଅନ୍ତର୍ଦାହ, ବ୍ୟଥାକୁ। କେବେ ପାଖରୁ ତ କେବେ ଦୂରରୁ। ଗୋଟିଏ ଜୀବନରେ ଦୁଇଦୁଇଟା ରୂପ ନେଇ ବଂଚିବାର ପୀଡ଼ା ଅନୁଭବୀ ହିଁ ଜାଣେ। ଈଶ୍ୱରଙ୍କର ସେମାନେ ଏକ ଅଧାଗଢ଼ା ସୃଷ୍ଟି। ଦୋଷ ନଥାଇ ବି ସେମାନେ ସମାଜରେ କେବେ ଦୟାର ପାତ୍ର ପାଲଟନ୍ତି ତ କେବେ ଘୃଣା, ସହାନୁଭୂତିର ପାତ୍ର। କେବେ କେବେ ତୋଡ଼ା ଖାଆନ୍ତି ତ କେବେ ସମାଜ ଦ୍ୱାରା ଲୋକହସା ହୁଅନ୍ତି ଆଉ ବାଛିନିଅନ୍ତି ଦିନରେ ବସନ୍ତ, ରାତିରେ ବାସନ୍ତୀର ଏକ ଦୋହରା ଜୀବନ। ଏହାକୁ ନେଇ ଲେଖାଯାଇଛି ମୋର ପ୍ରଥମ ଗଳ୍ପଟି। ସଂପର୍କର ଏକ ଭିନ୍ନ ସଂଜ୍ଞା ଭିତରେ ସେମାନଙ୍କର ରହିଛି ଏକ ସୁନ୍ଦର ତଥା ଅଦ୍ଭୁତ ପୃଥିବୀ।

ସଂପର୍କର ଭାଷା କ'ଣ? ତାହା କ'ଣ କେବଳ ରକ୍ତ ସଂପର୍କରେ ବନ୍ଧା? ଏମିତି ଦେଖିଲେ କେବେ ସାତଜନ୍ମ ଏକାଠି ରହିବାର ଶପଥ ନେଇଥିବା ସ୍ୱାମୀ ସ୍ତ୍ରୀ ସଂପର୍କ ଭାଙ୍ଗି ଅଲଗା ହୋଇଯାଆନ୍ତି, କେବେ ଭାଇ ଭାଇ ହାଣକାଟ ତ କେବେ ବାପ'ପୁଅ ଭିତରେ ଜେନେରେସନ୍ ଗ୍ୟାପ ଓ ପୋଷିବା, ଯତ୍ନ ନେବାର ବୋଝ ବୁଢ଼ାବାପାମାଆଙ୍କୁ ପହଂଚାଇ ଦିଏ ଜରା ନିବାସରେ। ଏପରିକି ଜୀବନସାରା ବହୁ ଛାତ୍ରଙ୍କୁ ତ୍ୟାଗ ଓ ସେବାର ଗୁରୁମନ୍ତ୍ର ଦେଇଥିବା ଶିକ୍ଷକଟିଏ ନିଜ ପୁଅକୁ ସଂପର୍କର ପରିଭାଷା ବୁଝାଇପାରେନା। ଏହାଠାରୁ ବିଡ଼ମ୍ବନାର କଥା କ'ଣ ହୋଇପାରେ? ସବୁଠୁ ବଡ଼କଥା ହେଲା ଡାକ୍ତର, ଓକିଲ, ଇଂଜିନିୟର, ପ୍ରଫେସର କି ପ୍ରଶାସକର ବାପା ମା' ଆଜି ବୃଦ୍ଧାଶ୍ରମରେ ରହୁଥିବାବେଳେ ଅପାଠୁଆ, ଗରିବ, ମୂଲିଆ, କୁଲିପୁଅର ବାପାମାଆ ବୃଦ୍ଧାଶ୍ରମରେ ପହଂଚନ୍ତି ନାହିଁ। ତାଙ୍କୁ ଜଣାନାହିଁ ଏମିତି ଏକ ନିବାସ ଥାଇପାରେ ବୋଲି।

ବେଳେବେଳେ ସ୍ୱପ୍ନଠୁ ଜୀବନ ସୁଦୂର ହୋଇଯାଏ। ଭାଙ୍ଗିଯାଏ ପିଲାଦିନର ଷଢ଼େଇରେ ଭାତରନ୍ଧା, ବାଲିଦେଉଳ ତୋଳା। ପୋଡ଼ିଯାଏ ସ୍ୱପ୍ନର କାଶତଣ୍ଡୀର ଝାଡ଼। ପରସ୍ତ ପରସ୍ତ ଅତୀତ ଜୀବନର ପୃଷ୍ଠା ଉପରେ ଧୂଳି କୁଢ଼େଇଯାଏ। ରାଧା ତ ସବୁଦିନେ କୃଷ୍ଣ ପ୍ରେମରେ ବାତୁଳୀ ଆଉ କୃଷ୍ଣ ସବୁଯୁଗରେ ଦିଅନ୍ତି ଅପେକ୍ଷାର ଆକାଶଟିଏ। ତଥାପି କେଉଁ ଏକ ନୂଆ ବୃନ୍ଦାବନର ଆଶାରେ ବଂଚିଯାଏ ରାଧାଟିଏ। ଅଜଣା ଏକ ସମ୍ମୋହନରେ ସେ ନୂଆ ବୃନ୍ଦାବନକୁ ତା'ଜୀବନର ଦୀକ୍ଷାଭୂମି ଭାବି ସେ ଆଡ଼କୁ ଟାଣି ହୋଇଯାଏ।

କାହିଁକି ମଣିଷ ଆଲବମ୍‌ର ପୃଷ୍ଠା ଓଲଟାଏ? କାହିଁକିନା ସ୍ମୃତିରୁ ମୁକୁଳିପାରେ ନାହିଁ। ପଶୁ କେବେ ଅତୀତ ଖୋଜେନା, ବିଗତ ଜୀବନକୁ ଦେଖେନା। ହେଲେ ଆବେଗ ଆଉ ଭାବପ୍ରବଣତାରେ ଭିଜେ କେବଳ ମଣିଷ। ତାକୁ ନେଇ ଭିନ୍ନ ବାଗରେ ଲେଖାଯାଇଛି 'ଆଲବମର ପୃଷ୍ଠା' ଗଳ୍ପ।

ପ୍ରେମ, ସେତ ଜୀବନର ଅମୃତବିନ୍ଦୁ। କେବେ ମିଳନରେ ସେ ଆହ୍ଲାଦିତ ତ କେବେ ବିରହର କଣ୍ଟକ ଶଯ୍ୟାରେ ପରୀକ୍ଷିତ। ସ୍ମୃତିକୁ ଯେତେ ପାଟକନାରେ ଗୁଡ଼ାଇ ମନର ସିନ୍ଦୁକରେ ତାଲା ପକାଇଲେ ବି ସେ ସ୍ଥାନ, କାଳ, ପାତ୍ରକୁ ଉହାଡ଼ କରି ଝଂଜା ପବନ ଭଳି ପଶିଆସେ। ଜଣେ ଜଣକୁ ମନେପକାଇଲା ବେଳେ ଅପରପକ୍ଷ ମଧ୍ୟ ସେହିପ୍ରକାରେ ପ୍ରତିକ୍ରିୟା ପ୍ରକାଶ କରିବା ବା ଜାଣିପାରିବା ହିଁ 'ଟେଲିପାଥି'। ଏକଥା ସତ ଯେ କବିଟିଏ, ପ୍ରେମୀଟିଏ ନିଜ ଆବେଗ, ଚିନ୍ତନ, ଧ୍ୟାନ, ଧାରଣା ଭିତରେ ଚିରକାଳ ଜିଇଁଥାଏ। ତା'ଚେତନା, ଶବ୍ଦ ହୋଇ ଝଡ଼ିପଡ଼େ।

ଗୋଟାଏ ସ୍ୱର୍ଗ ଗଢ଼ିବା ପାଇଁ ନାରୀଟିଏ ବାହାହୋଇ ଶାଶୁଘରେ ପାଦ ଦିଏ। କେଉଁଠି ତା' ଇଚ୍ଛା ବାସ୍ତବରେ ରୂପନିଏ ତ, କେଉଁଠି ସ୍ୱର୍ଗ ବଦଳରେ ନର୍କ ମିଳେ। କେଉଁ ନାରୀ ବି ବୈକୁଣ୍ଠ ସମାନ ଘରକୁ ପାଦ ଥାପୁଥାପୁ ନର୍କରେ ବଦଳାଇ ଦିଏ। ପୁଣି ପ୍ରତିଭାମୟୀ ନାରୀଟିଏ ନିଜ ଇଚ୍ଛା ପ୍ରତିଭାକୁ ବେଳେବେଳେ ଜୀବନର ଛକରେ ପହଂଚି ବଦଳାଇ ଦେବାକୁ କିମ୍ବା ରୋକିଦେବାକୁ ପରିସ୍ଥିତି ଦୃଷ୍ଟିରୁ ବାଧ୍ୟ ହୁଏ। ଏମିତି କେତେକେତେ ସ୍ୱପ୍ନ ଭୁଷୁଡ଼ି ପଡ଼େ, କେତେ ଜୀବନ ଜଳିଯାଏ। କେତେସବୁ ସମ୍ଭାବନାର ପୃଷ୍ଠାକୁ ଜୀବନରୁ ଚିରି ଫୋପଡ଼ା ଯାଏ। ହେଲେ 'ତମପାଇଁ ଶୁଭେଚ୍ଛା' ଗପରେ ଛାୟା ହାରିଯାଇ ନାହିଁ କି ନିଜ ପ୍ରତିଭାର ଗଳାଚିପି ହତ୍ୟା କରିନାହିଁ। ବରଂ ତାକୁ ଅଲଗା ବାଗରେ ଶବ୍ଦରେ ବଦଳାଇ ଦେଇଛି। ନୃତ୍ୟରତା ପାଦର ଘୁଙ୍ଗୁର, କବିତାର ରୂପ ନେଇଛି। ସମ୍ଭାବନାର ରଙ୍ଗସବୁ ଚିତ୍ର ପାଲଟି ଯାଇଛି। ତେଣୁ ତ କବି ଛନ୍ଦା ରାୟ କହିଛି, "ଜୀବନ ଅଛି ଯେତେବେଳେ ନିଜ ସହ ଲଢ଼େଇ ବି ଅଛି। ହେ ମୋର ସ୍ୱୟଂସିଦ୍ଧା ଭଉଣୀମାନେ! ମନେରଖ, କେବେ ନିଜକୁ ଦୁର୍ବଳା ବୋଲି ମନେ କରିବନି। ମୁଁ ପାରିବି, ମୁଁ ଆଗେଇବି, ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅଟକିଯିବନି, ଏଇ ଟିକକ ଦୃଢ଼ତା ହିଁ ତମକୁ ଜୀବନ ବୈତରଣୀ ପାରିକରି ଦେବ।

ଏହିଭଳି ଭାବରେ ଏ ସଂକଳନରେ ସନ୍ନିବେଶିତ 'ଅବଶିଷ୍ଟ ଜୀବନ', 'ପାନବରଜ', 'ଗୋଟିଏ ଜହ୍ନରାତିର କଥା', 'ସକାଳର ଚା' କପ୍', 'ଭୋର ହେବାର ବେଳ', 'ବଫେ', 'ରୂପାନ୍ତର', 'ନୂତନ ତୀର୍ଥକ୍ଷେତ୍ର', 'ପରିଚୟ' ପ୍ରଭୃତି ଗଳ୍ପ ଜୀବନ, ସମାଜ, ଚେତନାର କଥା କହିଛି।

ମୁଁ ଯାହା ଦେଖିଛି, ପଢ଼ିଛି ବା ଯାହା ଘଟଣା ମୋତେ ଛୁଇଁଛି, ଆହତ କରିଛି, ପୀଡ଼ା, ବ୍ୟଥା ଦେଇଛି ତା'ର ପ୍ରତିକ୍ରିୟା ହିଁ ସଂକଳିତ ଗଳ୍ପଗୁଡ଼ିକ। ରାଜନୀତିର ନୂଆ ପରିଭାଷା ଦେଖି ପଢ଼ି ଆଶ୍ଚର୍ଯ୍ୟ ହୋଇଛି। ଅବଶିଷ୍ଟ ଜୀବନ ନିଜପାଇଁ ନିଜର ବୋଝ ପାଲଟିବା କଥା ଭାବି ବ୍ୟାକୁଳ ହୋଇଛି। ପାନ, ମୀନ, ସ୍ଥାନକୁ ବିସ୍ଥାପିତ ହେଉଥିବା ମଣିଷମାନଙ୍କ ପୀଡ଼ା ମୋତେ ଛୁଇଁଛି। ତାଙ୍କ ଅସହାୟତା ଓ ଭାବନାକୁ ମୁଁ ରୂପାନ୍ତରିତ କରିବାକୁ ଚେଷ୍ଟା କରିଛି। ନିଜ ମାଟିକୁ ଭଲପାଇବା, ନିଜ ଜୀବିକାକୁ ଜାବୋଡ଼ି ଧରିବାର ଏ ଯେଉଁ ମମତ୍ୱବୋଧ ତାହାକୁ କ'ଣ କୌଣସି କମ୍ପାନୀ ବୁଝିବ ନା ବୁଝିବ ସରକାର? ବିସ୍ଥାପିତର ଦୁଃଖ ସିନା ବିସ୍ଥାପିତ ମଣିଷ ବୁଝିବ? 'ପାନବରଜ' ଗଳ୍ପରେ ତାହା ହିଁ ଦେଖାଇଛି।

ବିଜୟ ହେଲେ ବି ଅପର୍ଣ୍ଣା ବୁଝିଛି ଏ ପୃଥିବୀ ଖୁବ୍ ସୁନ୍ଦର। କେଉଁଠି ନା କେଉଁଠି ତମପାଇଁ ରାସ୍ତାଟିଏ ଅପେକ୍ଷା କରିଛି। ଜୀବନର ସବୁ ଖୋଲା ଝର୍କା ଯେ ତମପାଇଁ ବନ୍ଦ ହୋଇଯାଇଛି, ଏମିତା ଭାବି ନିରାଶ ହୁଅନା। ତମକୁ ଲଢ଼ିବାକୁ ହେବ। ନିଜ ଜୀବନର ବନ୍ଦ ଝରକାକୁ ଖୋଲିଦେବାକୁ ପଡ଼ିବ। ତମ ଅନ୍ଧକାରରେ କେଉଁଠି ନା କେଉଁଠି ହେଲେ ଆଶା ଦୀପଟିଏ ଜଳୁଛି। ତା' ପାଖରେ ତମର ପହଂଚିବା ଦରକାର। ସେ ଦୀପକୁ ନେଇ ଅନ୍ୟ ଜୀବନକୁ ଆଲୋକିତ କରିବାର ଦାୟିତ୍ୱ ବି ତମର। ତେଣୁ ସେହି 'ପ୍ରତିଶ୍ରୁତିର ସକାଳ' ପହଂଚିବା ପାଇଁ ତମ ନିଜ ଭିତରେ ଆତ୍ମବିଶ୍ୱାସ ରହିବା ନିହାତି ଆବଶ୍ୟକ। ଗଣିକାମାନଙ୍କୁ ନେଇ ବହୁ କ୍ଲାସିକ ଉପନ୍ୟାସ ଲେଖାଯାଇଛି। ଯେମିତି ଶରତଚନ୍ଦ୍ରଙ୍କର 'ଦେବଦାସ', 'ଶ୍ରୀକାନ୍ତ'। ସେହିଭଳି ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ରେକର୍ଡ ସୃଷ୍ଟି କରିଛି ବାରମ୍ବାର ତିଆରି ହୋଇଥିବା 'ଦେବଦାସ' ଚଳଚ୍ଚିତ୍ର। ଓଡ଼ିଆରେ ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସର ତୁଳନା ନାହିଁ। ତେବେ ଏମାନେ ନୃତ୍ୟ, ସଂଗୀତ ଓ ସୌନ୍ଦର୍ଯ୍ୟରେ ଯେତେ ନିପୁଣା ହୋଇଥିଲେ ହେଁ ସମାଜର ସାଧାରଣ ଜୀବନଠାରୁ ବହୁଦୂରରେ। ସଭ୍ୟସମାଜ ଠାରୁ ନିଷିଦ୍ଧ ରହନ୍ତି ଓ ସଭ୍ୟ ସମାଜର ମଣିଷମାନେ ହିଁ ରାତ୍ରୀର ସାଥୀ ପାଲଟନ୍ତି।

ସେହି ଆଧାରରେ କିନ୍ନରମାନଙ୍କ ଜୀବନକୁ ନେଇ ଏ ଗଳ୍ପ ସଂକଳନର ନାମକରଣ କରାଯାଇଛି।

ସେମିତି 'ପାନବରଜ' ଗଳ୍ପରେ ବିସ୍ଥାପିତର ଦୁଃଖ ଚିତ୍ରିତ। ପୁରୁଷ ପୁରୁଷ ଧରି ରହି ଆସିଥିବା ଭିଟାମାଟିରୁ ବିତାଡ଼ିତ ହେଉଥିବା ମଣିଷମାନେ ଘରଦ୍ୱାର, ଜମିଜମା ସହ ହରାନ୍ତି ଜୀବିକାର ମାଧ୍ୟମ। ଧାନ, ମୀନ, ପାନ ଛାଡ଼ି ଯାଉଥିବା ସେ ମଣିଷମାନେ ବିସ୍ଥାପିତ ହେବାକଥା ଭାବି ଅକାଳରେ ଢ଼ଳି ପଡ଼ନ୍ତି। ସକାଳର ଚା କପ୍ ଗଳ୍ପରେ ରହିଛି ସ୍ମୃତିର ଝଲକ। ଏକ ଆବେଗଭରା ସଂପର୍କ। ସକାଳ, ଚା ଆଉ ନାଁ ନଥିବା ସଂପର୍କ ଭିତରେ ବେଳେବେଳେ ଭାବପ୍ରବଣ ହୋଇଉଠେ ମନ, ଯାହା ଭିଜାଇଦିଏ ସାରା ଜୀବନକୁ।

ଭୋର୍ ହେବାର ବେଳ ସୂଚନା ଦିଏ ମଣିଷର ପରିଶ୍ରମ, ଉଦ୍ୟମ କେବେ ବାଦଯାଏନା। ସଫଳତା ଆସିବା ଆଗରୁ ବେଳେବେଳେ ଅନେକ ବିଫଳତାର ସାମ୍ନା କରିବାକୁ ପଡ଼େ। ସେଥିପାଇଁ ତମକୁ ଧୈର୍ଯ୍ୟ ନହରାଇ ଅପେକ୍ଷା କରିବାକୁ ହେବ।

କହିବା ବାହୁଲ୍ୟ ଏସବୁ ଗଳ୍ପ ଲେଖିଲାବେଳେ, ଚରିତ୍ର ସବୁ ଗୁନ୍ଥିଲା ବେଳେ ସେ ଚରିତ୍ର ଭିତରେ ଏକାତ୍ମ ହେଲାବେଳେ, ଦୁଃଖ, ଯନ୍ତ୍ରଣା ସବୁକୁ ବୁଜୁଳି କରି ମୁଣ୍ଡେଇ ମୁଁ ଅନେକ ସମୟରେ ଆଖି ଭିଜାଇଛି ତ ମୋ ଭିତରେ ଚେତନା, ଅନ୍ତର୍ଦାହକୁ ଚିହ୍ନିଛି, ଭୋଗିଛି, ପ୍ରକାଶ କରିଛି। କେବେ ସଂପର୍କର ପରିଭାଷାକୁ ଖୋଜିଛି ତ କେବେ ନାରୀପୁରୁଷର ଅସହାୟତାକୁ ଅନୁଭବ କରିବାକୁ ଚେଷ୍ଟା କରିଛି। ସେମାନେ ମୋତେ ପ୍ରେରଣା ଦେଇଛନ୍ତି, ମୋ ଗଳ୍ପର ଚରିତ୍ର ପାଲଟିବାକୁ ମୋତେ ବିବଶ କରିଛନ୍ତି। ମୋ ହାତରେ କଲମ ଛଡ଼ା ଆଉ କ'ଣ ଅଛି ଯେ ସେମାନଙ୍କ ପାଇଁ ଆଶ୍ୱାସନା ଦେବାକୁ? ହେ ମୋ ଗଳ୍ପର ଚରିତ୍ରମାନେ! ହେ ମୋର ପ୍ରିୟ ପାଠକମାନେ! ତମେ ମୋତେ ବରଦାସ୍ତ କଲେ, ଭଲପାଇଲେ ଆପାତତଃ ମୁଁ ଆଉ ଏକ ନୂଆ ସୃଷ୍ଟିରେ କଲମ ଥାପିବି। ନା କ'ଣ କହୁଛ? ଆଜି ପାଇଁ ରହୁଛି ତେବେ।

❤ ଅନନ୍ୟା, ଗଣେଶ୍ୱରପୁର,
ପୋ: ଜାନୁଗଞ୍ଜ, ବାଲେଶ୍ୱର-୧୯
(ମୋ) ୯୪୩୭୧୧୭୬୨୭

## ଉପନିବେଶବାଦ ଓ କ୍ରମକ୍ଷୟିଷ୍ଣୁ ସମାଜ

### ଡ. ମମତା ପ୍ରିୟଦର୍ଶିନୀ ସାହୁ



ଉପନିବେଶବାଦ (Colonialism ଓ ନୂପନିବେଶବାଦ ( Neo-colonialism) ଯୋଗୁଁ ସମାଜରେ କ୍ରମକ୍ଷୟିଷ୍ଣୁ ଅବସ୍ଥା ସୃଷ୍ଟି ହୋଇଥାଏ। ଶୋଷକ ଗୋଷ୍ଠୀ, ଶୋଷିତ ମାନଙ୍କୁ ନାହିଁ ନଥିବା ହଇରାଣ କରିଥାନ୍ତି। ଗୋଟିଏ ଦେଶ ଅନ୍ୟ ଦେଶରେ ବାଣିଜ୍ୟ ଉଦ୍ଦେଶ୍ୟ ନେଇ ଆସି ଅର୍ଥନୈତିକ ଉପନିବେଶ ବାଦର ସ୍ରଷ୍ଟା ପାଲଟି ଯାଆନ୍ତି। ପରବର୍ତ୍ତୀ ସମୟରେ ସେମାନେ ଶାସନତାନ୍ତ୍ରିକ ଉପନିବେଶ ବାଦ ର ପ୍ରାରମ୍ଭ କରି ଦ୍ୱିତୀୟ ଦେଶ ଉପରେ ନିଜ ଆଧିପତ୍ୟ ବିସ୍ତାର କରିବାରେ ମନ ବଳେଇଥାନ୍ତି।

ଉପନିବେଶବାଦୀ ମାନେ କେବଳ ଅର୍ଥ ଓ ଶାସନ ଉପରେ ନୁହେଁ ବରଂ ଶୋଷିତ ଦେଶର ଝିଅ, ବୋହୂଙ୍କ ମାନଇଜ୍ଜତ ଉପରେ ଲୋଲୁପ ଦୃଷ୍ଟି ରଖିଥାନ୍ତି। ଝିଅ, ବୋହୂମାନେ ନିରାପଦରେ କାଳାତିପାତ କରିପାରିନଥାନ୍ତି। ଧର୍ଷିତା ଝିଅ ମାନଙ୍କୁ ହତ୍ୟା କରିବାକୁ ବି ପଶ୍ଚାଦପଦ ବି ହୋଇନଥାନ୍ତି। ଏଭଳି କ୍ଷେତ୍ରରେ ବହୁ ଝିଅବୋହୂମାନଙ୍କ ଜୀବନ ଅସୁରକ୍ଷିତ ଭାବରେ ଗତି କରିଥାଏ। ଅତ୍ୟାଚାରର ସୀମା ସେତେବେଳେ ବଢିଯାଏ, ଯେତେବେଳେ ଶୋଷକଗୋଷ୍ଠୀ ଛୋଟପିଲାମାନଙ୍କୁ ନିଜ ସ୍ୱାର୍ଥ ପାଇଁ ଶୋଷଣ କରିଥାନ୍ତି। ଧର୍ଷଣ ଯୋଗୁଁ ଜନ୍ମିତ ପିଲାମାନଙ୍କୁ 'ବର୍ଣ୍ଣସଙ୍କର'ର ଆଖ୍ୟା ଦେଇ ଗୋରୁଗାଈଙ୍କ ଭଳି ବ୍ୟବହାର କରିଥାନ୍ତି। ତତ୍କାଳୀନ ଭାରତ ଏହି ସମସ୍ୟା ଦେଇ ଗତି କରିଥିଲା। ଇଂରେଜମାନେ ଅର୍ଥନୈତିକ ଉପନିବେଶ ବାଦର ଆଳ ନେଇ ଭାରତର ଶାସନ ମଙ୍ଗକୁ ହାତେଇ ନେଇଥିଲେ। ଦୀର୍ଘ ଦୁଇଶହ ବର୍ଷ ଧରି ଭାରତୀୟ ମାନଙ୍କୁ ଅକଥନୀୟ ଅତ୍ୟାଚାର ଦେଇ ରକ୍ତ ଶୋଷିଥିଲେ। ସଂପ୍ରତି ଭାରତରେ ଏହି ଉପନିବେଶବାଦ ଏକ ନୂତନ ରୂପରେ ଆବିର୍ଭାବ ହୋଇଛି। ଯାହାକୁ ଦାର୍ଶନିକ ଏବଂ ଜ୍ଞାନୀମାନଙ୍କ ଆଲୋଚନା ନୂପନିବେଶବାଦ ( NEO- COLONIALISM) କହୁଛି। ଏହି ନୂପନିବେଶବାଦ ମଧ୍ୟ ଉପନିବେଶବାଦ ଠାରୁ ଭିନ୍ନ ନୁହେଁ। ଚୀନ୍, ଆମେରିକା ଭଳି ଭିଟୋ ପାୱାରଧାରୀ ରାଷ୍ଟ୍ରମାନେ ପୁନଶ୍ଚ ଭାରତରେ ବାଣିଜ୍ୟ ଓ ପରିବହନ ଆଳରେ ଅର୍ଥନୈତିକ ଉପନିବେଶବାଦ ସୃଷ୍ଟି କରୁଛନ୍ତି। ଆଜି ଆମେ ସମସ୍ତେ ଛୁଞ୍ଚି ଠାରୁ ଟେଲିଭିଜନ, ପେନ୍, ନିତ୍ୟ ବ୍ୟବହାର୍ଯ୍ୟ କପଡାଲତା, ସମସ୍ତ ଆସବାବ ପତ୍ର, ମୋବାଇଲ ଆଦି ସମସ୍ତ ଜିନିଷ ପାଇଁ ସେହି ଦେଶମାନଙ୍କୁ ନିର୍ଭର କରୁଛୁ। ଭାରତୀୟ ଦେଶୀ ଜିନିଷକୁ ପଛରେ ପକେଇ ବିଦେଶୀ ଦ୍ରବ୍ୟର ମୋହରେ ପଡିଛୁ। ଯଦ୍ୱାରା ଆମେରିକା, ଚୀନ୍ ଆଦି ଦେଶ ଆମକୁ ଶୋଷଣ କରି ଚାଲିଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ 'ବାବା ରାମଦେବ'ଙ୍କର 'ପତଞ୍ଜଳୀ' ପ୍ରସ୍ତୁତି ପ୍ରତ୍ୟେକ ଦ୍ରବ୍ୟ ଏକ କ୍ରାନ୍ତିକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ଦେଶର ମୋହତ୍ୟାଗ କରି ସଂପ୍ରତି ଉଚ୍ଚ ଶିକ୍ଷିତ ମାନେ ଆମେରିକା, ଲଣ୍ଡନ ଆଦି ଦେଶରେ ବଡ ଚାକିରୀ ଓ ମାନସମ୍ମାନ ପାଇଁ ବସତି ସ୍ଥାପନ କରୁଛନ୍ତି। ଯଦ୍ୱାରା ଭାରତର ଅର୍ଥନୀତି ଓ କାର୍ଯ୍ୟ ଦକ୍ଷତା ଉଭୟ କ୍ଷେତ୍ରରେ ବହୁ ଅଭାବ ପରିଲକ୍ଷିତ ହେଉଛି। ଏଇ ନିକଟ ଅତୀତରେ ଚୀନ୍‌ର କାର୍ଯ୍ୟ କଳାପରେ ନୂପନିବେଶବାଦର ଝଲକ ହିଁ ପ୍ରତୀକିତ ହେଉଅଛି। ଜୋରଜବରଦସ୍ତି ଭାରତର ସ୍ଥାନ ମାନଙ୍କୁ ଜବରଦଖଲ କରିବା ଯୋଜନାରୁ ଚୀନ୍‌ର ମନ୍ଦ ଉଦ୍ଦେଶ୍ୟ ଭାରି ହୋଇଯାଉଛି। 'କରୋନା' ଭଳି ମାରାତ୍ମକ ରୋଗର ସୃଷ୍ଟି କରି ନିଜ ଆଧିପତ୍ୟ ଜାହିର କରୁଛି। ଆଜି ଆମେ ଭାରତୀୟ ଗଣ ଆଖି ଖୋଲି ଦେଶକୁ ଦୁର୍ଦ୍ଦିନ ରେ ଯିବା ପୂର୍ବରୁ ଜାଗ୍ରତ ହେବା ଉଚିତ। ଦେଶୀୟ ଭାବେ କର୍ମ କରି ଭାରତର ମାନ ସମ୍ମାନ ରକ୍ଷା କରିବା କଥା। ପୁଣିଥରେ ଭାରତ ନୂପନିବେଶବାଦ ଭଳି ଘୃଣ୍ୟତାର ଶିକାର ହେବା ପୂର୍ବରୁ ଆମେ ମନ ଓ ହୃଦୟ ରୁ ଭାରତୀୟ ହୋଇଯିବାହିଁ ଶ୍ରେୟସ୍କର ପଥ ବୋଲି ମୋର ମତ। ଏବେ ଆପଣମାନେ ହିଁ ଚିନ୍ତା କରନ୍ତୁ ଆପଣଙ୍କ ମତ କଣ ??

❤ ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା, ସୁନ୍ଦରଗଡ,
(ମୋ) ୯୩୩୭୦୬୭୧୮୬



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




## ବମ୍ ତୁଲ୍ ବୁଖାରା



### ଦୀପକ ରଂଜନ ମିଶ୍ର

## ॥ ମାତୃଦର୍ଶନ ॥

ଦୀର୍ଘ ୧୯ ବର୍ଷର ସଶ୍ରମ କାରାବାସ ପରେ ଶିବ୍ ବର୍ମା, ହରଦୋଇ ଜେଲରୁ ମୁକ୍ତି ପାଆନ୍ତି। ମାତ୍ର ୪୨ ବର୍ଷ ବୟସ ହେଲେ ବି ୬୦ ବର୍ଷିୟ ବୃଦ୍ଧଙ୍କ ଭଳି ଦେଖାଯାଉଥାନ୍ତି ସିଏ। ବାଁ ପଟ ଆଖିଟି ନଷ୍ଟ ହୋଇ ସାରିଥାଏ ଆଣ୍ଡାମାନ୍‌ର ସେଲ୍ୟୁଲାର ଜେଲରେ ଥିଲାବେଳୁ। ଜେଲରୁ ବାହାରିବା ପରେ ତାଙ୍କ ବଡ଼ଭାଇ ବୁଦ୍ଧିସାଗର ବର୍ମାଙ୍କୁ ଭେଟିବା ପାଇଁ ଶାହଜାହାଁପୁର ଯିବାକୁ ସ୍ଥିର କରନ୍ତି। ତାଙ୍କ ସାଙ୍ଗରେ ଯାଆନ୍ତି ଆଣ୍ଡାମାନରେ ଏକଦା ସହବନ୍ଦୀ ଥିବା ସତ୍ୟବ୍ରତ ଚକ୍ରବର୍ତ୍ତୀ। କୋଡ଼ିଏ ବର୍ଷ ପୂର୍ବେ ସେଠାକୁ ଯାଇଥିଲେ ପଣ୍ଡିତ ବିସ୍ମିଲଙ୍କ ବାପାମା'ଙ୍କୁ ଭେଟିବାକୁ। ସେତେବେଳେ ବିସ୍ମିଲ୍‌ଙ୍କ ଫାଶୀଦଣ୍ଡ ଘୋଷଣା ସରିଥାଏ। ଦିନ କେଇଟା ପରେ ଫାଶୀ ପାଇବାକୁ ଥିବା ପୁଅର ବାପାମା' କେମିତି ଦିନ କାଟୁଥିବେ ତଥା ଇୟେ କ'ଣ କହି ସେମାନଙ୍କୁ ସାନ୍ତ୍ୱନା ଦେବେ କିଛି ଭାବି ପାରୁ ନଥାନ୍ତି। କିନ୍ତୁ ପଣ୍ଡିତ ମୁରଲୀଧର ତଥା ମୂଳମତି ଦେବୀଙ୍କ ଅସୀମ ଧୈର୍ଯ୍ୟ ଦେଖି ଶିବ୍ ବର୍ମା ବିସ୍ମିତ ହୋଇଯାଆନ୍ତି। କ୍ରାନ୍ତିକାରୀ ସଂଗଠନ 'ହିନ୍ଦୁସ୍ଥାନ ରିପବ୍ଲିକେନ ଏସୋସିଏସନ'ର ସର୍ଦ୍ଦାର ପଣ୍ଡିତ ରାମପ୍ରସାଦ ବିସ୍ମିଲଙ୍କ ଶରୀର କେଉଁ ରକ୍ତମାଂସରେ ଗଢ଼ା ତା'ର ପରିଚୟ ମିଳିଥିଲା ସେଦିନ। ମୁହଁ ତଳକୁ କରି ତାଙ୍କ ସାମ୍ନାରେ ଠିଆ ହେବାରୁ ମା' ମୂଳମତି ଚିବୁକକୁ ହାତରେ ଟେକିଧରି କହନ୍ତି, "କ୍ରାନ୍ତିକାରୀ କେବେ ତଳକୁ ମୁହଁ ପୋତି ଠିଆ ହୁଏନି ବେଟା। ସେ ସବୁ ପରିସ୍ଥିତିରେ ଆଗକୁ ଚାହେଁ ବୀର ଯୋଦ୍ଧା ଭଳି। ତୋ ସର୍ଦ୍ଦାର କ'ଣ ତୋତେ ଏତିକି ଶିଖାଇନି ?" ଏବେ କୋଡ଼ିଏ ବର୍ଷ ପରେ ସେଇ ବୀର ପ୍ରସବିନୀ, ଶହୀଦ ବିସ୍ମିଲଙ୍କ ମାଟିକୁ ଯାଉଛନ୍ତି। ବଡ଼ଭାଇଙ୍କ ଘରକୁ ଯିବା ପୂର୍ବରୁ ସେମାନେ ଦୁଇବନ୍ଧୁ ଶହୀଦ ବିସ୍ମିଲଙ୍କ ପିତାମାତାଙ୍କ ଦର୍ଶନ କରିବାକୁ ସ୍ଥିର କରନ୍ତି। ଏତେବର୍ଷ ପରେ ସେମାନେ କେମିତି ଥିବେ କେଜାଣି ?

ଶାହଜାହାଁପୁରରେ ବସ୍‌ରୁ ଓହ୍ଲାଇ ବିସ୍ମିଲଙ୍କ ଘର ଆଡ଼କୁ ଯାଆନ୍ତି ଦୁହେଁ। ପାଖ ସାଇ ପଡ଼ିଶାଙ୍କୁ ପଚାରିବାରୁ ଅନେକେ ସେମାନଙ୍କ ବିଷୟରେ କିଛି କହି ପାରନ୍ତିନି। ଜଣେ ବୃଦ୍ଧାଙ୍କ ପାଖରୁ ତାଙ୍କ ପରିବାରର କେବଳ ମୂଳମତି ହିଁ ଜୀବିତ ଥିବା ଖବର ମିଳେ। ବସତିଠୁଁ ଟିକିଏ ଦୂରରେ ରାସ୍ତାକଡ଼େ ଏକ ଭଙ୍ଗାଘରେ ରହୁଛନ୍ତି। ଆଖିକୁ ଦେଖାଯାଉନି ଆଉ। ଏବେ ଭିକ୍ଷା ହିଁ ତାଙ୍କର ଏକମାତ୍ର ଅବଲମ୍ବନ। ବୀରପ୍ରସବିନୀ ମା'ଙ୍କ ଏଇ ଦୁର୍ଦ୍ଦଶା କଥା ଶୁଣି ଛାତି ଭିତର ଦୁହିଁ ହୋଇଯାଏ ଦୁଇ ବନ୍ଧୁଙ୍କର। ରାସ୍ତା ପଚାରି ପଚାରି ଯାଇ ସେଇ ଭଙ୍ଗା ଘର ପାଖରେ ପହଞ୍ଚନ୍ତି। ଅନ୍ଧାରୁଆ ଘର ଭିତରେ ଛିଣ୍ଡା ଶାଢ଼ିଖଣ୍ଡେ ଗୁଡ଼େଇ, ନିଜେ ନିଜେ କ'ଣ ବିଡ଼୍ ବିଡ଼୍ ହୋଇ କହୁଥାଏ ବୁଢ଼ୀଟିଏ। ମୁଣ୍ଡର ବାଳ ଅଯତ୍ନରେ ଝୋଟ ଭଳି ହୋଇଯାଇଥିବା ବେଳେ ମୁହଁର ଚମଡ଼ା ଲୁଚାକୋଚା। ତଥାପି ଚିହ୍ନି ପାରନ୍ତି ଶିବ୍ ବର୍ମା। ପାଦ ଛୁଇଁ ଜୁହାର ହୋଇ ସେଇ ପାଖରେ ଚଟାଣ ଉପରେ ବସିପଡ଼ନ୍ତି। ଏଭଳି ଅପ୍ରତ୍ୟାଶିତ ବ୍ୟବହାରରେ ଚମକି ପଡ଼େ ବୁଢ଼ୀ। ଶାଢ଼ି କାନିରେ ଦେହ ଢାଙ୍କି କ୍ଷୀଣ ସ୍ୱରରେ ପଚାରେ, "ତୁମେ କିଏ ବାବା ? ମୋତେ ଆସି ଜୁହାର ହେଲ ଯେ ! ଏଇ ବୁଢ଼ୀ ଭିକାରୁଣୀଟା ପାଖକୁ କାହିଁକି ଆସିଛ ? କ'ଣ କିଛି କାମ ଥିଲା ?" ଆଣ୍ଡାମାନର ସେଲ୍ୟୁଲାର ଜେଲ୍‌ରେ ସାତଥର ଆମରଣ ଅନଶନ କରିଥିବା ତଥା ଦୀର୍ଘ ୧୯ ବର୍ଷ ବ୍ରିଟିଶ୍ ଜେଲ୍‌ରେ ଅକଥନୀୟ ଅତ୍ୟାଚାର ସହି ବି କେବେ ଭାଙ୍ଗି ପଡ଼ି ନଥିବା ମହାନ୍ କ୍ରାନ୍ତିକାରୀ ଶିବ ବର୍ମାଙ୍କୁ ଗୋଟାପଣେ ଭାଙ୍ଗି ଦେଇଥିଲା ଏଇ ଅଭାବନୀୟ ଦୃଶ୍ୟ। ମୈନ୍‌ପୁରୀ ଷଡ଼ଯନ୍ତ୍ର ତଥା କାକୋରି ଟ୍ରେନ୍ ଲୁଟ୍ ର ମୁଖ୍ୟ ଆସାମୀ, ହିନ୍ଦୁସ୍ଥାନ ରିପବ୍ଲିକେନ ଏସୋସିଏସନ୍ ର ଏକଦା ଛାମୁଆଁ ନେତା, ହସି ହସି ନିଜ ଦେଶମାତୃକାର ମୁକ୍ତି ପାଇଁ ଉଚ୍ଚ କଣ୍ଠରେ 'ବନ୍ଦେ ମାତରମ୍' ତଥା 'ଭାରତମାତା କୀ ଜୟ' କହି ଫାଶୀଖୁଣ୍ଟରେ ଝୁଲିଥିବା ବୀର ଶହୀଦ ପଣ୍ଡିତ୍ ରାମପ୍ରସାଦ ବିସ୍ମିଲଙ୍କ ଗର୍ଭଧାରିଣୀଙ୍କ ଏପରି ଦୁର୍ଦ୍ଦଶା ଦେଖି କିଏ ବା ଧୈର୍ଯ୍ୟଧରି ରହି ପାରିବ ଯେ ? କିଛି ସମୟ ଚୁପ୍ ରହିବା ପରେ ଥରିଲା କଣ୍ଠରେ ଶିବ୍ ବର୍ମା କହନ୍ତି, "ମୋତେ ଚିହ୍ନି ପାରୁନ ମା' ? ମୁଁ କେତେଥର ତୁମ ଘରକୁ ଆସିଛି। ଗୋରଖପୁର ଜେଲ୍‌ରେ ଭୈୟାଙ୍କ ସହ ଭେଟାଇବାକୁ ତୁମେ କାହାକୁ ତୁମ ଭଉଣୀର ପୁଅ ବୋଲି ପରିଚୟ ଦେଇ ନେଇ ଯାଇଥିଲ, ମନେ ନାହିଁ ?" ଏତିକି ଶୁଣି ପ୍ରସ୍ତର ମୂର୍ତ୍ତିରେ ପ୍ରାଣ ସଞ୍ଚାରର ପ୍ରକ୍ରିୟା। ଓଠରେ ଦେଖାଦିଏ କମ୍ପନ। "ତୁ... ପ୍ରଭାତ୍ ! (ଦଳରେ ସମସ୍ତେ ଶିବ୍ ବର୍ମାଙ୍କୁ 'ପ୍ରଭାତ' ନାଁରେ ଡାକୁଥିଲେ) ସ୍ନେହରଙ୍କୁଣୀ ମାଆଟି ଏତେବର୍ଷ ପରେ ପୁଅକୁ ଦେଖି କୁଣ୍ଢେଇ ପକାଏ। "ଏଇ ବୁଢ଼ୀ, ଭିକାରୁଣୀ ମାଆଟି ପାଖକୁ ତୁ ଆସିଛୁ ବାପ ! ଏତେଦିନ ଯାଏ କୋଉଠି ଥିଲୁରେ ! ତୋତେ ମୁଁ ବହୁତ ମନେ ପକାଉଥିଲି। ହେଲେ ତୋ ଆସିବା ଯେତେବେଳେ ଏକଦମ୍ ବନ୍ଦ ହୋଇଗଲା ଭାବିଲି ତୁ ବି ତା' ପଥର ପଥିକ ସାଜିଛୁ ବୋଲି। ମା'ଙ୍କ ଏତିକି କଥାରେ କେତେ କ୍ଷତ ଏକା ସହିତ ଉଖାରି ହୋଇଯାଏ। ପୁରୁଣା ଦିନର ସୁଖଦ ସ୍ମୃତି, ବିସ୍ମିଲ୍‌ଙ୍କ ସ୍ମୃତି, ଫାଶୀ, ଜଲ୍ଲାଦ୍, ଜବାନ୍ ପୁଅର ଜଳୁଥିବା ଚିତାର ସ୍ମୃତି ତାଙ୍କ ଜ୍ୟୋତିହୀନ ନେତ୍ରରେ ଲୁହର ବନ୍ୟା ଆଣିଦିଏ।

୧୯୨୭ ମସିହା ଡିସେମ୍ବର ୧୯ ତାରିଖ ନିର୍ଦ୍ଧାରିତ ହୋଇଥାଏ ଫାଶୀ ପାଇଁ। ତା' ପୂର୍ବଦିନ ଶେଷ ସାକ୍ଷାତ ର ସୁଯୋଗ। ସେଦିନ କେବଳ ପରିବାରବର୍ଗଙ୍କୁ ହିଁ ତାଙ୍କ ସାକ୍ଷାତର ଅନୁମତି ମିଳିଥାଏ। ଶିବ୍ ବର୍ମାଙ୍କର ବିସ୍ମିଲ୍‌ଙ୍କୁ ଭେଟିବା ଥିଲା ବହୁତ ଜରୁରୀ। ଦଳର ପାଣ୍ଠି ଓ ଅସ୍ତ୍ରଶସ୍ତ୍ର କୋଉଠି ତଥା କାହାର ସଂରକ୍ଷଣରେ ରହିଛି ସେସବୁ ବିଷୟରେ ଅବଗତ ନହେଲେ ସଂଗ୍ରାମ ଆଗକୁ ବଢ଼ିବ କେମିତି ? ପୁଅ ସହ ସାକ୍ଷାତ କରିବାକୁ ଗୋରଖପୁର ଆସନ୍ତି ବାପା, ପଣ୍ଡିତ ମୁରଲୀଧର। ମା'ଙ୍କର ତ ଖାଲିକି କୋମଳ ହୃଦୟ। ସେ ଏଇ ଆଘାତ ସହି ପାରିବେ କି ନାହିଁ ବୋଲି ତାଙ୍କୁ ସାଙ୍ଗରେ ଆଣି ନଥାନ୍ତି। ଶିବ୍ ବର୍ମାଙ୍କ ସହ ବାପା ଆସି ଜେଲ୍ ଫାଟକ ପାଖରେ ପହଞ୍ଚିଲା ବେଳକୁ ସେଇଠି ମା' ପୂର୍ବରୁ ଉପସ୍ଥିତ ଥିବା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି। ଶିବ୍ ଭିତରକୁ କେମିତି ଯାଇ ପାରିବେ ସେଇ କଥା ପଡ଼ିବାରୁ ମା' ସମସ୍ତଙ୍କୁ ଚୁପ୍ ରହିବାକୁ ଇଶାରା ଦିଅନ୍ତି। ପ୍ରଭାତ୍ କେମିତି ଯିବ ତା' ସର୍ଦ୍ଦାର୍‌କୁ ଭେଟିବା ପାଇଁ ସେ ବ୍ୟବସ୍ଥା ମା' କରିବେ। ସେଥିରେ ଅନ୍ୟମାନେ ଏତେ ଚିନ୍ତିତ ହେବାର କ'ଣ ଅଛି ? ଭିତରକୁ ଯିବାକୁ ଆଦେଶ ମିଳିବାରୁ ମା' ପ୍ରଭାତ୍‌ର ହାତ ଧରି ଏକପ୍ରକାର ଟାଣି ନିଅନ୍ତି। ଗାର୍ଡ଼ମାନେ ପରିଚୟ ମାଗିବାରୁ କହନ୍ତି ସିଏ ତାଙ୍କ ଭଉଣୀର ପୁଅ ବୋଲି। ମା'ଙ୍କୁ ସାମ୍ନାରେ ଦେଖି ବିସ୍ମିଲ୍ ଛୁଆଙ୍କ ଭଳି କାନ୍ଦି ପକାନ୍ତି। ହେଲେ ମା' ଆଖିରେ ଲୁହର ଲେଶ ମାତ୍ର ନଥାଏ। ସେ କଠୋର ସ୍ୱରରେ କହନ୍ତି, "ମୁଁ ଭାବୁଥିଲି, ତୁ ମୋ ପୁଅ ତ ସେଇଥିପାଇଁ ଏତେ ବାହାଦୁର। ଯାହାର ନାଁ ଶୁଣିଲେ ଭୟରେ ଥରି ଉଠୁଛି ଫିରଙ୍ଗୀ ସରକାର। ମୁଁ ଜାଣି ନଥିଲି ତୁ ମୃତ୍ୟୁକୁ ଏତେ ଭୟ କରୁ ବୋଲି। ତୋତେ ଯଦି ଏମିତି କାନ୍ଦି କାନ୍ଦି ମରିବାର ଥିଲା ତେବେ ତୁ ବେକାରରେ ଏଇ କାମରେ ହାତ ଦେଲୁ ବେଟା। ଏ କାମ ସାହସୀଙ୍କର, ତୋ ଭଳି ଭୟାଳୁଙ୍କ ପାଇଁ ଆଦୌ ନୁହେଁ।" ବିସ୍ମିଲ୍ ଲୁହ ପୋଛି ମା'କୁ ଆଶ୍ୱାସନା ଦେଇ କହନ୍ତି, "ଏଇ ଲୁହ ମୃତ୍ୟୁ ଭୟରେ ବୋହୁ ନଥିଲା ଲୋ ମା'। ତୋ ପ୍ରତି ଥିବା ମୋହ ହିଁ ଏହାର କାରଣ। ମୁଁ ତ ଦେଶ ମାତୃକାର ସେବା କରିବାକୁ ବାରମ୍ବାର ଏଇ ଧରାପୃଷ୍ଠରେ ଜନ୍ମଗ୍ରହଣ କରିବି। ହେଲେ ମୋତେ ଆଉ କେବେ କ'ଣ ତୋର ଏଇ କୋଳ ମିଳିବ ? ସେଇଲାଗି ଅମାନିଆଁ ହୋଇ ବୋହି ଆସିଲା କେଇଟୋପା ଲୁହ। ତୋ ପୁଅ ମୃତ୍ୟୁକୁ ଆଦୌ ଭୟ କରେନି। ଏତିକି ବିଶ୍ୱାସ ରଖ୍ ତା ଉପରେ।" ସାକ୍ଷାତର ଅବଧି ଖୁବ୍ ସୀମିତ ଥିବାରୁ ଅଧିକ କିଛି କଥା ନହୋଇ ମା' ଶିବ୍ ବର୍ମାଙ୍କୁ ଆଗକୁ କରିଦେଇ କହନ୍ତି, "ଇୟେ ତୋ ଦଳର ଲୋକ। ଦଳ ବିଷୟରେ ତୋର ଯାହା କହିବାର ଅଛି ଯା'କୁ କହିଦେ।" ଦୂରରୁ ଥାଇ ଲକ୍ଷ୍ୟ କରୁଥିବା ପୋଲିସ୍‌ମାନେ ପରସ୍ପର କୁହାକୋହି ହେଉଥାନ୍ତି ବାହାଦୁର ମା'ର ପୁଅ ହିଁ ବାହାଦୁର ହୋଇ ପାରିବ ବୋଲି।

ବିସ୍ମିଲ୍, 'ବନ୍ଦେ ମାତରମ୍' ଉଚ୍ଚାରଣ ସହ ହସି ହସି ସ୍ୱାଗତ ଜଣାନ୍ତି ଶିବ୍ ବର୍ମାଙ୍କୁ। ଦୁଇଟି ଗୁପ୍ତ ଠିକଣା ଦିଅନ୍ତି ଯେଉଁଠି ପାର୍ଟିର ପଇସା ତଥା ଅସ୍ତ୍ରଶସ୍ତ୍ର ରଖା ହୋଇଥାଏ। ସାଥୀମାନଙ୍କ ଉଦ୍ଦେଶ୍ୟରେ କିଛି ମାର୍ଗଦର୍ଶନ। ତା'ପରେ ଗୋଟେ ବିଡ଼ା କାଗଜ ବଢ଼େଇ ଦିଅନ୍ତି ଶିବ୍ ବର୍ମାଙ୍କ ହାତକୁ ସଭିଙ୍କ ଅଲକ୍ଷ୍ୟରେ। ସେଥିରେ ଜେଲ୍ ଭିତରେ ବସି ବସି ପଣ୍ଡିତ ବିସ୍ମିଲ୍ ଲେଖିଥାନ୍ତି ତାଙ୍କ ଜୀବନ ତଥା ଦର୍ଶନ ବିଷୟରେ। ତାକୁ ଆପଣା କାମିଜ୍ ଭିତରେ ଲୁଚେଇ ଜେଲ୍ ବାହାରକୁ ନେଇ ଆସନ୍ତି ଶିବ୍ ବର୍ମା। ଯାହା ଦେଶ ସ୍ୱାଧୀନ ହେବା ପରେ 'ଆତ୍ମକଥା' ଶୀର୍ଷକରେ 'ଆତ୍ମାରାମ୍ ଏଣ୍ଡ ସନ୍ସ' ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୁଏ। ଯାହାର ଭୂମିକା ଲେଖିଥାନ୍ତି ବନାରସୀଦାସ ଚତୁର୍ବେଦୀ। ସେଦିନ ଯଦି ଶିବ୍ ବର୍ମା ସେଇ କାଗଜ ବିଡ଼ାଟିକୁ ଜେଲ୍ କର୍ତ୍ତୃପକ୍ଷଙ୍କ ଠାରୁ ଲୁଚେଇ କରି ଆଣି ନଥାନ୍ତେ ତେବେ ଆଜି ଆମେ ବିସ୍ମିଲ୍‌ଙ୍କ ବିଷୟରେ ଜାଣିବା ଖୁବ୍ କଷ୍ଟକର ହୋଇ ପଡ଼ନ୍ତା। ଗୋରଖପୁର ଜେଲ ପରିସର ମଧ୍ୟରେ ମା' ମୂଳମତି ଦେବୀଙ୍କ ସହ ଶିବ୍ ବର୍ମାଙ୍କର ସେଇ ଥିଲା ଶେଷ ସାକ୍ଷାତ୍। ତା'ର କିଛି ମାସପରେ ସେ ଗିରଫ୍ ହୋଇଯାଆନ୍ତି। ୧୯୩୩ ମସିହା ପର୍ଯ୍ୟନ୍ତ ଭାରତର ବିଭିନ୍ନ ଜେଲ୍‌ରେ ସଜା କାଟିବା ପରେ ତାଙ୍କୁ କଳାପାଣି ପଠାଇ ଦିଆହୁଏ। ଦୀର୍ଘ ପାଞ୍ଚବର୍ଷ ଆଣ୍ଡାମାନ୍‌ର ସେଇ ସେଲ୍ୟୁଲାର ଜେଲରେ ସଶ୍ରମ କାରାଦଣ୍ଡ। ନାହିଁ ନଥିବା ନିର୍ଯ୍ୟାତନା। ଗୋଟାପଣେ ଭାଙ୍ଗିପଡ଼େ ସ୍ୱାସ୍ଥ୍ୟ। ବାଁ ଆଖିଟି ଚିକିତ୍ସା ଅଭାବରୁ ନଷ୍ଟ ହୋଇଯାଏ ମଧ୍ୟ। ତଥାପି ନଇଁବା ଲୋକ ନୁହନ୍ତି ଶିବ୍‌ଦା'। ଜେଲ ଭିତରେ ସାତ ସାତ ଥର ଆମରଣ ଅନଶନ କରି ସେ ନିଜର ମାନସିକ ସାମର୍ଥ୍ୟର ପ୍ରଦର୍ଶନ କରିଛନ୍ତି। ୧୯୩୮ ରେ ଆଣ୍ଡାମାନରୁ ଭାରତକୁ ଅଣାଯାଏ। ଆଉ ଦେଶ ସ୍ୱାଧୀନ ହେବା କିଛିମାସ ପୂର୍ବରୁ ତା. ୨୧ ଫେବୃଆରୀ ୧୯୪୬ ରେ ତାଙ୍କୁ ମୁକ୍ତି ଦିଆଯାଏ।

ଭଙ୍ଗା କୁଡ଼ିଆର ମାଟି ଚଟାଣ ଉପରେ ଛିଣ୍ଡା କୋତରା କପଡ଼ା ଖଣ୍ଡେ ଗୁଡ଼େଇ ହୋଇ ବସିଥାନ୍ତି ରାଷ୍ଟ୍ରମାତା ମୂଳମତି ଦେବୀ। ତାଙ୍କ ପାଖରେ ମହାନ୍ କ୍ରାନ୍ତିକାରୀ ଶିବ୍ ବର୍ମା ଓ ସତ୍ୟବ୍ରତ ଚକ୍ରବର୍ତ୍ତୀ। କଥା ଆଗକୁ ବଢ଼ାଇବାକୁ ଯାଇ ଶିବ୍‌ଦା' ପଚାରନ୍ତି ତାଙ୍କ ସାନପୁଅ 'ରମେଶ' ବିଷୟରେ। ସେ ଜାଣି ନଥାନ୍ତି ତାଙ୍କର ଏଇ ପ୍ରଶ୍ନ ମା'ଙ୍କ ଆଖିରେ ଲୁହର ବନ୍ୟା ଆଣିଦେବ ବୋଲି। ମା' ଭୋ ଭୋ ହୋଇ କାନ୍ଦିପକାନ୍ତି। ବର୍ଷ ବର୍ଷ ଧରି ଗଚ୍ଛିତ ଲୁହ ବନ୍ଧବାଡ଼ ଭାଙ୍ଗି ବୋହିଯାଏ ଗଣ୍ଡଦେଶ ଦେଇ। କିଛି ସମୟ ପରେ ସେ ନିଜକୁ ସମ୍ଭାଳି ଆପଣା ଦୁଃଖ କାହାଣୀ କହିବା ଆରମ୍ଭ କରନ୍ତି। କାକୋରି ଟ୍ରେନ୍ ଲୁଟ୍ ରେ ମୁଖ୍ୟ ଅଭିଯୁକ୍ତ ଭାବେ ବିସ୍ମିଲ୍‌ଙ୍କୁ ପୋଲିସ୍ ଗିରଫ୍ କରିବା ଦିନଠାରୁ ପରିବାରର ଦୁର୍ଦ୍ଦଶା ଆରମ୍ଭ ହୋଇଯାଏ। ପୋଲିସ୍ ଭୟରେ କେହି ବି ତାଙ୍କ ଘରକୁ ଆସିବାକୁ ସାହସ କରନ୍ତି ନାହିଁ। ବନ୍ଧୁବାନ୍ଧବ ସମସ୍ତେ ଆସ୍ତେ ଆସ୍ତେ ଦୂରେଇ ଯାଆନ୍ତି। ବୃଦ୍ଧ ବାପାଙ୍କର ସେମିତି କୌଣସି ସ୍ଥାୟୀ ରୋଜଗାର ନଥାଏ। କିଛିବର୍ଷ ଭିତରେ ସାନପୁଅ ରମେଶ ବାଧକିରେ ପଡ଼େ। ସେତେବେଳକୁ ପରିବାରରେ ଘୋର ଅଭାବ। ଡାକ୍ତର ଦେଖାଇବାକୁ କି ଔଷଧ କିଣିବାକୁ ହାତରେ ପଇସା ନାହିଁ। ରୋଗ ଆସ୍ତେ ଆସ୍ତେ ବଢ଼େ। ଶେଷକୁ ଟି ବି ହୋଇଯାଏ। ଘରର ଯାହା କିଛି ଥିଲା ତାକୁ ବିକି ଭାଙ୍ଗି ମଧ୍ୟ ଉପଯୁକ୍ତ ଚିକିତ୍ସା କରିବା ସମ୍ଭବ ନହେବାରୁ ପିଲାଟି ବୃଦ୍ଧ ବାପାମା'ଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଆରପାରିକୁ ଚାଲିଯାଏ। କେହି କେହି ଶୁଖିଲା ସମବେଦନା ଜଣାଇବା ପାଇଁ ଆସିବାରୁ ବାପା ଖୁବ୍ ବିରକ୍ତ ହୁଅନ୍ତି। ସବୁବେଳେ ବିଡ଼୍ ବିଡ଼୍ ହୋଇ କ'ଣ ସବୁ କହିଚାଲନ୍ତି। ସତେକି ଛାତି ଭିତରେ ବର୍ଷ ବର୍ଷ ଧରି ଗଚ୍ଛିତ ଥିବା ଅଭିମାନ ଗୁଡ଼ିକ ସଭିଙ୍କ ଆଗରେ ବ୍ୟକ୍ତ କରିଦେଲେ ତାଙ୍କୁ ଶାନ୍ତି ମିଳିବ। କାହା ଜୀବନକୁ ଭୟ ନାହିଁ ଯେ ଫାଶୀ ପାଇଥିବା କ୍ରାନ୍ତିକାରୀର ବାପ ସହ ବସି ସୁଖଦୁଃଖ ହେବ। ଆସ୍ତେ ଆସ୍ତେ ତାଙ୍କ ଦେହ ବିଗିଡ଼ିବାକୁ ଲାଗେ। ସମୟ ସମୟରେ ମୁର୍ଚ୍ଛା ହୋଇଯାଆନ୍ତି। ବୁଢ଼ୀ ମଣିଷ ଏକୁଟିଆ କେତେ ସମ୍ଭାଳିବେ ସବୁକିଛି। ଆଉ ଦିନେ ସେ ଚାଲିଯାଆନ୍ତି ଆରପାରିକୁ। ପେଟକୁ ମୁଠେ ଦାନା ଓ ପିଠିକୁ ଖଣ୍ଡେ କନା ତ ନିହାତି ଆବଶ୍ୟକ। ସେଥିପାଇଁ ଘରର ଗୋଟେ ଭାଗ ଭଡ଼ାରେ ଦେବାର ନିଷ୍ପତ୍ତି କରନ୍ତି ମାଆ। ହେଲେ ତାଙ୍କ ଘରେ ଭଡ଼ା ରହିବ କିଏ ? ଫାଶୀ ପାଇଥିବା କ୍ରାନ୍ତିକାରୀର ଘର ଯେ ! ଯେତେ ଶସ୍ତାରେ ଦେବେ ବୋଲି କହିଲେ ବି କେହି ଆସନ୍ତିନି। ଶେଷକୁ ଆସେ ଗୋଟେ ପୋଲିସ୍‌ବାଲା। ହେଲେ ଆମ ସମାଜର ଲୋକେ ବଡ଼ ଅଦ୍ଭୁତ। ସେଇ ପୋଲିସ୍‌ବାଲା ସହିତ ମା'ଙ୍କର ଅନୈତିକ ସମ୍ପର୍କ ବିଷୟରେ ଅପପ୍ରଚାର କରିବାକୁ ପଛାନ୍ତି ନାହିଁ ସେମାନେ। ଜବାନ୍ ପୁଅ ହରେଇଥିଲେ ରାଷ୍ଟ୍ରପାଇଁ, ସାନପୁଅକୁ ହରାଇଲେ ଅଭାବ ପାଇଁ, ପତିଙ୍କୁ ହରାଇଲେ ବିକଟ ପରିସ୍ଥିତି ପାଇଁ ଆଉ ଏବେ ନିଜର ମାନ ଇଜ୍ଜତ୍ ହରାନ୍ତି ସମାଜର କୁତ୍ସାରଟନା ପାଇଁ। ପଞ୍ଚାୟତ ବସି ତାଙ୍କୁ ନିଆଁପାଣି ବାସନ୍ଦ କରାଯାଏ। ଏଇ ସୁଯୋଗରେ ଭଡ଼ାଟିଆ ସମ୍ପୂର୍ଣ୍ଣ ଘର ଉପରେ କବ୍‌ଜା କରିବସେ। ଭିକ୍ଷାଝୁଲି ଧରି ରାସ୍ତାକୁ ଓହ୍ଲାଇ ଆସନ୍ତି ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବୀର ଶହୀଦ୍ ପଣ୍ଡିତ୍ ରାମପ୍ରସାଦ ବିସ୍ମିଲ୍‌ଙ୍କ ମା' ମୂଳମତି ଦେବୀ। ଏବେ ଶାହାଜହାଁପୁରରେ ତାଙ୍କ ପରିଚୟ ଏକ ଭିକାରୁଣୀର। ବହୁକାଳରୁ ପରିତ୍ୟକ୍ତ ଏକ ଭଙ୍ଗାଘର ଏବେ ତାଙ୍କ ମୁଣ୍ଡଗୁଞ୍ଜିବା ପାଇଁ ଏକମାତ୍ର ସ୍ଥାନ। ନିଶ୍ୱାସ ପ୍ରଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ତାଙ୍କୁ ତ ବଞ୍ଚିବାକୁ ପଡ଼ିବ। ହେଲେ ଆଜିଯାଏଁ ସେ କେବେ ଆଖିରୁ ଲୁହ ଗଡ଼େଇ ନଥିଲେ। ତାଙ୍କୁ କାନ୍ଦୁଥିବାର ଦେଖିଲେ ଲୋକେ କହିବେ - "ହେଇ ଦେଖରେ ବୁଢ଼ୀ ଆପଣା ଭାଗ୍ୟକୁ ନିନ୍ଦି ଲୁହ ଗଡ଼ାଉଛି।" ସେ ଶହୀଦ୍ ରାମପ୍ରସାଦ୍ ବିସ୍ମିଲ୍‌ଙ୍କ ଜନ୍ମଦାତ୍ରୀ। ବାରଦ୍ୱାର ବୁଲି ଭିକ ମାଗିପାରେ, ଛିଣ୍ଡା କୋତରା ପିନ୍ଧି ଲାଜ ଢାଙ୍କିପାରେ, ତା'ପ୍ରତି ସମାଜର କଟାକ୍ଷକୁ ବି ହଜମ୍ କରିପାରେ କିନ୍ତୁ କେବେ ଲୁହ ଗଡ଼ାଇ ପାରିବ ନାହିଁ। ସେ ବୀର ପ୍ରସବିନୀ। ସେ ତାଙ୍କ କୋଳ ପାଇଁ, ତାଙ୍କ ଜନ୍ମିତ ସନ୍ତାନ ପାଇଁ, ତାକୁ ଦେଇଥିବା ସଂସ୍କାର ପାଇଁ ଆଜି ବି ଗର୍ବ ଅନୁଭବ କରନ୍ତି। ସେ କେବେ କାନ୍ଦି ପାରିବେ ନାହିଁ। ନା କେବେ ନୁହେଁ। କେହି କାଳେ ଦେଖିଦେବ ବୋଲି ଛାନିଆଁ ହୋଇ ଆଖିର ଲୁହଧାରକୁ ଶାଢ଼ିକାନିରେ ପୋଛି ପକାଇ ଶିବ୍‌ଦା'ଙ୍କ ଆଡ଼କୁ ଚାହାନ୍ତି। ଶିବ୍‌ଦା' ମୁହଁ ତଳକୁ ପୋତି ବସିଥାନ୍ତି। ତାଙ୍କର ବି ଲୁହନାଳ ଏକାକାର। ଚିବୁକକୁ ହାତରେ ଟେକିଧରି ମା' କହନ୍ତି - "କ୍ରାନ୍ତିକାରୀ କେବେ ତଳକୁ ମୁହଁ ପୋତେନି ବେଟା। ସେ ସବୁ ପରିସ୍ଥିତିରେ ଆଗକୁ ଚାହେଁ ବୀର ଯୋଦ୍ଧା ଭଳି। ତୋ ସର୍ଦ୍ଦାର କ'ଣ ତୋତେ ଏତିକି ଶିଖାଇନି ? ସେ ତ ଆପଣା ବଳିଦାନ ଦେଇଦେଲା ମାତୃଭୂମିକୁ ପରାଧୀନତାର ଶିକୁଳିରୁ ମୁକୁଳାଇବାର ଲକ୍ଷ୍ୟରଖି। ଏବେ ତୋ କାନ୍ଧରେ ସେଇ ଗୁରୁ ଦାୟିତ୍ୱ। ବାହାଦୁର ମା'ର ବାହାଦୁର ବେଟା ତୁ। ତୋତେ ଲୁହ ଗଡ଼ାଇବା ପରା ମନା।" (ବନ୍ଦେ ମାତରମ୍)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ନଭେମ୍ବର, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଉଜା କବାଟ (୫୩)



# ନାରଦଙ୍କ ଭାରତ ଭ୍ରମଣ ପରେ...

ଡ. ରାଧାରଂଜନ ପଟ୍ଟନାୟକ

ତମାମ ବିଶ୍ୱର ଦେବତାମାନଙ୍କ ଦ୍ୱାରା ପଞ୍ଜିକୃତ ସର୍ବ ପ୍ରଥମ ସାମ୍ବାଦିକ ନାରଦ ମହାଶୟ ଭାରତ ଭ୍ରମଣ ପରେ ଭଗବାନ ବିଷ୍ଣୁଙ୍କ ଧାମରେ ପହଞ୍ଚିଲେ। ଚିରାଚରିତ ଭାବେ ନାରାୟଣ ନାରାୟଣ ମନ୍ତ୍ର ଜପ କରି ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ। ସ୍ୱୟଂ ଭଗବାନ ବିଷ୍ଣୁ ମଧ୍ୟ ସ୍ମିତ ହସି ପ୍ରଣାମ ସ୍ୱୀକାର କରି କହିଲେ, ଆସ ନାରଦ ! ଉପବେଶନ କର। କ'ଣ ତମେ ଭାରତରୁ ଟୁର ସାରି ଫେରିଆସିଲ।

ହଁ ପ୍ରଭୁ ଫେରି ଆସିଲି।

କେମିତି ରହିଲା ତୁମର ଟୁର୍ !

ପ୍ରଭୁ ! ଅଦ୍‌ଭୁତ। ପ୍ରଥମେ ତ ମୋ ମୁଣ୍ଡ ଘୂରାଇଲା ଶଙ୍କା ଓ ଆଶଂକାରେ। ମୁଁ ଭାରତକୁ ଆସିଛି ନା ଅନ୍ୟ କେଉଁ ଦେଶରେ ପହଞ୍ଚି ଯାଇଛି ଏମିତି କେତେ କ'ଣ ଭାବି ଭାବି। ମାତ୍ର ଯେମିତି ମୁଁ ରାସ୍ତାରେ ଲାଗିଥିବା ବଡ଼ ବଡ଼ ବୋର୍ଡ ପଢ଼ିଲି ବୁଝିଗଲି ଠିକ୍ ଜାଗାରେ ପହଞ୍ଚିଛି। ଏତକ କହିସାରିବା ପରେ ନାରଦ ଅନ୍ୟମନସ୍କ ଭାବେ ଏପାଖ ସେପାଖ ଦେଖିବାକୁ ଲାଗିଲେ। କିଛି ସମୟ ନିରବତା ପରେ ସେ କହିଉଠିଲେ, ପ୍ରଭୁ ! ଭାରତ ଆଜି ସଂପୂର୍ଣ୍ଣ ବଦଳି ଯାଇଛି। ଭାରତ ନାମ କେହି ନେଉନାହାଁନ୍ତି ବରଂ ଇଣ୍ଡିଆ ବୋଲି କହୁଛନ୍ତି।

ଭଗବାନ ବିଷ୍ଣୁ ନିଜ ସିଂହାସନ ଉପରୁ ଖୁବଜୋରରେ ହସିଲେ ଏବଂ କହିଲେ, "କାହିଁକି ଏମିତି ହୋଇଛି ? ବିସ୍ତାରି କୁହ ନାରଦ।" ନାରଦ ଉତ୍ତର ଦେଲେ - ହେ ପ୍ରଭୁ ! ଏରୋପ୍ଲେନ୍, ଟ୍ରାମ, ଟ୍ରେନ, ଏୟାରକଣ୍ଡିସନ୍ ବସ, ଆଦିଙ୍କର ଦ୍ରୁତ ଗତି ଦେଖି ଯେତିକି ଆଶ୍ଚର୍ଯ୍ୟ ହେଲି ସେତିକି ସ୍ତମ୍ଭିତ ବି ହେଲି। ଏମିତି ବି ଅନେକ ବାହାନ ଅଛି ଯେଉଁମାନଙ୍କ ନାମ ଉଚ୍ଚାରଣ କରିପାରୁନାହିଁ। ହେ ପ୍ରଭୁ ! ଇଣ୍ଡିଆରେ ବଡ଼ ବଡ଼ କଳକାରଖାନା, ଫେକ୍ଟ୍ରି, ଆଉ ଉଚ୍ଚା ଉଚ୍ଚା ଅଟ୍ଟାଳିକା ଦେଖି ମୋ ମଥାରୁ ପଗଡ଼ିବି ଖସିପଡ଼ିଲା। ଢେରସାରା ମୋଟର ଗାଡ଼ି, ସ୍କୁଟର, କାର, ମରସିଡିଜ୍ ଆଦି ଦେଖି ମୁଁ ଭୟଭୀତ ହୋଇଗଲି।

ହେ ପ୍ରଭୁ ! ମୁଁ ବୁଝିପାରୁନାହିଁ। ଭାରତରେ ଏତେ ପ୍ରକାର ଯାନବାହାନ ଅଛି; କିନ୍ତୁ ଆମ ପୁରରେ ଏମିତି କାହିଁକି ନାହିଁ ଯେ। ଆପଣଙ୍କୁ ଏହା ଶୁଣି ବିସ୍ମୟ ହେବେ ଯେ ଭାରତରେ ଯଦି କେହି ପାଦରେ ଚାଲି ଚାଲି ଯାଆନ୍ତି, ତେବେ ଅନେକ ଦୁର୍ଘଟଣା ବି ଘଟିପାରେ। ସେଇଥିପାଇଁ ସେଠିକାର ଲୋକମାନେ ମୋଟର ଗାଡ଼ିରେ ବୁଲି ନିଜକୁ ସୁରକ୍ଷିତ ମନେ କରୁଛନ୍ତି।

ନାରଦଙ୍କର ଏହି ବୃତ୍ତାନ୍ତ ଶୁଣି ଭଗବାନବିଷ୍ଣୁ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, ବତ୍ସ ନାରଦ ! ତୁମେ ତ ଭାରତର ବର୍ତ୍ତମାନର ପ୍ରଗତି କଥା ବର୍ଣ୍ଣନା କଲ। ଏବେ ମୋତେ କୁହ ଜ୍ଞାନ, ଭକ୍ତି ଏବଂ ବୈରାଗ୍ୟକୁ ନେଇ ସେଠିକାର ଲୋକ କେମିତି ଅଛନ୍ତି।

ନାରଦ ତତ୍‌କ୍ଷଣାତ୍ ଉତ୍ତର ଦେଲେ। ହେ ପ୍ରଭୁ ! ଇଣ୍ଡିଆର ଏସବୁ ହାଇଟେକ୍ ହୋଇଗଲାଣି।

ଭଗବାନ ବିଷ୍ଣୁ ଏହି ଶବ୍ଦଟିର ଅର୍ଥ ବୁଝିବାକୁ ଚେଷ୍ଟା କଲେ। କିନ୍ତୁ ପୁରାମାତ୍ରାରେ ବୁଝି ନ ପାରିବାରୁ ସେ କହିଲେ, ହେ ନାରଦ ! ତମର ଏଇ ବୁଲେଇ ବାଙ୍କେଇ କହିବାର ଅଭ୍ୟାସ ଗଲା ନାହିଁ। ତୁମେ ତ ଜାଣ ମୁଁ ଆଙ୍ଗ୍‌ଲୋ ଭାଷା ଜାଣେନାହିଁ।

ପ୍ରଭୁ ! ଆପଣ ଏମିତି କିପରି କଥା କହୁଛନ୍ତି ଯେ ! ଆପଣ ପରା ଅନ୍ତର୍ଯ୍ୟାମୀ ଏବଂ ବହୁ ଭାଷାବିତ୍। ମତେ ଏମିତି ଆପଣ ଥଟ୍ଟା କରନ୍ତୁ ନାହିଁ। ନାରଦଙ୍କ ପାଖରୁ ଏକଥା ଶୁଣି ଭଗବାନ ବିଷ୍ଣୁ ଖିଲି ଖିଲି ହସି କହିଲେ, ବତ୍ସ ନାରଦ ! ମୁଁ ବିଲକୁଲ୍ ସତ୍ୟ ପ୍ରକାଶ କରୁଛି।

ଆଚ୍ଛା, ଆପଣ କହୁଛନ୍ତି ଯେତେବେଳେ ମାନି ନେଉଛି। ହାଇଟେକ୍‌ର ଅର୍ଥ ପ୍ରତ୍ୟେକ କାଳର ଭବ୍ୟତା, ଉଚ୍ଚତା, ଅଧିକ ବଢ଼ି ବଢ଼ି ଯିବା ଏବଂ ଅତିକ୍ରମଣ କରିବା, ପୁରାରାଜକୀୟ ଠାଣିରେ ରହିବା।

ପ୍ରଭୁ ! ପ୍ରଥମେ ଜ୍ଞାନ ପାଇଁ ଗୁରୁଜନ ଅର୍ଥାତ୍ ଗୁରୁକୁଳକୁ ଯିବାକୁ ପଡୁଥିଲା। ଭକ୍ତି ପାଇଁ ବନ ଅଥବା ହିମାଳୟର ଶରଣ ନେବାକୁ ପଡୁଥିଲା। ଏବେ କିନ୍ତୁ ସବୁ ରେଡିମେଣ୍ଟ ମିଳି ଯାଉଛି ଗୋଟିଏ ଜାଗାରେ। ବୈରାଗ୍ୟର କଥା ଯେତେବେଳେ ଆସେ, ସେତେବେଳେ ଲୋକମାନେ କିମ୍ଭୁତକିମ୍ଭାକାର ଗେରୁଆ ବସ୍ତ୍ର ଧାରଣ କରିନିଅନ୍ତି। ଆଜ୍ଞା କ'ଣ କହିବି, ଏଇ ଭୋଳାନାଥଙ୍କ ଉପରେ ପାଣି ପକାଇବା ପାଇଁ ଯିବାବେଳେ ଅନେକ କାଉଁରୀଆ "ବୋଲ ବୋମ ବୋଲ ବୋମ" କହିବା ସହ ଅଶ୍ଳୀଳ ଭାଷା ମଧ୍ୟ ପ୍ରୟୋଗ କରିଥାନ୍ତି। କିଏ ଜିନ୍ସ ଟିସାର୍ଟ ପିନ୍ଧିଥାଏ ତ, ପୁଣି କିଏ ଚାକଚକ୍ୟର ପୋଷାକ। କେବଳ ସେତିକି ନୁହେଁ ନାରୀ ଭକ୍ତଙ୍କ କଥା କହିଲେ ନ ସରେ। ଅପରପକ୍ଷରେ ଆଜିକାଲି ଜ୍ଞାନ ଓ ଭକ୍ତିର ଚର୍ଚ୍ଚା ଏୟାରକଣ୍ଡିସନ ଘରେ କରାଯାଉଛି। କଥା, ପ୍ରବଚନ, କୀର୍ତ୍ତନ ଆଦି ସୁଦୃଶ୍ୟ ପ୍ୟାଣ୍ଡେଲରେ ଖୁବ୍ ଯାକଜକମରେ ପ୍ରସ୍ତୁତି ହେଉଛି। ଯେଉଁଠି ବଡ ବଡ ଟିଭି. କ୍ୟାମେରା ପଙ୍ଖା ଆଦି ଲାଗିଥାଏ। ଜ୍ଞାନ, ଭକ୍ତି ଓ ବୈରାଗ୍ୟର ଚର୍ଚ୍ଚା କରୁଥିବା ବ୍ୟକ୍ତି ବିଶେଷ ତଥା ବଡ଼ ବଡ଼ ସନ୍ଥମାନଙ୍କର ଭଳିକି ଭଳି ପୋଷ୍ଟର ବେନର ଏବଂ ବୋର୍ଡ ଆଦି ବେଶ୍ ଦୃଷ୍ଟି ଆକର୍ଷଣ କରୁଛି।

ସ୍ୱୟଂ ସନ୍ଥମହାତ୍ମାଙ୍କ ଜୀବନ ଖୁବ୍ ବିଳାସ ପୂର୍ଣ୍ଣ। ଚକଚକ କରୁଥିବା କାରରେ ଆସନ୍ତି ମହଙ୍ଗା ବସ୍ତ୍ର ଧାରଣ କରନ୍ତି। ଖୁବ୍ ଦାମିକା ଘଡି ପିନ୍ଧନ୍ତି। ସନ୍‌ଗ୍ଲାସ ଚଷମା ବି ଲଗାନ୍ତି। ସନ୍ଥମହାତ୍ମା ଆଜି ଭାରତରେ ବହୁ ବିତ୍ତଶାଳୀ ହୋଇଯାଇଛନ୍ତି। ଧନ ପିପାସା ଏଭଳି ବଢ଼ି ଯାଇଛିଯେ ତାଙ୍କ ଆଚରଣ ଓ ଉଚ୍ଚାରଣ ଭିତରେ ଆକାଶ ପାତାଳ ପ୍ରଭେଦ ମନେ ହେଉଛି।

ଆଚ୍ଛା ନାରଦ ଗୋଟିଏ କଥା କହିଲ, ପ୍ରକୃତରେ ସେଠିକାର ଲୋକମାନେ ମୋ ପ୍ରତି କେମିତି ଶ୍ରଦ୍ଧା ଓ ଭକ୍ତି କରନ୍ତି ? ବିଷ୍ଣୁ ଉତ୍‌କଣ୍ଠିତ ହୋଇ ପ୍ରଶ୍ନ କଲେ। ନାରଦ ଉତ୍ତର ଦେଇ କହିଲେ, ଆପଣଙ୍କ ପ୍ରତି ଶ୍ରଦ୍ଧା ବି ଅଛି, ଭକ୍ତି ବି ଅଛି କିନ୍ତୁ ତାହା ସକାମ। ପ୍ରଭୁ ! ଆଜି କ'ଣ ସତ୍ୟ ଯୁଗ ଅଛି, ନା ତ୍ରେତୟା ଯୁଗ ଅଛି, ନା ଦ୍ୱାପର ଯୁଗ ଅଛି। ବର୍ତ୍ତମାନ 'କଳି ଯୁଗ'। ଯାହାକୁ ମେସିନ୍‌ର ଯୁଗ କୁହାଯାଉଛି। ମେସିନ୍‌ର ଗୋଟିଏ ସ୍ପଷ୍ଟ ଉଦ୍ଦେଶ୍ୟ ରହିଥାଏ। ଅର୍ଥାତ୍ କେଉଁ କାର୍ଯ୍ୟକଲେ କେତେ ଫଳ ମିଳିବ। ଅର୍ଥାତ୍ କାର୍ଯ୍ୟ ଓ ପରିଣାମ ଦୃଷ୍ଟିରେ ରଖି ମନୁଷ୍ୟ ମଧ୍ୟ ମେସିନ ପରି କାମ କରୁଛି। ପୁଣି ନାରଦ କହିଲେ, କେହି ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରୁନାହାନ୍ତି।

ନାରଦଙ୍କର ଏତାଦୃଶ ବଚନ ଶୁଣି ଭଗବାନ ବିଷ୍ଣୁ ଗହନ ଚିନ୍ତାରେ ବୁଡ଼ିଗଲେ। କିଛି ସମୟ ପରେ ସେ କହିଲେ, ବତ୍ସ ନାରଦ ! ତୁମର ଏହି ଯାତ୍ରାର ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଭାରତ ଖୁବ୍ ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଛି। ଏହି ପରିବର୍ତ୍ତନର ବଳୟ ଭିତରେ ଧର୍ମ, ଈଶ୍ୱର, ସଂସ୍କୃତି ଏବଂ ମାନବୀୟ ମୂଲ୍ୟର କ'ଣ ଯେ ଦଶା ହେବ କହିହେବ ନାହିଁ।

ନାରଦ ପୁଣି କହିଲେ, ହେ ପ୍ରଭୁ ! ଦେବତାଙ୍କ ଦର୍ଶନ ପାଇଁ ବର୍ତ୍ତମାନ ଆଧାର କାର୍ଡ ବି ଆବଶ୍ୟକ ହେଉଛି। ବିନା ଆଧାର କାର୍ଡରେ କୌଣସି ଦେବଦେବୀଙ୍କୁ ଦର୍ଶନ କରିହେଉନାହିଁ। ଭବ୍ୟ ମନ୍ଦିର ତିଆରି କରି ଟ୍ରଷ୍ଟ କରିଥିବା ବ୍ୟକ୍ତିମାନେ ବିଚରା ଭକ୍ତମାନଙ୍କ ଠାରୁ ପ୍ରଚୁର ଅର୍ଥ ଲୁଟି ଥାନ୍ତି। ତେଣୁ ଭାରତର ଭକ୍ତିଯୋଗର କଥା କ'ଣ ଯେ କହିବି ବୁଝିପାରୁନାହିଁ। କିନ୍ତୁ ଏହା ସର୍ବଜନ ସ୍ୱୀକୃତ ଯେ ଯେତେ ପର୍ଯ୍ୟନ୍ତ ଆପଣଙ୍କର କୃପା ଦୃଷ୍ଟି ରହିଥିବ, ସେତେ ପର୍ଯ୍ୟନ୍ତ ସବୁକିଛି ଭଲ ଚାଲିଥିବ। ଏହା ଶୁଣି ଭଗବାନ ବିଷ୍ଣୁ ସାମାନ୍ୟ ହସି ଦେଲେ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ: ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୬



# ନିଉୟର୍କ, ଷ୍ଟାଚ୍ୟୁ ଅଫ୍ ଲିବର୍ଟି

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ମା' ତ ସବୁଠି ଏକ,
ଯାହା ଖାଲି ନାଁ ର ଭିନ୍ନତା
ମାଟି ତ ସବୁଠି ଏକ,
ଯାହା ଖାଲି ସ୍ଥାନର ଭିନ୍ନତା।"

ବିଦେଶର ମାଟି, ପାଣି, ପବନ ଓ ଆକାଶ ଆଉ ଆମ ଦେଶର ମାଟି, ପାଣି, ପବନ ଭିତରେ ବିଶେଷ କିଛି ଫରକ ନାହିଁ। ଲୋକମାନଙ୍କର ଚାଲିଚଳନରେ ବିଭିନ୍ନ ଦେଶର ସଭ୍ୟତାରେ ତଥା ଶିକ୍ଷା ଓ ବିଜ୍ଞାନର ଚମତ୍କାରିତାରେ ହିଁ ଫରକ ରହିଛି, ଯେଉଁଠିକି ବି ଗଲେ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ, ସେ ସଂସ୍କୃତି ଭିତରେ ନିଜକୁ ହଜାଇ ଦେବା ଏବଂ ତାରି ଭିତରେ ଭିନ୍ନ ସଂସ୍କୃତିର ପାଚେରୀଟିଏ ଠିଆ ନ କରାଇ ମିଶିଯିବା ହିଁ ପ୍ରକୃତ ବୁଦ୍ଧିମାନର କାର୍ଯ୍ୟ। ତେଣୁ ଆମେ ସମସ୍ତେ ଖୁବ୍ ଆନନ୍ଦର ସହ ସକାଳୁ ସକାଳୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଦେଖିବାକୁ ବାହାରି ପଡିଲୁ।

ନିଉୟର୍କରେ ଥିବା ସମସ୍ତ ମନୁମେଣ୍ଟ ମଧ୍ୟରୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ସ୍ଥାପତ୍ୟ ଅନନ୍ୟ ଏବଂ ତାକୁ ଦେଖିବାର ଆକର୍ଷଣ ମଧ୍ୟ ଅଦମନୀୟ। ତେଣୁ ସଙ୍ଗେ ସଙ୍ଗେ ପୁଅ ସିଦ୍ଧାର୍ଥ ସେଠିକି ଯିବା ପାଇଁ ନକ୍‌ସା ପ୍ରସ୍ତୁତ କଲା। ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନାଁ କହିଲା ମାତ୍ରେ ତା ସାଙ୍ଗରେ ଓତଃପ୍ରୋତଃ ହୋଇ ଜଡିତ ଥିବା କେତୋଟି ପ୍ରଶ୍ନ ଆଖି ଆଗରେ ଭାସିଉଠେ। ଏହି ପ୍ରତିମୂର୍ତ୍ତିଟି କଣ, କେବେ ତିଆରି ହୋଇଥିଲା, କିଏ ଏହାକୁ କରିଥିଲା, ପ୍ରତିମୂର୍ତ୍ତି ତାଙ୍କ ଡାହାଣ ହାତରେ କଣ ଧରିଛନ୍ତି ଏବଂ ଏହା କାହିଁକି ଏତେ ପ୍ରସିଦ୍ଧି ଆଦି କେତୋଟି ପ୍ରଶ୍ନ ସ୍ୱୟଂ ଆଖି ଆଗରେ ଭାସିଉଠେ।

ଏହି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନିଉୟର୍କ ବେ' ବା ଉପସାଗର ଭିତରେ ଥିବା ଲିବର୍ଟି ଦ୍ୱୀପରେ ଅବସ୍ଥିତ। ଏହା ଯୁକ୍ତରାଷ୍ଟ୍ର ଆମେରିକା ଓ ଫ୍ରାନ୍ସ ଭିତରେ ଥିବା ବନ୍ଧୁତ୍ୱର ସ୍ମୃତି ରକ୍ଷା ପାଇଁ କରାଯାଇଥିଲା। ଏହା ୩୦୫ ଫୁଟ ଉଚ୍ଚର ଗୋଟିଏ, ମହିଳାଙ୍କର ପ୍ରତିମୂର୍ତ୍ତି, ଯିଏ ଡାହାଣ ହାତରେ ଗୋଟିଏ ଟର୍ଚ୍ଚ ଧାରଣ କରିଛନ୍ତି, ଯେଉଁ ଟର୍ଚ୍ଚ ଲମ୍ବ ୨୫ ଫୁଟ। ଏହା

> ନିଉୟର୍କରେ ଥିବା ସମସ୍ତ ମନୁମେଣ୍ଟ ମଧ୍ୟରୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ସ୍ଥାପତ୍ୟ ଅନନ୍ୟ ଏବଂ ତାକୁ ଦେଖିବାର ଆକର୍ଷଣ ମଧ୍ୟ ଅଦମନୀୟ। ତେଣୁ ସଙ୍ଗେ ସଙ୍ଗେ ପୁଅ ସିଦ୍ଧାର୍ଥ ସେଠିକି ଯିବା ପାଇଁ ନକ୍‌ସା ପ୍ରସ୍ତୁତ କଲା। ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନାଁ କହିଲା ମାତ୍ରେ ତା ସାଙ୍ଗରେ ଓତଃପ୍ରୋତଃ ହୋଇ ଜଡିତ ଥିବା କେତୋଟି ପ୍ରଶ୍ନ ଆଖି ଆଗରେ ଭାସିଉଠେ। ଏହି ପ୍ରତିମୂର୍ତ୍ତିଟି କଣ , କେବେ ତିଆରି ହୋଇଥିଲା, କିଏ ଏହାକୁ କରିଥିଲା, ପ୍ରତିମୂର୍ତ୍ତି ତାଙ୍କ ଡାହାଣ ହାତରେ କଣ ଧରିଛନ୍ତି ଏବଂ ଏହା କାହିଁକି ଏତେ ପ୍ରସିଦ୍ଧି ଆଦି କେତୋଟି ପ୍ରଶ୍ନ ସ୍ୱୟଂ ଆଖି ଆଗରେ ଭାସିଉଠେ।


ଆମେରିକାନ୍ ଓ ଫ୍ରେଞ୍ଚ ଉଭୟ କାରିଗରଙ୍କର ମିଳିତ ସମନ୍ୱୟରେ ଏହା ତିଆରି ହୋଇଥିଲା।

ଏହି ତମ୍ବାର ପ୍ରତିମୂର୍ତ୍ତି ଫ୍ରାନ୍ସର ଯୁକ୍ତରାଷ୍ଟ୍ର ଆମେରିକାକୁ ଏକ ଉପହାର। ଫ୍ରାନ୍ସର କାରିଗର ଫ୍ରେଡେରିକ୍ ଅଗଷ୍ଟି ବାର୍ଥୋଲି ଓ ଆମେରିକାନ୍ କାରିଗର ଗୁସ୍ତେଭ ଆଇଫେଲଙ୍କର ମିଳିତ ଉଦ୍ୟମରେ ତିଆରି ହୋଇଥିଲା। ଆମେ ଫେରି ଜାହାଜରେ ବସିବା ମାତ୍ରେ ଜାହାଜ ଯାତ୍ରା ଆରମ୍ଭ କଲା ଲିବର୍ଟି ଆଇଲ୍ୟାଣ୍ଡକୁ। ଆମେ ଲିବର୍ଟି ଆଇଲ୍ୟାଣ୍ଡରେ ଓହ୍ଲାଇ ଟିକଟ କାଟିଲୁ ଏବଂ ଷ୍ଟାଚ୍ୟୁ ଅଫ ଲିବର୍ଟି ପାଖରେ ପହଞ୍ଚିଲା ବେଳକୁ ପ୍ରତିମୂର୍ତ୍ତିଟି ବୀରାଂଗନା ପରି ପ୍ରତୀୟମାନ ହେଉଥିଲେ। ନାରୀମୂର୍ତ୍ତି ଡାହାଣ ହାତଟିକୁ ଉପରକୁ ଉଠାଇ ଗୋଟିଏ ବିରାଟ ଟର୍ଚ୍ଚ ଧରିବାର ଦେଖାଯାଇଥିଲା। ମୂର୍ତ୍ତିର ଉଚ୍ଚତା ୧୫୧ଫୁଟ ୧ଇଂଚ ହେଲାବେଳେ, ପେଡେଷ୍ଟାଲ ଠାରୁ ପାଦପୀଠ ଯାଏଁ ଉଚ୍ଚତା ୩୦୫ ଫୁଟ। ନିଉୟର୍କରେ ଏହାର ଅଫିସିଆଲ ନାଁ ହେଉଛି ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ଯାହା ସାରା ପୃଥିବୀକୁ ଆଲୋକିତ କରୁଛି। ଖୁବ୍ ଉଚ୍ଚ ହୋଇଥିବାରୁ ଆମେ ଦୀପପୀଠ (ପେଡେଷ୍ଟାଲ) ଉପରେ ଚଢି ପ୍ରତିମୂର୍ତ୍ତି ପାଖକୁ ଯିବାର ଆଶା ପରିତ୍ୟାଗ କଲୁ। ସେଠିକି ଯାଇ ଜାଣିଲୁ ପ୍ରତିମୂର୍ତ୍ତିର ଇତିହାସ। ୧୮୮୬ରେ ଆମରେିକା ପ୍ରେସିଡେଣ୍ଟ ଗ୍ରୋଭର କ୍ଲିଭଲ୍ୟାଣ୍ଡ ଯିଏ କି 'ସେରିମୋନି ଅଫ୍ ଡେଡିକେସନ୍'ରେ ସଭାପତି ହୋଇଥିଲେ ଏବଂ ଗୋଟିଏ ପ୍ରସେସନ୍‌ର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। 'ସେରିମୋନି ଅଫ୍ ଡେଡିକେସନ୍' ସଭାରେ ପ୍ରାୟ ଲକ୍ଷ ଲକ୍ଷ ଆମେରିକା ଓ ଫ୍ରାନ୍ସ ବାସୀ ଏହାକୁ ସଦର୍ଶନ କରିଥିଲେ। ଏହା ମାଡିଶନ୍ ଠାରୁ ମ୍ୟାନ୍ ହାଟେନ୍ ଯାଏ ଲମ୍ବି ଯାଇଥିଲା। ସେତିକି ବେଳେ ତାଙ୍କର ସାରଗର୍ଭକ ଭାଷଣରେ ପ୍ରେସିଡେଣ୍ଟ କ୍ଲିଭଲ୍ୟାଣ୍ଡ ସାରା ଆମରେିକାବାସୀଙ୍କୁ କହିଥିଲେ ଯେ ନାରୀ ପ୍ରତିମୂର୍ତ୍ତିଙ୍କର ହାତରେ ଧରିଥିବା ଟର୍ଚ୍ଚର ଆଲୋକ ହିଁ ପୃଥିବୀରୁ ସବୁ ଅନ୍ଧକାରକୁ ଦୂର କରି ଆଶା ଓ ଆଶ୍ୱାସନା ଏବଂ ସ୍ୱାଧୀନତାର ଆଲୋକ ରଶ୍ମୀ ଭରିଦେବ।

ସବୁ ବୁଲି ସାରିବା ପରେ ଫେରି ଜାହାଜରେ ଲିବର୍ଟି ଆଇଲ୍ୟାଣ୍ଡ ତଥା ଏଲିସ୍ ଆଇଲ୍ୟାଣ୍ଡ ଦେଖି ପୁଣି ମ୍ୟାନ୍ ହ୍ୟାଟେନ୍‌କୁ ଫେରି ଆସିଲୁ। କିନ୍ତୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଭଳି ଏକ ଉନ୍ନତ ପ୍ରତିମୂର୍ତ୍ତି ଦେଖିଲା ବେଳେ ଶୁଭୁଥିଲା ତାକୁ ଗଢିଥିବା ଶିଳ୍ପୀ ଓ କାରିଗରମାନଙ୍କର ମଧୁର ପ୍ରତିଧ୍ୱନି ଯାହା ମୂର୍ତ୍ତିକୁ ଭେଦ କରି ପ୍ରତ୍ୟେକ ଦର୍ଶକମାନଙ୍କର ହୃଦୟରେ ପ୍ରତିଧ୍ୱନିତ ହେଉଥିଲା। ସେଠି ମଝିରେ ମଝିରେ ଅଳ୍ପ ଅଳ୍ପ ବର୍ଷା ହେଉଥିଲା। ମତେ ଲାଗିଲା ବର୍ଷାତ ନୁହେଁ, ଶିଳ୍ପୀମାନଙ୍କର ନିହାଣର ମୁନ ଯେମିତି ବର୍ଷାର ନିଃଶବ୍ଦସ୍ୱର ହୋଇ ମୋ ଭିତରେ ଧୀରେ ଧୀରେ ଝରିଯାଉଛି ଏବଂ ଆମ ସମସ୍ତଙ୍କ ହୃଦୟରେ ତାର ନିଝୁମ ସ୍ୱର ରିମ୍ ଝିମ୍ ବର୍ଷା ହୋଇ ବର୍ଷି ଯାଉଛି। (କ୍ରମଶଃ)


## ସ୍ମରଣୀୟେଷୁ...

# ନୋବେଲ ବିଜେତା ପ୍ରଫେସର ସି.ଭି ରମଣ



> ସି.ଭି ରମଣ ଯଦି ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି, ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା

ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା ? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍‌ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଳେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଉବଜାର ଷ୍ଟ୍ରିଟ୍‌ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁ ଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍‌ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍‌ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ, ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ୍ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ, ବୈଜ୍ଞାନିକ ହିସାବରେ ସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ସି.ଭି ରମଣ ଯଦି ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି, ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ" ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ। ୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍‌ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ। ୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ" ସ୍ଥାପିତ ହୋଇଥିଲା, ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ, ୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍, ୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୂର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।




ଆଲେଖ୍ୟ: ପ୍ରଦୀପ୍ତ ଆଚାର୍ଯ୍ୟ
♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ।
(ମୋ) ୬୩୭୧୫୯୩୨୨୦

# ରୋଗ ଆକ୍ରାନ୍ତ ଯୁବକର ମୃତ୍ୟୁ

ବସ୍ତା, ୦୬।୧୧(ନିପ୍ର) ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ମସଡା ଗ୍ରାମର ବନ ବିହାରି ମହାନ୍ତିଙ୍କର ପୁତ୍ର ଆଜି ମୃତ୍ୟୁଯୁବରଣ କରିଛି । ସୂଚନାରୁ ଜଣାପଡିଛି. ଦିର୍ଘଦିନଧରି ପ୍ରଣବ ମହାନ୍ତି (୪୯) କିଡନି ରୋଗରେ ଆକ୍ରାନ୍ତହୋଇ ଚିକିତ୍ସିତ ଅବସ୍ଥାରେ ଥିଲେ । ତାଙ୍କ ସ୍ତ୍ରୀ ପ୍ରତିଭା ମହାପାତ୍ର ୭ଦିନକୁ ଥରେ ବ୍ଲଡ ଡାଇଲୋସିସ ପାଇଁ ବାଲେଶ୍ୱର ବଡ ଡାକ୍ତରଖାନା କୁ ନେଉଥିବା ବେଳେ ଆଜି ମଧ୍ୟ ନେଇଥିଲେ । ହେଲେ ଚିକିତ୍ସାଧିନ ଅବସ୍ଥାରେ ପ୍ରଣବର ମୃତ୍ୟୁ ଘଟିଥିଲା । ଖବର ପ୍ରଚାରିତ ହେବାପରେ ଉକ୍ତ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ତାଙ୍କ ଶେଷଦର୍ଶନ ପାଇଁ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତ ଉପସ୍ଥିତ ହୋଇଥିଲେ । ମଥାନୀପଞ୍ଚାୟତ ର ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ମହାପାତ୍ର, ସ୍ମୀତା ରାଣୀ ମହାପାତ୍ର ବନ୍ଧୁ ବାନ୍ଧବ ମହାନ୍ତି ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

# ଅବିବାହିତା ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ



ବସ୍ତା, ୦୬/୧୧ (ନିପ୍ର) ବସ୍ତା ଥାନାର ମଧୁଭଣ୍ଡା ଗ୍ରାମ ରେ କାଶିନାଥ ବେହେରାଙ୍କ ଝିଅ ଗୀତାଞ୍ଜଳୀ ବେହେରା ବୟସ ୩୫ ଗତକାଲି ରାତି ୯-୫୦ ସମୟରେ ଗୋରୁ ପାଇ କୁଟାଗାଦୀ କୁଟା କାଢିବା ସମୟରେ ହଠାତ ବିଷ ଧର ସାପ ଚୋଟ ମାରିଥିଲା ସଙ୍ଗେ ସଙ୍ଗେ ପରିବାର ଲୋକ ନିକସ୍ଥ ବସ୍ତା ଡାକ୍ତର ଖାନା ଆଣିଥିଲେ ତାଙ୍କ ଶରୀର ଅବସ୍ଥା ଖରାପ ହେବା ଜାଣି ଡାକ୍ତର ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଆଜି ଚିକିତ୍ସା ହୋଉଥିବା ସମୟ ଦିନ ୧୨,୩୫ତାକ୍ତର ମୃତ୍ୟୁ ହୋଇଯାଇଛି ।

# 'ଭାଷା ସାହିତ୍ୟ ଜୀବନର ଏକ ଅଂଶ ବିଶେଷ'

## ପୁଣି ଥରେ ବାରିପଦାରୁ ପ୍ରକାଶ ପାଇବ ସାହିତ୍ୟ ପତ୍ରିକା ଶଙ୍ଖ



ବାରିପଦା,୦୬/୧୧ (ନି.ପ୍ର): ପୁଣି ଥରେ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନର ନବ ପର୍ବ ଆରମ୍ଭ ହେବ । ଦୀର୍ଘ ୧୪ବର୍ଷ ଧରି ବନ୍ଦ ହୋଇ ଯାଇଥିବା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ବାର୍ତ୍ତାବହ ଶଙ୍ଖ ପତ୍ରିକା ବାରିପଦାରୁ ପ୍ରକାଶ ପାଇବ । ଖୁବ୍ ଶୀଘ୍ର ଏହାର ପ୍ରକାଶନ ଆରମ୍ଭ ହେବାକୁ ଯାଉଛି ବୋଲି ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନର ବନ୍ଧୁ ମିଳନ ଉତ୍ସବରେ ଘୋଷଣା କରାଯାଇଛି । ୧୯୯୪ ମସିହା ପବିତ୍ର ଶ୍ରୀରାମ ନବମୀରେ ସ୍ୱର୍ଗତଃ ସନ୍ତୋଷ କୁମାର ଚୌଧୁରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ୨୦୦୭ରେ ଧିମେଇ ଯାଇଥିବା ବେଳେ ପୁଣି ଥରେ ଏହାର ପୁନଃ ପ୍ରକାଶନ ପାଇଁ ସ୍ୱର୍ଗତଃ ଚୌଧୁରୀଙ୍କ ସାନଭାଇ ସଞ୍ଜୟ କୁମାର ଚୌଧୁରୀ ମଙ୍ଗ ଧରିଛନ୍ତି । ପୁଣି ଥରେ ଦୀର୍ଘ ୧୪ବର୍ଷ ପରେ ଶୁଭଶଙ୍ଖ ବାଜି ଉଠିବ । ଇତିହାସକୁ ଦୋହରାଇ ଶଙ୍ଖ ପତ୍ରିକାର ପୁନରାବୃତ୍ତି ହେବାକୁ ନେଇ ସମସ୍ତେ ସ୍ୱାଗତ କରିଛନ୍ତି । ପବିତ୍ର ଶୁଭ ଦୀପାବଳୀ ଅବସରରେ ସ୍ଥାନୀୟ ଷ୍ଟେସନବଜାର ସ୍ଥିତ ହନୁମାନଜୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ବନ୍ଧୁ ମିଳନ ଉତ୍ସବରେ ପ୍ରଥମେ ହନୁମାନଜୀଙ୍କ ପୂଜା ଅର୍ଚ୍ଚନା ସହିତ ସାମୁହିକ ପ୍ରଦୀପ ପ୍ରଜ୍ୱଳନ ଏବଂ ହନୁମାନ ଚାଳିଶା ପାଠ ପରେ 'ସମାଜ କଲ୍ୟାଣରେ ସାହିତ୍ୟ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଡଃ ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଡଃ କିଶୋର କୁମାର ବଶା, ମୁଖ୍ୟବକ୍ତା ଭାବରେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ଡଃ ଆଦିତ୍ୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ସମାଜସେବୀ ମୁରାରୀ ଶର୍ମା ଏବଂ ସମ୍ମାନିତ ବକ୍ତା ଭାବରେ ଶିକ୍ଷାବିତ୍ ଡଃ ଶ୍ୟାମ ସୁନ୍ଦର ଦାସ ଯୋଗ ଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଭାଷା ସାହିତ୍ୟ ଜୀବନର ଏକ ଅଂଶ ବିଶେଷ ବୋଲି କହିଥିବା ବେଳେ ସାହିତ୍ୟ ବିନା ସଂସ୍କୃତି କେବେ ସମୃଦ୍ଧ ହୋଇ ନ ପାରେ । ତେଣୁ ଭାଷା ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ସୀମା ସରହଦ ଭିତରେ ସୀମିତ ନ ରଖି ଏହାର ପରିବ୍ୟାପ୍ତି ପାଇଁ ଏବଂ ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବ୍ୟକ୍ତି ଯଥାସମ୍ଭବ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ । ଧିରେ ଧିରେ ପୁସ୍ତକ ଓ ପତ୍ର ପତ୍ରିକା ପ୍ରତି ପଠନ ରଚି କମିଯାଉଥିବା ବେଳେ ଡିଜିଟାଲ ଇଣ୍ଡିଆ ଯୁଗରେ ଆମେ ଇଣ୍ଟର ନେଟ ଓ ଗୁଗୁଲ ପ୍ରତି ଅଧିକ ନିର୍ଭରଶୀଳ ହୋଇ ପଡୁଛୁ । ଫଳରେ ସେହି ଅନୁଯାୟୀ ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ କମିଯାଉଛି । ପାଠକ ସଂଖ୍ୟା କମିଯାଉଥିବାରୁ ଭାଷା ସାହିତ୍ୟର ଯେଉଁ କ୍ରମବିକାଶ ହେବା କଥା ତାହା ସମ୍ଭବ ହୋଇ ପାରୁନାହିଁ ବୋଲି କ୍ଷୋଭ ପ୍ରକାଶ ମଧ୍ୟ କରିଥିଲେ । ରମେଶ ଚନ୍ଦ୍ର ପଣ୍ଡା, ଦାନଶ୍ରୀ ମହାପାତ୍ର, ଡଃ ମୋହିତ ଷଡଙ୍ଗୀ, ବାସନ୍ତୀଲତା ମହାପାତ୍ର, ସୁନୀଲ ଜେନା ଏବଂ ଉଷା ଶତପଥୀ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ 'ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ'ର ସ୍ମୃତିଚାରଣ କରିଥିଲେ । ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସହିତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାରସ୍ୱତ ସାଧକ ଯୋଗଦେଇ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ସୟଦ ବୁଖାରୀ ସାହା କାଦ୍ରୀ ବାବାଙ୍କ ବାର୍ଷିକ ଜଲସା



ବାଲିଆପାଳ,୦୬/୧୧ (ନି.ପ୍ର): ବାଲିଆପାଳ ବ୍ଲକ ମେଣ୍ଡାପଡା ଗ୍ରାମରେ ସଂଖ୍ୟାଲଘୁ ସଂପ୍ରଦାୟର ସୟଦ ବୁଖାରୀ ସାହା କାଦ୍ରୀ ବାବାଙ୍କ ବାର୍ଷିକ ଉତ୍ସବ ଓ ଜଲସା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲିଆପାଳ ପଂଚାୟତ ସମିତି ଅଧକ୍ଷ ବିଜନ ନାୟକ ,ଯୁବନେତା ଶାନ୍ତନୁ ପାଢୀ,ସୁବାସ ବେହେରା,ପୂର୍ବତନ ସରପଂଚ ଶିବପ୍ରସାଦ ଜେନା,ସମ୍ବାଦଦାତା ଶାନ୍ତନୁ ମହାପାତ୍ର,ଗଦାଧର ଜେନା.ଉମେଶ ନାୟକ,ଅମର ପରିଡା ପ୍ରମୁଖ ଯୋଗ ଦେଇ ଜଲସା କାର୍ଯ୍ୟକ୍ରମର ମହନୀୟତା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ସେକ ଇସ୍ରାଇଲ ଅଧକ୍ଷତା କରିଥିଲେ । ସେକ ନାସିରୁଦ୍ଦିନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସେହି ସଂପ୍ରଦାୟର ସେକ ରଞ୍ଜଓ, ଆଇସାନ, କଟ, ଜାକିର, ଲିୟାକତ ଅଲ୍ଲୀ, ରିଆସଦ, ସୟଦୁ, ରାମତାନୀ, ବାଗରା, ରିଆସୁଦିନ, ନାସିର ଅଲ୍ଲୀ, ରକିମୁଦିନ, ନେସା,କୌଶର, ସମିର, ବବି, ରଫିତ, ହସେନ, ଗୟାସୁଦିନ, ତଫାନୀ, ଇସ୍ରାଇଲ ସାହା, ଏନାମ, ସେକ ଆବାସ ପ୍ରମୁଖ ସହଯୋଗ କରିଥିଲେ ।

# ବ୍ଲକ ଛକ ବାଣ ବିସ୍ଫୋରଣରେ ସଂପୃକ୍ତ ୪ ଅଭିଯୁକ୍ତ ଗିରଫ

ବାଲିଆପାଳ,୦୬/୧୧ (ନି.ପ୍ର): ୧୯୯୫ ମସିହା ବାଲିଆପାଳ ବ୍ଲକଛକ ବାଣ ବିସ୍ଫୋରଣରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ପୁଲିସ ସେମାନଙ୍କ ଘର ଉପରେ ଅଚାନକ ଚଢାଉ କରି ଗିରଫ କରିଛି । ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ବଡ ସିମୁଳିଆ ଗ୍ରାମର ଜଗନ୍ନାଥ ରାଉଳ, ସରୋଜ ଜେନା, ସୁଶାନ୍ତ ପ୍ରମାଣିକ ଓ ପଂଚାନନ ମୁଖୀ । ସୂଚନା ମୁତାବକ ଅଭିଯୁକ୍ତମାନେ ଦୀପାବଳୀ ଓ କାଳିପୂଜା ଅବସରରେ ଏକ ଘରୋଇ ବସରେ ସ୍ଥାନୀୟ ବଜାରରେ ବାଣ ବିକ୍ରି କରିବା ପାଇଁ ପେଟିରେ ବାଣ ନେଇଆସୁଥିଲେ । ବସଟି ବ୍ଲକ ଛକରେ ପହଂଚିବା ପରେ ଏକ ରିକ୍ସା ଚାଳକ ବାଣ ପେଟି ଗୁଡିକୁ ରିକ୍ସାକୁ ନେଉଥିବା ବେଳେ କେତୋଟି ପେଟି ବସରୁ ତଳେ ପଡିଯାଇଥିଲା । ଫଳରେ ଘଟଣା ସ୍ଥଳରେ ଏକ ବଡ ଧରଣର ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣ ଯୋଗୁଁ ରିକ୍ସା ଚାଳକର ସେଠାରେ ମୃତ୍ୟୁ ହୋଇଥିଲା । ଅଭିଯୁକ୍ତମାନେ ଜାମିନରେ ଆସି ଆଉ କୋର୍ଟରେ ହାଜର ହେଉନଥିଲେ । ସେମାନଙ୍କ ନାମରେ ୱାରେଂଟ ବାହାରିବା ପରେ ବାଲିଆପାଳ ପୁଲିସ ସେମାନଙ୍କୁ ଉଠାଇ କୋର୍ଟ ଚାଲାଣ କରିଛି ।

# ବଡ଼ମେଡ଼ିକାଲରେ ଭଙ୍ଗାରୁଜା ଘଟଣା, ୩ ଗିରଫ

ପୁରୀ,୦୬/୧୧ (ନି.ପ୍ର): ସଦର ମୁଖ୍ୟ ଚିକିତ୍ସାଳୟର କର୍ମଚାରୀଙ୍କୁ ମାଡ଼ ମାରିବା ଓ ମେଡ଼ିକାଲରେ ଭଙ୍ଗାରୁଜା ଘଟଣାରେ କୁମ୍ଭାରପଡ଼ା ଥାନା ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫଅଭିଯୁକ୍ତମାନେହେଲେ ଶୀତଳପିଣ୍ଡା ଲେନ୍ର ପ୍ରଥ୍ୱୀରାଜ ଦାଶ(୨୦),ନବକଳେବର ରୋଡ଼ ଗୋଛାୟତ ବଗିଚାର ରୁଦ୍ର ପ୍ରସାଦ ଦାସ(୨୫) ଓ ବଉଳମଠଲେନ୍ର ପବିତ୍ର କୁମାର ଦାସ(୨୭) । ଦୀପାଳୀଦାସଙ୍କ ଅଭିଯୋଗକୁ ଭିତ୍ତିକରି କୁମ୍ଭାପଡ଼ା ଥାନାରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍ର ୨୯୪, ୪୨୭, ୩୫୩, ୩୩୨,୫୦୬,୩୪ ଓ ପିଡ଼ିପିପି ଆକ୍ଟରେ ୪୨୧/୨୧ମାମଲା ରୁଜୁ କରି ଗିରଫ ପରେ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ....

ସତ୍ୟତା ଓ ସୂକ୍ଷ୍ମ ଜଗତର ସତ୍ୟତା ରୂପାୟିତ ହୋଇ ପାଠକର ନିକଟବର୍ତ୍ତି ହୋଇଥିବାର ଯଥାର୍ଥତା ଦର୍ଶାଇଥିଲେ । ସ୍ନାତକୋତର ପରିଷଦର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଅନୀଲ କୁମାର ମହାପାତ୍ର ସାମ୍ପ୍ରତିକ ସମୟରେ ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ଏକ ଅଭିନବ ଯୋଜନା ବୋଲି ମତ ଦେଇଥିଲେ । ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଦେବାଶିଷ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରଫେସର ମେହେର ତାଙ୍କ ଅଧକ୍ଷୀୟ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ସବୁ ବିଷୟର ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ଯୋଗଦାନ ସେମାନଙ୍କର ଜୀବନ ନିର୍ମାଣରେ ଉପକାରକ ହୋଇ ପାରିବ ବୋଲି କହିଥିଲେ । ବିଭାଗର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଭିତି ସଙ୍ଗୀତ ଗାନ କରିଥିଲେ । ପାଠଚକ୍ରର ସମ୍ପାଦକ ବାବୁଲୁ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ଓ ସାହିତ୍ୟ ଅନୁରାଗୀ ବ୍ୟକ୍ତି ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ....

ରାଜ୍ୟର ୩୧୪ ସ୍ଥାନରେ କୁଶପୁତ୍ତଳିକା ଦାହ କରିବାକୁ ଯୋଜନା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ଘେରିବାକୁ ବିଜେପି ରଣନୀତି କରୁଛି । ହେଲେ ରାଜ୍ୟ ବିଜେପିର ପୋଷ୍ଟର ବଏ କୁହାଯାଉଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ଏହି ମାମଲାରେ ନୀରବତା ଅବଲମ୍ବନ କରିବା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି । କେବଳ ଗୋଟିଏ ଟ୍ୱିଟ୍ ଛାଡିଦେଲେ ଆଉ କୌଣସି ବୟାନ ବି ଦେଇନାହାନ୍ତି କେନ୍ଦ୍ରମନ୍ତ୍ରୀ । ଏପଟେ କଂଗ୍ରେସ ମଧ ଦିବ୍ୟଶଙ୍କରଙ୍କ ବହିଷ୍କାର ଦାବିକୁ ଜୋରଦାର କରିଛି । ନହେଲେ ତଦନ୍ତରେ ସ୍ୱଚ୍ଛତା ଆସିବ ନାହିଁ । ମାମଲାରେ ପୁଲିସ ଯେଭଳି ଛାନଭିନ୍ କରୁଛି, ସେଥିରେ ଅନେକ ତ୍ରୁଟି ବିଚ୍ୟୁତି ରହୁଥିବା ଦଳ ତରଫରୁ ଅଭିଯୋଗ କରାଯାଇଛି ।

## ତେଲ ଟ୍ୟାଙ୍କର-ଲୋରି ଭୟଙ୍କର....

ହେଉଥିବା ସେ କହିଛନ୍ତି । ଶୁକ୍ରବାର ରାତିରେ ପୂର୍ବ ୱେଲିଙ୍ଗଟନ୍ ଉପକଣ୍ଠରେ ଥିବା ବ୍ୟସ୍ତବହୁଳ ଚୋଇଥ୍ରାମ ସୁପରମାର୍କେଟ ବାହାରେ ଥିବା ଏକ ଜଙ୍କସନ୍ରେ ଏହି ଦୁର୍ଘଟଣା ଘଟିଛି । ଏକ ରିପୋର୍ଟରେ କୁହାଯାଇଛି ଯେ, ଏଥିରେ ଏକ ବସ୍ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ନିକଟସ୍ଥ ଦୋକାନ ଏବଂ ମାର୍କେଟ ଷ୍ଟଲରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଉଛି ।

## କମିଲା ବସ୍ ....

କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତିଯେ ପୂର୍ବରୁ ଅର୍ଡିନାରି ବସ୍ରେ କିମି ପିଛା ଯାତ୍ରୀଙ୍କୁ ୯୨ ପଇସା ଦେବାକୁ ପଡୁଥିଲା । ନୂତନ ଦର ଅନୁସାରେ କିମି ପିଛା ୮୭ ପଇସା ଦେବାକୁ ପଡ଼ିବ । ସେହିଭଳି ଏକ୍ସପ୍ରେସ୍ ବସ ଭଡା କିମି ପିଛା ୯୬ ପଇସାରୁ ୯୧ ପଇସା କରି ଦିଆଯାଇଛି । ଡିଲକ୍ସ ବସ୍ ଭଡା ୧ଟଙ୍କା ୩୫ ପଇସାରୁ ୧ଟଙ୍କା ୨୫ ପଇସା ଏବଂ ଏସି ଡିଲକ୍ସ ବସ୍ ଭଡ଼ା କିମି ପିଛା ୧ଟା ୬୩ ପଇସାରୁ ୧ଟଙ୍କା ୫୩ ପଇସା ହୋଇଛି । ସେହିପରି ସୁପର ପ୍ରିମିୟମ୍ ବସ୍ ଭଡା ୨ଟଙ୍କା୫୩ ପଇସାରୁ ୨ଟଙ୍କା ୩୮ ପଇସାକୁ ହ୍ରାସ ପାଇଛି ।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

ଖଇରା,୦୬/୧୧ (ନି.ପ୍ର): ଶୁକ୍ରବାର ଅପରାହ୍ନରେ କିଛି ଅସାମାଜିକ ଯୁବକ ଖଇରା ବ୍ଲକ ଅଧୀନ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର କିଛି ଛାତ୍ରଙ୍କୁ ମାଡମାରି ଲହୁ ଲୁହାଣ କରିବା ପ୍ରତିବାଦରେ ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଶନିବାର ଛାତ୍ରୀଛାତ୍ର ମାନେ କଲେଜ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ଅଧକ୍ଷ ରାମଚନ୍ଦ୍ର ଭୂୟାଁ ପୋଲିସକୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶୃତି ଦେବା ପରେ ପିଲାମାନେ ଧାରଣାରୁ ଉଠିଥିଲେ । ଶୁକ୍ରବାର ଉକ୍ତ ବିଦ୍ୟାଳୟର ଛାତ୍ର ଆଲୋକ କୁମାର ରାଉତ ଓ ବିଜୟ କୁମାର ବେଜ ଅନ୍ୟ ଜଣେ ସହଯୋଗୀଙ୍କ ସହ କ୍ଲାସ ସାରି ଘରକୁ ଫେରୁଥିଲେ । ଅମ୍ବିକା ଛକ ନିକଟରେ ୨ଜଣ ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ଏକ ବାଇକରେ ଆସି ଛାତ୍ରମାନଙ୍କୁ ମାଡ ମାରି ଲହୁ ଲୁହାଣ କରିଥିଲେ । ପରେ ଛାତ୍ର ମାନେ ପୋଲିସକୁ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପ୍ରତିବାଦରେ ଛାତ୍ରୀଛାତ୍ର ମାନଙ୍କ ତରଫରୁ ଧାରଣା ଡାକରା ଦିଆଯାଇଥିଲା ।

# ନବଜାତ ଶିଶୁର ମୃତ୍ୟୁକୁ ନେଇ ହସ୍ପିଟାଲରେ ତୁମୁଳ କାଣ୍ଡ : ଡାକ୍ତର ଓ ଷ୍ଟାଫନର୍ସଙ୍କ ନାମରେ ମାମଲା



ଜଳେଶ୍ୱର, ୦୬/୧୧(ନିପ୍ର): ଭେଷଜ ବିଜ୍ଞାନରେ ବହୁ ପ୍ରଗତି ଘଟିଥିଲେ ମଧ୍ୟ ସମାଜରେ ଆଜିବି ଶିଶୁ ଜନ୍ମ ସମୟରେ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି । ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁଁ କେଉଁଠି ଫାର୍ମସିଷ୍ଟ ରୋଗୀ ଦେଖୁଛନ୍ତି ତ କେଉଁଠି ନର୍ସ ପ୍ରସବ କରୁଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁସୀତ ଜଳେଶ୍ୱର ବ୍ଲକର ରାଇବଣିଆ ଅଂଚଳରେ । ଗତକାଲି ଶୁକ୍ରବାର ମଧ୍ୟରାତ୍ରିରେ ଚମାର ଗାଁର ରାମଚନ୍ଦ୍ର ସାମଲଙ୍କ ସ୍ତ୍ରୀ ସଂଜିତା ସାମଲ(୧୯) ଗର୍ଭଯନ୍ତ୍ରଣ ହେବାରୁ ୧୦୮ ଆମ୍ବୁଲାନ୍ସରେ ହାତୀଗଡ ଡାକ୍ତରଖାନାକୁ ଯାଇଥିଲେ । ସେଠାରେ ଦାନ୍ତ ଡାକ୍ତର ମନୋଜ ମୁର୍ମୁ କାର୍ଯ୍ୟରତ ଥିଲେ ମଧ୍ୟ ରୋଗୀ ନିକଟକୁ ଆସିନଥିଲେ । ଗର୍ଭଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଆଜି ଶନିବାର ସକାଳେ ଜଣେ ଷ୍ଟାଫନର୍ସ ପ୍ରସବ କରୁଥିବାବେଳେ ଦାନ୍ତ ଡାକ୍ତର ସେଠାରେ ଉପସ୍ଥିତ ଥିଲେ । ପ୍ରସବ ସମୟରେ ଉଭୟ ମା ଓ ଶିଶୁ ସ୍ୱାଭାବିକ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପିଲାଟି ଜନ୍ମପରେ କାନ୍ଦୁଥିବା ଓ ପରେ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା । ବହୁ ସଂଖ୍ୟାରେ ସ୍ଥାନୀୟ ଅଂଚଳବାସୀ ଏକତ୍ରୀତ ହେବା ସହିତ ପାଟିତୁଣ୍ଡ ଓ ହୋ-ହାଲ୍ଲା କରିଥିଲେ । ପ୍ରସୁତି ଡାକ୍ତର ନ ଥିବାରୁ ଶିଶୁର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ପରିସ୍ଥିତିକୁ ଦେଖି ଡାକ୍ତରଖାନାରେ ପୁଲିସ୍ ମୁତୟନ ହୋଇଥିବା ଜଣାଯାଇଛି । ପରିବାର ପକ୍ଷରୁ ଡାକ୍ତର ଓ ନର୍ସଙ୍କ ବିରୋଧରେ ସିଡିଏମ୍ଓଙ୍କୁ ଲିଖିତ ଅଭିଯୋଗ କରିବା ସହିତ ରାଇବଣିଆ ଥାନାରେ ୭୨/୨୧ ନଂ କେସ୍ ମୂଳେ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ମେଡିକାଲ ଅଫିସର ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ପ୍ରସୂତି ଡାକ୍ତର ଅଜୟ ସାହୁ ଛୁଟିରେ ରହିଥିବା କାରଣରୁ ଷ୍ଟାଫନର୍ସ ପ୍ରସବ କରାଇଥିଲେ ।

# ଭାରତ-ପାକିସ୍ତାନ ଯୁଦ୍ଧ ବିଜୟର ସ୍ୱର୍ଣ୍ଣିମ ବର୍ଷ

## ସ୍ୱର୍ଣ୍ଣିମ ବିଜୟ ମଶାଲକୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ



ବାଲେଶ୍ୱର,୦୬/୧୧ (ନି.ପ୍ର): ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଭାରାତର ବିଜୟକୁ ୫୦ ବର୍ଷ ପୂରିଥିବା ବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ସମଗ୍ର ଦେଶରେ ପାଳିତ ହେଉଛି ସ୍ୱର୍ଣ୍ଣିମ ବିଜୟ ବର୍ଷ । ଏହି ପରିପ୍ରେକ୍ଷୀରେ ଦେଶ ବ୍ୟାପୀ ପରିକ୍ରମା କରୁଥିବା ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶନିବାର ବାଲେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି । ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ ମଶାଲକୁ ପ୍ରଶାସନ ଓ ଜିଲା ପୁଲିସ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ପୂର୍ବାଞ୍ଚଳ ପୁଲିସ ମହାନିରୀକ୍ଷକ ହିମାଂଶୁ ଲାଲ, ଏସପି ସୁଧାଂଶୁ ଶେଖର ମିଶ୍ର, ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଭବେଶ କୁମାର ନାୟକଙ୍କ ସମେତ ପ୍ରଶାସନ ଓ ଜିଲା ପୁଲିସର ବହୁ ଅଧିକାରୀ ଏଥିରେ ଯୋଗଦେଇ ମଶାଲକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ଏକ ସୁସଜ୍ଜିତ ଗାଡ଼ିରେ ଆସିଥିବା ଏହି ବିଜୟ ମଶାଲକୁ ରିଜର୍ଭ ପୁଲିସ ପଡ଼ିଆ ସ୍ଥାୟୀ ମଞ୍ଚରେ କିଛି ସମୟ ରଖଯାଇଥିଲା । ଏକ ଉଚ୍ଛ୍ୱାସିତ ପରିବେଶ ମଧ୍ୟରେ ଏହି ମଶାଲକୁ ସମସ୍ତେ ସ୍ୱାଗତ କରିଥିଲେ । ବାଲେଶ୍ୱର ରିଜର୍ଭ ପୁଲିସର ବ୍ୟାଣ୍ଡ ଟ୍ରୁପ ସମେତ ସଂସ୍କୃତି ବିଭାଗର ଏକାଧିକ ଦଳ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବିଜୟ ମଶାଲକୁ ସ୍ୱାଗତ ତଥା ସମ୍ମାନ ପ୍ରଦର୍ଶନ କରିଥିଲେ । ପୁଲିସର ବ୍ୟାଣ୍ଡବାଜା ସାଙ୍ଗକୁ ଢୋଲ ମାଦଳର ଶବ୍ଦରେ ରିଜର୍ଭ ପଡ଼ିଆ ସମ୍ମୁଖ ରାସ୍ତା ପ୍ରକମ୍ପିତ ହୋଇଥିବା ବେଳେ ରାସ୍ତା ଉପରେ ନୃତ୍ୟାଙ୍ଗନାଙ୍କ ପରିବେଶିତ ମନଲୋଭା ନୃତ୍ୟ ସମଗ୍ର ଅଞ୍ଚଳକୁ ବେଶ ଆକର୍ଷଣୀୟ କରିଥିଲା । ଏହି ବିଜୟ ମଶାଲ ଯାତ୍ରା ରିଜର୍ଭ ପଡ଼ିଆରୁ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ଅଭିମୁଖେ ଯାଇଥିଲା । ଏହି ମଶାଲ ଯାତ୍ରା ଯିବା ବେଳେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ପୁଷ୍ପ ବୃଷ୍ଟି କରିଥିଲେ । ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ସ୍ୱାଗତ-ସମ୍ମାନ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଡିଏସପି ମାନସ ଦେଓ, ସର୍ଜେଣ୍ଟ ରାଜୀବ ମାର୍ଣ୍ଡି ପରିଚାଳନା କରିଥିଲେ । ପରେ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପରିସରକୁ ନିଆଯାଇଥିଲା । ଏହି ଅବସରରେ ଡିଆରଡିଓ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧ ଉପରେ ପ୍ରସ୍ତୁତ ଏକ କ୍ଷୁଦ୍ର ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମେତ କାରଗିଲର "ଅପରେସନ ବିଜୟ", ଜାମ୍ମୁ କାଶ୍ମୀରର ଆତଙ୍କବାଦ ବିରୋଧୀ "ଅପରେସନ ରକ୍ଷକ", ଗତବର୍ଷ ଗଲୱାନ ଉପତ୍ୟକାରେ ହୋଇଥିବା ସଂଘର୍ଷ ଓ ଅପରେସନରେ ଭାଗ ନେଇଥିବା ସେନାନୀ ଏବଂ ଶହୀଦ ହୋଇଥିବା ବୀର ଯବାନ, ବୀର ନାରୀ (ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କ ପତ୍ନୀ)ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଉତ୍ତର ଓଡିଶାର ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝରର ୩୦ଜଣ ବୀର ଯବାନ ଏବଂ ବୀର ନାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧରେ ଭାଗ ନେଇଥିବା ମେଜର ଜେନେରାଲ ଆର.କେ.ସାହୁ, ଚାନ୍ଦିପୁର ଆଇଟିଆର ନିର୍ଦ୍ଦେଶକ ଏଚ.କେ.ରଥ, ଚାନ୍ଦିପୁର ପି.ଏକ୍ସ.ଇ. ନିର୍ଦ୍ଦେଶକ ଡି.କେ.ଯୋଶୀ, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଷ୍ଟେସନ ହେଡକ୍ୱାର୍ଟର ଏଡିଏମ, କମାଣ୍ଡାଣ୍ଟେ କର୍ଣ୍ଣେଲ ସତୀଶ କୁମାର, ପି.ଏକ୍ସ.ଇ ଅତିରିକ୍ତ ନିର୍ଦ୍ଦେଶକ(ଏମ.ଏ.) କର୍ଣ୍ଣେଲ ସୁମନ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଲେପଟାଣ୍ଟ କର୍ଣ୍ଣେଲ ଆର. ନାଗର, ଲେପଟାଣ୍ଟ କର୍ଣ୍ଣେଲ ଏସ. ରୋହିଲା, ଲେପଟାଣ୍ଟ କର୍ଣ୍ଣେଲ ଆର.କେ.ବଳ, ଲେପଟାଣ୍ଟ କର୍ଣ୍ଣେଲ ଇମ୍ରାନ ଖାନ, ଲେପଟାଣ୍ଟ କର୍ଣ୍ଣେଲ ବିନୟ ଗମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା କାଲି ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ବାଲେଶ୍ୱରରୁ ଜାମସେଦପୁର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଅକ୍ଟୋବର ୨୦ ତାରିଖରୁ ଏହି ବିଜୟ ମଶାଲ ଓଡିଶାର ବିଭିନ୍ନ ଜିଲା ପରିକ୍ରମା ପରେ ଶନିବାର ବାଲେଶ୍ୱରରେ ପହଞ୍ଚିଥିଲା । ୧୯୭୧ ମସିହା ଭାରତ ପାକିସ୍ତାନ ଯୁଦ୍ଧରେ ଭାରତ ଅଭୂତପୂର୍ବ ବିଜୟ ହାସଲ କରିଥିବା ବେଳେ ଏକ ସ୍ୱାଧୀନ ଦେଶ ଭାବେ ବାଂଲାଦେଶ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଥିଲା । ଏହି ଯୁଦ୍ଧର ବିଜୟକୁ ୫୦ ବର୍ଷ ପୂରିଥିବା ବେଳେ କେନ୍ଦ୍ର ଓ ପ୍ରତ୍ୟେକ ରାଜ୍ୟଙ୍କ ସହଯୋଗରେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ କରାଯାଉଛି ।

# ପେଟ୍ରୋଲ ଓ ଡିଜେଲ ଦର କମାଇ ଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ବିଜେପିର ଧନ୍ୟବାଦ

ବାରିପଦା,୦୬/୧୧ (ନି.ପ୍ର): କେନ୍ଦ୍ର ସରକାର ବୁଧୁବାର ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସସାଇଜ ବା ଉତ୍ପାଦନ ଟିକସ ଯଥାକ୍ରମେ ୫ ଟଙ୍କା ଓ ୧୦ ଟଙ୍କା କମାଇଛନ୍ତି । ସେହି ଅନୁସାରେ ତେଲ ଦର ଆଜି ପେଟ୍ରୋଲ ଲିଟର ପିଛା ୬.୬୦ ପଇସା ଓ ଡିଜେଲ ଲିଟର ପିଛା ୧୨.୮୦ ପଇସା କମିଥିବାରୁ କେନ୍ଦ୍ର ସରକାରଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ବିଜେପି ଶାସିତ ରାଜ୍ୟ ମାନଙ୍କର ପେଟ୍ରୋଲ ଡିଜେଲର ମୂଲ୍ୟ ୭ ଟଙ୍କାରୁ ୧୨ ଟଙ୍କା ପର୍ଯ୍ୟନ୍ତ କମାଇଥିବା ବେଳେ ଓଡିଶା ସରକାର ୩ ଟଙ୍କା କମାଇ ଦେଇ ନିଜର ବାହାବା ନେବାପାଇଁ ପ୍ରୟାସ କରିଛନ୍ତି ବୋଲି ବିଜେପି ଅଭିଯୋଗ ମଧ୍ୟ ଆଣିଛି । ରାଜ୍ୟ ସରକାର ସର୍ବନିମ୍ନ ପେଟ୍ରୋଲ ଉପରେ ୧୦ ଟଙ୍କା ଡିଜେଲ ଉପରେ ୨୦ ଟଙ୍କା କମାଇଲେ ଦର ବୃଦ୍ଧି ନିୟନ୍ତ୍ରଣକୁ ଆସିବ ଓ ଓଡିଶା ବାସୀ ଉପକୃତ ହେବେ ବୋଲି କୁହାଯାଇଛି । ପ୍ରକାଶ ଥାଉକି, ଓଡିଶା ସରକାର ତୈଳରୁ ଏହିବର୍ଷ ୫୦୦ ରୁ ୬୦୦ କଟି ଟଙ୍କା ଟିକସ ଆଦାୟ କରିଛନ୍ତି । ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ ସହରାଂଚଳ କମିଟି ସଂଯଯାକ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ତଥା ରାଜ୍ୟ ଉପସଭାପତି ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡାକ୍ତର ବୁଢ଼ାନ ମୁର୍ମୁ, ରାଜ୍ୟ କାର୍ଯ୍ୟ କରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ପରେଶ ଚନ୍ଦ୍ର ମହାନ୍ତ, ସୁନୀଲ ଦାଶ, ପ୍ରଦୀପ ମହାନ୍ତି, ପ୍ରଦୀପ ପରିଡା, କବି ବିଷ୍ଣୁ ଶତପଥୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, ବିଜୟ ଦାସ, ସୁବାଶିଷ ମହାନ୍ତି, ସମ୍ପାଦକ କୁମାର ମଙ୍ଗଳମ ଯୁବ ସଭାପତି ବଳରାମ ସାହୁ, ମହିଳା ସଭାପତି ସରଜିନୀ କିସ୍କୁ, କୃଷକ ମୋର୍ଚ୍ଚା ସଭାପତି ଶିରିଷ ଚନ୍ଦ୍ର ମହାନ୍ତ, ଏସଟି ମୋର୍ଚ୍ଚା ସଭାପତି କାଳୀ ଚରଣ ନାୟକ, ଏସସି ମୋର୍ଚ୍ଚା ସଭାପତି ଦୀପକ ବେହେରା ଓବିସି ମୋର୍ଚ୍ଚା ସଭାପତି ବ୍ରଜ ମୋହନ ବେହେରା, ପ୍ରକାଶ ଅଗ୍ରୱାଲ, ଦୀନେଶ ଦାସ, ସୁମନ ସିଂ, ଶୋଭାବତୀ ଓତା, କୌଶଲ୍ୟା ନାୟକ, ପାୟଲ ରାୟ ଓ ସସ୍ମିତା ପୃଷ୍ଟି ପ୍ରମୁଖ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୈଳ ଦର କମାଇ ଥିବାରୁ ମୟୁରଭଞ୍ଜ ଜିଲ୍ଲା ତରଫରୁଧନ୍ୟବାଦ ଜଣାଇଥିବା ଜିଲ୍ଲା ସଭାପତି ଶ୍ରୀ ସୋରେନ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

